୬ ସିଏସ୍‌କେର ଅଧିନାୟକ ପଦ ଛାଡ଼ିଲେ ଧୋନି




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା
The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୫୬ ● ୨୨ ମାର୍ଚ୍ଚ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-56 ● 22nd March 2024, Friday ● Bhubaneswar

Licensed to post without pre-payment of postage No- BN-60/22-24


# ଇଲେକ୍ଟୋରାଲ ବଣ୍ଡ ସମ୍ପର୍କିତ ସବୁ ତଥ୍ୟ ପ୍ରଦାନ କରିଛୁ, ଷ୍ଟେଟବ୍ୟାଙ୍କର ସତ୍ୟପାଠ




**ନୂଆଦିଲ୍ଲୀ, ୨୧।୩**

ବାରମ୍ବାର ସୁପ୍ରିମକୋର୍ଟଙ୍କ ତାଗିଦ୍ ପରେ ଚେତିଛି ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ବା ଏସବିଆଇ। ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶ ପରେ ଗୁରୁବାର ଏସ୍‌ବିଆଇ ପକ୍ଷରୁ କ୍ରମିକ ସଂଖ୍ୟା ସହ ନିର୍ବାଚନ ବଣ୍ଡର ବିସ୍ତୃତ ତଥ୍ୟ ନିର୍ବାଚନ କମିଶନଙ୍କୁ ଦିଆଯାଇଛି।

ଏସ୍‌ବିଆଇ ଦେଇଥିବା ତଥ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବଣ୍ଡର ସିରିଏଲ ନମ୍ବର ବା ୟୁନିକ ବା ସ୍ୱତନ୍ତ୍ର ନମ୍ବର ରହିଛି। ଏହି ନମ୍ବର ଦ୍ୱାରା କେଉଁ ଦାନଦାତା କେଉଁ ରାଜନୈତିକ ଦଳକୁ କେତେ ପରିମାଣର ଚାନ୍ଦା ଦେଇଛନ୍ତି, ସେକଥା ଜଣାପଡ଼ିବ।

ଗୁରୁବାର ଏସ୍‌ବିଆଇ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରି ନିର୍ବାଚନୀ ବଣ୍ଡ ସଂକ୍ରାନ୍ତ ତଥ୍ୟ ଇସିଙ୍କୁ ଦିଆଯାଇଥିବା କହିଛି। ଉକ୍ତ ସତ୍ୟପାଠରେ ଗୋଟିଏ ପଏଣ୍ଟରେ ଏସବିଆଇ କହିଛି ଯେ ବ୍ୟାଙ୍କ ବର୍ତ୍ତମାନ ସମସ୍ତ ତଥ୍ୟ ସାର୍ବଜନୀନ କରି ସାରିଛି।

ସମ୍ପୂର୍ଣ୍ଣ ଆକାଉଣ୍ଟ ନମ୍ବର ଓ ସୂଚନାକୁ ଛାଡ଼ିଆଉ କୌଣସି ତଥ୍ୟ ଜାରି କରିବାକୁ ବ୍ୟାଙ୍କ ପାଖରେ ନାହିଁ। ଏହାର ଅର୍ଥ ନିର୍ବାଚନ କମିଶନ ୱେବସାଇଟରେ ଖୁବଶୀଘ୍ର ଏସ୍‌ବିଆଇ ଦେଇଥିବା ତଥ୍ୟ ଅପଲୋଡ ହେବ।

ଏହାପରେ ୟୁନିକ ନମ୍ବରକୁ ମେଳ କରି ଜଣେ ନିର୍ବାଚନୀ ବଣ୍ଡ ଜରିଆରେ କେଉଁ ସଂସ୍ଥା କେଉଁ ରାଜନୈତିକ ଦଳକୁ କେତେ ପରିମାଣର ଚାନ୍ଦା ଦେଇଛନ୍ତି, ସେକଥା ଜାଣିପାରିବେ । ବ୍ୟାଙ୍କ ଦେଇଥିବା ତଥ୍ୟ ଖୁବଶୀଘ୍ର ଇସିଙ୍କ ୱେବସାଇଟରେ ଉପଲବ୍ଧ ହେବ ବୋଲି ଜଣାପଡ଼ିଛି।

୧୮ ତାରିଖ ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଏସବିଆଇକୁ କଡ଼ା ଭାଷାରେ ସମାଲୋଚନା କରିଥିଲେ। ସୁପ୍ରିମକୋର୍ଟ କହିଥିଲେ ଯେ ମାର୍ଚ୍ଚ ୧୧ର ନିଷ୍ପତ୍ତିରେ ସ୍ପଷ୍ଟ ଭାବେ କୁହାଯାଇଥିଲା ଯେ ବଣ୍ଡର ସମ୍ପୂର୍ଣ୍ଣ ବିବରଣୀ, କ୍ରୟ ତାରିଖ, କ୍ରେତାଙ୍କ ନାମ ଓ ବଣ୍ଡ ନମ୍ବର ଓ ଅର୍ଥ ଗ୍ରହଣ କରିଥିବା ଦଳ ସଂପର୍କରେ ସୂଚନା ସାର୍ବଜନୀନ କରାଯାଉ। କିନ୍ତୁ ଏସ୍‌ବିଆଇ ଏହାକୁ ଉଲ୍ଲଂଘନ କରି ପୂର୍ଣ୍ଣାଙ୍ଗ ସୂଚନା ଦେଇନାହିଁ । ସେମାନଙ୍କୁ ବଣ୍ଡ ନମ୍ବର ଦେବାକୁ ହିଁ ହେବ ବୋଲି ପ୍ରଧାନ ବିଚାରପତି ନିର୍ଦ୍ଦେଶ ଦେଇଥିଲେ।

ଗୁରୁବାର ସନ୍ଧ୍ୟା ୫ଟା ସୁଦ୍ଧା ଏ ସମ୍ପର୍କରେ ଗୋଟିଏ ସତ୍ୟପାଠ ଦେବାକୁ ମଧ୍ୟ ଏସବିଆଇ ଚେୟାରମ୍ୟାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ସହିତ ଯେଉଁ ତଥ୍ୟ ଷ୍ଟେଟ ବ୍ୟାଙ୍କ ଦେଇଛି, ତାକୁ ୱେବସାଇଟରେ ପ୍ରକାଶ କରିବାକୁ ନିର୍ବାଚନ କମିଶନଙ୍କୁ ମଧ୍ୟ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁସାରେ ଗୁରୁବାର ଏସ୍‌ବିଆଇ ପକ୍ଷରୁ ଇସିଙ୍କୁ ତଥ୍ୟ ଦିଆଯାଇଛି।

# ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କଲା ଇଡି

**ନୂଆଦିଲ୍ଲୀ, ୨୧।୩**

ଅବକାରୀ ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରିଛି ପ୍ରତିଭୂତି ନିର୍ଦ୍ଦେଶାଳୟ (ଇଡି)। ତେବେ ମୁଖ୍ୟମନ୍ତ୍ରୀ ପଦରୁ ସେ ଇସ୍ତଫା ଦେବେ ନାହିଁ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଏହା ବିରୋଧରେ କେଜ୍ରିୱାଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଗୁରୁବାର ଦିଲ୍ଲୀ ହାଇକୋର୍ଟ କେଜ୍ରିୱାଲଙ୍କୁ ଅନ୍ତରୀଣ ସୁରକ୍ଷା ଦେବାକୁ ମନା କରିବା ପରେ ଇଡି ଟିମ ତାଙ୍କ ସରକାରୀ ବାସଭବନରେ ପହଞ୍ଚିଥିଲା। ଇଡି ପକ୍ଷରୁ ପ୍ରଥମେ ତାଙ୍କ ବାସଭବନକୁ ଯାଞ୍ଚ କରାଯାଇଥିଲା। ଏହି ସମୟରେ ଇଡି ପକ୍ଷରୁ ତାଙ୍କୁ ୧୦ମ ସମନ ଦିଆଯାଇଥିଲା। ପୂର୍ବରୁ ୯ ଥର ସମନ ଦିଆଯାଇଥିଲେ ବି କେଜ୍ରିୱାଲ ଇଡିରେ ହାଜର ହୋଇନଥିଲେ।



କେଜ୍ରିୱାଲଙ୍କ ଗିରଫଦାରୀକୁ ବିରୋଧ କରିଛନ୍ତି କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧି। ଏକ୍ସରେ ସେ ଲେଖିଛନ୍ତି ଯେ, ନିର୍ବାଚନ ପୂର୍ବରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଟାର୍ଗେଟ କରିବା ସମ୍ପୂର୍ଣ୍ଣ ଭୁଲ ଏବଂ ଅସାମ୍ବିଧାନିକ । ରାଜନୀତିର ସ୍ତରକୁ ଏଭଳି ଭାବରେ ହ୍ରାସ କରିବା ପ୍ରଧାନମନ୍ତ୍ରୀ କିମ୍ବା ତାଙ୍କ ସରକାରଙ୍କ ପାଇଁ ଶୋଭା ଦେଉନାହିଁ ବୋଲି ସେ କହିଛନ୍ତି।

## ବୁର୍ଲା ଭିସୁଟରେ କୁଳପତିଙ୍କ କଡ଼ା ନିର୍ଦ୍ଦେଶ ଛାତ୍ରଛାତ୍ରୀ ପିନ୍ଧି ପାରିବେନି ଛୋଟ ପୋଷାକ



**ସମ୍ବଲପୁର, ୨୧।୩ : ନ୍ୟୁଜ୍ ବ୍ୟୁରୋ**

ବୁର୍ଲା ସ୍ଥିତ ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତିଙ୍କ କଡ଼ା ନିର୍ଦ୍ଦେଶ। ଛାତ୍ରଛାତ୍ରୀ ପିନ୍ଧି ପାରିବେନି ଛୋଟ ପୋଷାକ। ଛାତ୍ରଛାତ୍ରୀଙ୍କ ଲାଗି ଏହି କଡା ନୋଟିସ ଜାରି କରିଛନ୍ତି ବିଶ୍ୱବିଦ୍ୟାଳୟ କୁଳପତି। ଆଗକୁ ଭିସୁଟର ବସନ୍ତ ଉତ୍ସବ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ସାଂସ୍କୃତିକ କାର୍ଯ୍ୟକ୍ରମରେ ଛୋଟ ପୋଷାକ ପରିଧାନ କରି ବିଶ୍ୱବିଦ୍ୟାଳୟ ପରିସରକୁ ଆସିବା ଉପରେ କଟକଣା ଲଗାଯାଇଛି। ପାରମ୍ପରିକ ପୋଷାକ ପିନ୍ଧି ଆସିବା ପାଇଁ କୁଳପତି ନୋଟିସ ଜାରି କରିଛନ୍ତି। ଯଦି ଛାତ୍ରଛାତ୍ରୀ ଏହି ନିର୍ଦ୍ଦେଶର ଉଲ୍ଲଂଘନ କରନ୍ତି ତେବେ ସେମାନଙ୍କୁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ପ୍ରବେଶ ପାଇଁ ଅନୁମତି ଦିଆଯିବ ନାହିଁ। ଏହାସହ ଛାତ୍ରଛାତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ଦ୍ଦେଶରେ ଉଲ୍ଲେଖ ରହିଛି।

# ଅରୁଣାଚଳ ପ୍ରଦେଶ ଭାରତର ଅଂଶ : ଆମେରିକା



**ୱାଶିଂଟନ, ୨୧।୩**

ଆମେରିକା ଅରୁଣାଚଳ ପ୍ରଦେଶକୁ ଭାରତୀୟ ଅଞ୍ଚଳ ଭାବେ ମାନ୍ୟତା ଦେବା ସହ ବାସ୍ତବ ନିୟନ୍ତ୍ରଣ ରେଖା ନିକଟରେ ଅଞ୍ଚଳ ଦାବି ପାଇଁ ହେଉଥିବା (ଚୀନର) ପ୍ରୟାସକୁ ଦୃଢ଼ ବିରୋଧ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତକୁ ନେଇ ଅରୁଣାଚଳ ପ୍ରଦେଶ ଉପରେ ଚୀନ ସେନା ନିଜର ଦାବି ଦୋହରାଇବାର କିଛି ଦିନ ପରେ ଆମେରିକାର ଜଣେ ସରକାରୀ ମୁଖପାତ୍ର ଏହି ମନ୍ତବ୍ୟ ଦେଇଛନ୍ତି।

ଆମେରିକୀୟ ବୈଦେଶିକ ବିଭାଗର ପ୍ରମୁଖ ଉପମୁଖପାତ୍ର ବେଦାନ୍ତ ପଟେଲ ତାଙ୍କ ଦୈନିକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଆମେରିକା ଅରୁଣାଚଳ ପ୍ରଦେଶକୁ ଭାରତୀୟ ଅଞ୍ଚଳ ଭାବେ ସ୍ୱୀକୃତି ଦେଇଛି ଏବଂ ବାସ୍ତବ ନିୟନ୍ତ୍ରଣ ରେଖାରେ ସାମରିକ କିମ୍ବା ବେସାମରିକ ଅନୁପ୍ରବେଶ କିମ୍ବା ଜବରଦଖଲ ମାଧ୍ୟମରେ ଆଞ୍ଚଳିକ ଦାବି ହାସଲ କରିବାକୁ ଏକତରଫା ପ୍ରୟାସକୁ *(ପୃଷ୍ଠା ୭ରେ)*

## ମାର୍ଚ୍ଚ ଶେଷ ବେଳକୁ ତାପମାତ୍ରା ୪୦ ଡ଼ିଗ୍ରୀ ଛୁଇଁବ



**ଭୁବନେଶ୍ୱର, ୨୧।୩**
**ନ୍ୟୁଜ୍ ବ୍ୟୁରୋ**

ଅଦିନିଆ ମେଘ ଗଲା, ଏବେ ବଢ଼ିବ ତାତି ! ଅସମ୍ଭାଳ ହେବ ସ୍ଥିତି। ଆଗାମୀ ୩ ଦିନ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ଦିନ ତାପମାତ୍ରାରେ ୮ରୁ ୧୦ ଡ଼ିଗ୍ରୀ ଯାଏଁ ବୃଦ୍ଧି ହେବାର ସମ୍ଭାବନା ରହିଛି ତଥା ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାର କେତେକ ଅଞ୍ଚଳରେ ମାର୍ଚ୍ଚ ମାସ ଶେଷ ବେଳକୁ ତାପମାତ୍ରା ୪୦ ଡ଼ିଗ୍ରୀ ଯାଏଁ ରେକର୍ଡ ହେବାର ସମ୍ଭାବନା ରହିଛି । ଏନେଇ ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ ଅନୁସାରେ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପାଗ ଶୁଖିଲା ରହିବ। ୨୫ ତାରିଖରେ ପଶ୍ଚିମା ଝଡ଼ ପ୍ରଭାବରେ ସୁନ୍ଦରଗଡ଼, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲା ହାଲ୍‌କା ବର୍ଷା ହେବାର ସମ୍ଭାବନା ରହିଛି। ୨୬ ଓ ୨୭ ତାରିଖରେ ପାଗ ଶୁଖିଲା *(ପୃଷ୍ଠା ୭ରେ)*



TATA MOTORS
Light Commercial Vehicles Dealers
24 hours help line :
Sales : 7873770000


# କେନ୍ଦ୍ର ସରକାରଙ୍କୁ ବଡ଼ ଝଟ୍‌କା, ଫ୍ୟାକ୍ଟ ଚେକ୍ ୟୁନିଟ ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୧।୩**

ପିଆଇବିର ଫ୍ୟାକ୍ଟ ଚେକ ୟୁନିଟ ଉପରେ ରୋକ୍ ଲଗାଇଛନ୍ତି ସୁପ୍ରିମକୋର୍ଟ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏନେଇ ବିଜ୍ଞପ୍ତି ଜାରି କରାଯାଇଛି। ଏହାପରେ ଏହି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ଗୁରୁବାର ଫ୍ୟାକ୍ଟ ଚେକ ୟୁନିଟ୍(ଏଫସିୟୁ) ଉପରେ ରୋକ ଲଗାଯାଇଛି। ଭାରତର ମୁଖ୍ୟ ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ, ବିଚାରପତି ଜେ.ବି ପାରଦୀୱାଲା, ମନୋଜ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଏହାକୁ ଅଭିବ୍ୟକ୍ତି ସ୍ୱତନ୍ତ୍ରତା ସମ୍ବନ୍ଧୀୟ ବୋଲି କହିବା ସହ ରୋକ୍ ଲଗାଇଛନ୍ତି।

ପ୍ରକାଶ ଯେ, ଆଇଟି ନିୟମ ୨୦୨୧ ଅଧୀନରେ ପିଆଇବି ଫ୍ୟାକ୍ଟ ଚେକ ୟୁନିଟକୁ ନେଇ ସରକାର ବଡ଼ ଘୋଷଣା କରିଥିଲେ। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ (ଆଇବିଏମ୍) ଅଧୀନସ୍ଥ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ର ଫ୍ୟାକ୍ଟ ଚେକ ୟୁନିଟ (ଏଫସିୟୁ) କେନ୍ଦ୍ର ସରକାରଙ୍କ ଫ୍ୟାକ୍ଟ ଚେକ ୟୁନିଟ ବା ତଥ୍ୟ ଯାଞ୍ଚ ସଂସ୍ଥା ଭାବେ କାର୍ଯ୍ୟ କରିବ ବୋଲି ଭାରତ *(ପୃଷ୍ଠା ୭ରେ)*




# ହୋଲି ପୂର୍ବରୁ ରେଲୱେର ଉପହାର: ଯାତ୍ରୀ ଭଡ଼ା ହେଲା ଶସ୍ତା

**ନୂଆଦିଲ୍ଲୀ, ୨୧।୩**

ରେଳଯାତ୍ରୀଙ୍କ ପାଇଁ ଖୁସି ଖବର ଆସିଛି। ହୋଲି ପୂର୍ବରୁ ରେଳବାଇ ପକ୍ଷରୁ ଯାତ୍ରୀମାନଙ୍କୁ ଉପହାର ପ୍ରଦାନ କରଯାଇଛି । ରେଳବାଇ ପକ୍ଷରୁ ଯାତ୍ରୀ ଭଡ଼ା ୪୦ରୁ ୫୦ ପ୍ରତିଶତ ଶସ୍ତା ହୋଇଥିବା ନେଇ ଘୋଷଣା କରାଯାଇଛି। ଉତ୍ତର ରେଳବାଇ ପକ୍ଷରୁ ଟିକେଟ ଦର କମ କରାଯାଇଥିବା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। ରେଳବାଇ ଅନୁସାରେ କଶ୍ମୀର ଘାଟି ଅଭିମୁଖେ ଯାତ୍ରା କରୁଥିବା ଟ୍ରେନ ଗୁଡ଼ିକର ଯାତ୍ରୀ ଭଡ଼ା କମ କରାଯାଇଛି।

ନୂଆ ଟିକେଟ ଦର ତତ୍କାଳ ଲାଗୁ କରାଯାଇଥିବା ଉତ୍ତର ରେଳବାଇ ପକ୍ଷରୁ କୁହାଯାଇଛି। ଦ୍ୱିତୀୟ ଶ୍ରେଣୀ ଯାତ୍ରୀ ଭଡ଼ାରେ ୪୦ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରାଯାଇଥିବା ଉତ୍ତର ରେଳବାଇ ପକ୍ଷରୁ କୁହାଯାଇଛି। ଟ୍ରେନ ଯାତ୍ରାକୁ ସାଧାରଣ ଲୋକଙ୍କ ପାଇଁ ସହଜ କରିବା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଉତ୍ତର ରେଳବାଇ ପକ୍ଷରୁ କୁହାଯାଇଛି।



କରୋନା ମହାମାରୀ ସମୟରେ ଯାତ୍ରୀ ଭଡ଼ା ବୃଦ୍ଧି କରାଯାଇଥିଲା । ଏବେ ଏହାକୁ କମ କରାଯାଇ କରୋନା ପୂର୍ବରୁ ଥିବା ଯାତ୍ରୀ ଭଡ଼ା ସହିତ ସମାନ କରାଯାଇଥିବା ଉତ୍ତର ରେଳବାଇ ପକ୍ଷରୁ *(ପୃଷ୍ଠା ୭ରେ)*

# ଓଡ଼ିଶାର ୨ ଏସ୍‌ପି ଓ ଜଣେ ଜିଲ୍ଲାପାଳଙ୍କୁ ବଦଳି ନିର୍ଦ୍ଦେଶ ଦେଲେ ଇସିଆଇ

**ଭୁବନେଶ୍ୱର, ୨୧।୩**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ୨ ଜଣ ଏସପି ଓ ଜଣେ ଜିଲ୍ଲାପାଳଙ୍କୁ ବଦଳି ପାଇଁ ନିର୍ଦ୍ଦେଶ ଦେଇଛନ୍ତି ନିର୍ବାଚନ କମିଶନ। ବଦଳିବେ ଢେଙ୍କାନାଳ ଜିଲ୍ଲାପାଳ ଓ ଦେବଗଡ ଏସପି । କଟକ ଗ୍ରାମାଞ୍ଚଳ ଏସପିଙ୍କୁ ମଧ୍ୟ ବଦଳି ନିର୍ଦ୍ଦେଶ ଦିଆଯାଇଛି। ସାଧାରଣ ନିର୍ବାଚନ ପୂର୍ବରୁ ବଦଳି ପାଇଁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ନିର୍ବାଚନ କମିଶନ। ଗୁଜରାଟ, ପଞ୍ଜାବ, ଓଡ଼ିଶା ଓ ପଶ୍ଚିମବଙ୍ଗ ଭଳି ୪ଟି ରାଜ୍ୟରେ ଜିଲ୍ଲା ମାଜିଷ୍ଟ୍ରେଟ ଓ ଏସପି ପଦବୀରେ ଅବସ୍ଥାପିତ ଅଣ-କ୍ୟାଡର ଅଧିକାରୀଙ୍କ ବଦଳି ଆଦେଶ ଜାରି କରିଛି ନିର୍ବାଚନ ଆୟୋଗ । ବଦଳି ହେବାକୁ ଥିବା ଅଧିକାରୀମାନେ ହେଉଛନ୍ତି ଗୁଜୁରାଟର ଛୋଟା ଉଦୟପୁର ଏବଂ ଅହମ୍ମଦାବାଦ ଗ୍ରାମୀଣ ଜିଲ୍ଲାର ଏସପି ।




ପଞ୍ଜାବର ପଠାନକୋଟ, ଫାଜିଲକା ଜଳନ୍ଧର ଗ୍ରାମୀଣ ଏବଂ ମାଲେରକୋଟଲା ଜିଲ୍ଲାର ଏସଏସପି । ଢେଙ୍କାନାଳର ଜିଲ୍ଲାପାଳ ଏବଂ ଓଡ଼ିଶାର ଦେବଗଡ଼ ଓ କଟକ ଗ୍ରାମାଞ୍ଚଳର ଏସପି ଏବଂ ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର, ଝାରଗ୍ରାମ, ପୂର୍ବ ବର୍ଦ୍ଧମାନ ଓ ବୀରଭୂମ ଜିଲ୍ଲାର ଜିଲ୍ଲାପାଳଙ୍କ ବଦଳି ପାଇଁ ନିର୍ବାଚନ କମିଶନର ନିର୍ଦ୍ଦେଶ ଦେଇଛନ୍ତି । ଏହାବ୍ୟତୀତ ନିର୍ବାଚିତ ରାଜନୈତିକ ପ୍ରତିନିଧିଙ୍କ ସହ ସେମାନଙ୍କର ସମ୍ପର୍କ କିମ୍ବା ପାରିବାରିକ ସମ୍ପର୍କକୁ ଦୃଷ୍ଟିରେ ରଖି ପଞ୍ଜାବର ଏସଏସପି ଭଟିଣ୍ଡା ଏବଂ ଆସାମର ଏସପି ସୋନିତପୁରଙ୍କୁ ବଦଳି କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

## ସେକ୍ସ ଲାଇଫକୁ ଖରାପ କରିବ କରୋନା !

**ନୂଆଦିଲ୍ଲୀ, ୨୧।୩**

କରୋନା କାରଣରୁ କେବଳ ଏହି ପିଢ଼ି ନୁହେଁ ଆଗାମୀ ପିଢ଼ି ମଧ୍ୟ ପ୍ରଭାବିତ ହେବ। କାରଣ ଏହି ଭାଇରସ ପୁରୁଷଙ୍କ ସେକ୍ସ ହରମୋନ ଉପରେ ପ୍ରଭାବ ପକାଉଛି । ସେମାନଙ୍କୁ ନପୁଂସକ କରୁଛି କରୋନା।

ଏହା କାରଣରୁ ପୁରୁଷଙ୍କ ଅଣ୍ଡକୋଷ ଖରାପ ହେଉଛି । ଏହା ସହ ସେମାନଙ୍କ ଉତ୍ତେଜନାରେ କମି ଆସୁଛି । ଏଭଳି ଦାବି କରିଛି ଉହାନର ଏକ ବିଶ୍ୱବିଦ୍ୟାଳୟ।

ଉହାନ ବିଶ୍ୱବିଦ୍ୟାଳୟର ଝୋଂନାନ ହସ୍ପିଟାଲରେ କରାଯାଇଥିବ ରିସର୍ଚ୍ଚରୁ ଏହା ଜଣାପଡିଛି । ମେଡରିକ୍ସଭି.ଓଆରଜିରେ ଏହି ରିପୋର୍ଟ ପ୍ରକାଶିତ ହୋଇଛି । କରୋନା ଦ୍ୱାରା ସଂକ୍ରମିତ ୮୧ ଜଣ ପୁରୁଷଙ୍କ ଉପରେ କରାଯାଇଥିବା ସର୍ବେକ୍ଷଣରୁ *(ପୃଷ୍ଠା ୭ରେ)*

## ଏକାଳ ସକାଳ



ଆଇପିଏଲ ଆଜିଠୁ ଆରମ୍ଭ
ମତୁଆଲା ଟୋକିଟୋକା
ମନପସନ୍ଦର ତାରକା ଖେଳାଳି
ମାରୁଥିବେ ଖାଲି ଛକ୍କା
ମନୋରଞ୍ଜନଟା ପକ୍କା
ହେଲେ ଧୋନୀଙ୍କ ପଦ ଛାଡିବାଟା
ଦେଲା ଗୋଟେ ଶକ୍ତ ଧକ୍କା।

# ୯୫ ବିଧାୟକ କୋଟିପତି, ୪୭ ଜଣଙ୍କ ନାଁରେ ସଙ୍ଗୀନ ଅପରାଧିକ ମାମଲା

**ଭୁବନେଶ୍ୱର, ୨୧।୩**
**ନ୍ୟୁଜ୍ ବ୍ୟୁରୋ**

୨୦୨୪ ମସିହା ମାର୍ଚ୍ଚ ୧୫ ତାରିଖ ସୁଦ୍ଧା ଓଡ଼ିଶା ବିଧାନସଭାରେ ସମୁଦାୟ ୧୪୬ ଜଣ ବିଧାୟକ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୯୫ ଜଣ ଅର୍ଥାତ୍ ୬୫ ପ୍ରତିଶତ କୋଟିପତି ବିଧାୟକ ଅଛନ୍ତି। ଏହା ବ୍ୟତୀତ ୬୫ଜଣ ବିଧାୟକଙ୍କ ନାମରେ ଅପରାଧିକ ମାମଲା ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୪୭ଜଣଙ୍କ ନାମରେ ଗୁରୁତର ବା ସଙ୍ଗୀନ ଅପରାଧିକ ମାମଲା ରହିଛି। ଆସୋସିଏସନ୍ ଫର ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର)ର ସଦ୍ୟତମ ରିପୋର୍ଟରେ ଏହି ସୂଚନା ଦିଆଯାଇଛି।

ଗୁରୁତର ଅପରାଧିକ ମାମଲା ରହିଥିବା ୪୭ଜଣ ବିଧାୟକଙ୍କ ମଧ୍ୟରେ ବିଜେଡ଼ିର ୨୮ ପ୍ରତିଶତ, କଂଗ୍ରେସର ୫୦ ପ୍ରତିଶତ ଓ ବିଜେପିର ୪୧ ପ୍ରତିଶତ ବିଧାୟକଙ୍କ ନାମ ରହିଛି। ସେହିପରି ୨ ଜଣ ସ୍ୱାଧୀନ ଓ ଜଣେ ସିପିଏମ୍ ବିଧାୟକଙ୍କ ନାମରେ ମଧ୍ୟ ସଙ୍ଗୀନ ଅପରାଧିକ ମାମଲା ରହିଛି। କଂଗ୍ରେସ ବିଧାୟକ ରମେଶ ଜେନାଙ୍କ ନାମରେ ସର୍ବାଧିକ ୫୧ଟି ମାମଲା ରହିଛି। ୧୨ଜଣ ବିଧାୟକଙ୍କ ନାମରେ ମହିଳା ହିଂସା ମାମଲା ରହିଛି।

ଏଡିଆର *(ପୃଷ୍ଠା ୭ରେ)*

# ହ୍ୱାଟ୍ସଆପ୍‌ରେ ବିକଶିତ ଭାରତ ବାର୍ତ୍ତା ପଠାଇବା ବନ୍ଦ କରିବାକୁ କେନ୍ଦ୍ରକୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୨୧।୩**

ଗୁରୁବାର ଭାରତୀୟ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର କେନ୍ଦ୍ର ସରକାରଙ୍କୁ ହ୍ୱାଟ୍ସଆପ୍‌ରେ ବିକଶିତ ଭାରତ ବାର୍ତ୍ତା ପଠାଇବା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚନ ଆଚରଣ ବିଧି ଲାଗୁ ହେବା ସତ୍ତ୍ୱେ□ ସରକାରଙ୍କ ତରଫରୁ ବିକଶିତ ଭାରତ ନାଁରେ ଲୋକଙ୍କ ନିକଟକୁ ହ୍ୱାଟ୍ସଆପ ବାର୍ତ୍ତା ପଠାଯାଉଥିବା ଅଭିଯୋଗ କରିଥିଲେ ବିରୋଧୀ । ଏହି ବାର୍ତ୍ତାରେ ସରକାର ନିଜର ବିଭିନ୍ନ ଯୋଜନା ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ତେବେ ଏହା ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ଦର୍ଶାଇ କାର୍ଯ୍ୟାନୁଷ୍ଠାନ ନେବାକୁ ବିରୋଧୀ ଦଳ ନିର୍ବାଚନ କମିଶନଙ୍କ ନିକଟରେ ଦାବି କରିଥିଲେ। କେନ୍ଦ୍ର ଆଇଟି ମନ୍ତ୍ରଣାଳୟ ନିର୍ବାଚନ *(ପୃଷ୍ଠା ୭ରେ)*







## ଜିଲ୍ଲା ସ୍ତରୀୟ ବିଶ୍ୱ ଖାଉଟି ସୁରକ୍ଷା ଦିବସ ପାଳିତ

# ସଚେତନତା ହିଁ ଖାଉଟି ସୁରକ୍ଷାର ଚାବିକାଠି



**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଉପନିୟନ୍ତ୍ରକ, ବୈଧ ମାପ ବିଜ୍ଞାନ ଭଦ୍ରକ କାର୍ଯ୍ୟାଳୟର ସଂଯୋଜନାରେ ଇଚ୍ଛାପୁର, ଭଦ୍ରକର ସଂଗଠନ 'ପେଡ଼' ଦ୍ୱାରା ଆୟୋଜିତ ଭଦ୍ରକ ଜିଲ୍ଲା ସ୍ତରୀୟ ବିଶ୍ୱ ଖାଉଟି ଦିବସ ଜିଲ୍ଲା ସଂସ୍କୃତି ଭବନରେ ପାଳିତ ହୋଇଯାଇଛି। ପ୍ରତିଦିନ ପ୍ରତିମୁହୂର୍ତ୍ତରେ ଆମର ଆବଶ୍ୟକତା ଅନୁଯାୟୀ କୌଣସି ନା କୌଣସି ଦ୍ରବ୍ୟ ବା ସେବା କ୍ରୟ କରିବା ଆଧାରରେ ଆମେ ସମସ୍ତେ ଜଣେ ଜଣେ ଖାଉଟି। ଖାଉଟି ହିସାବରେ କ୍ରୟ ଜନିତ ଠକାମିରୁ ବର୍ତ୍ତିବାପାଇଁ ପ୍ରଣୀତ ଖାଉଟି ସୁରକ୍ଷା ଅଧିକାର ଆଇନ୍ ସମ୍ବନ୍ଧରେ ସଚେତନ ହେବା ସମସ୍ତଙ୍କ ପାଇଁ ଜରୁରୀ ବୋଲି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ପ୍ରକାଶ କରିଥିଲେ। ଜିଲ୍ଲା ଯୋଗାଣ ଓ ଖାଉଟି କଲ୍ୟାଣ ଅଧିକାରୀ ଲିଙ୍ଗରାଜ ବେହେରା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଂପୃକ୍ତ ବିଭାଗୀୟ ସେବା ପ୍ରଦାନରେ ଖାଉଟିମାନେ କିପରି ସଚେତନ ହେବେ ବୁଝାଇଥିଲେ। ମୁଖ୍ୟବକ୍ତା ଭାବେ ଜିଲ୍ଲା ଉପଭୋକ୍ତା କମିଶନ୍‌ର ସଭାପତି ଆଇନଜ୍ଞ ଶିବ ପ୍ରସାଦ ମହାନ୍ତି ଖାଉଟି ସୁରକ୍ଷା ଆଇନ କେତେ ସରଳ, ଏହାର ଆଶ୍ରୟ ନେବା କେତେ ସହଜ, ଅଭିଯୋଗ ଦାଖଲ କରିବାର ତରିକା, ପାଞ୍ଚଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିଶୁଳ୍କ ଅଭିଯୋଗ ଦାଖଲ ବ୍ୟବସ୍ଥା, ଘରେ ବସି ଅନ୍‌ଲାଇନ୍‌ରେ ପୁଣି ଖାଉଟିର ଇଚ୍ଛାମୁତାବକ ଯେକୌଣସି ସ୍ଥାନରେ ଥାଇ ଅଭିଯୋଗ ଦାଖଲ କରିପାରିବାର ସୁବିଧା, ୩ ମାସ ମଧ୍ୟରେ ଅଭିଯୋଗ ଫଇସଲା ହେବାର ଧାର୍ଯ୍ୟ ଅବଧି, ଓକିଲ କିମ୍ବା ବିନା ଓକିଲ ସାହାଯ୍ୟରେ ସାମାନ୍ୟ ହାତଲେଖା ଦରଖାସ୍ତ ଜରିଆରେ ଅଭିଯୋଗ ଦାଖଲ ପାଇଁ ଥିବା ସୁଯୋଗ ଆଦି ବିଷୟରେ ପଙ୍ଖାନୁପୁଙ୍ଖ ବିଶ୍ଳେଷଣ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ବିଭୁଦତ୍ତ ଦାସ, ଆଇନଜ୍ଞ ବିଷ୍ଣୁମୋହନ ମହାପାତ୍ର ପ୍ରମୁଖ ଯୋଗଦେଇ ଖାଉଟି ଅଧିକାର ସୁରକ୍ଷା ନେଇ ସଂପୃକ୍ତ ବିଭାଗୀୟ ସଚେତନତା, ଆଇନ୍‌ର ଉପାଦେୟତା, ଖାଉଟି ଅଧିକାର ଜାହିର ପାଇଁ ସଚେତନତା କେତେ ଜରୁରୀ ଆଦି ବିଷୟରେ ବକ୍ତବ୍ୟ ରଖିଥିଲେ। ମଞ୍ଚ ପରିଚାଳକ ତଥା ଏହି କାର୍ଯ୍ୟକ୍ରମର ସଂଯୋଜକ ବୈଧ ମାପ ବିଜ୍ଞାନ ବିଭାଗର ଉପନିୟନ୍ତ୍ରକ ପ୍ରିୟବ୍ରତ ଜେନା ଖାଉଟି ସଚେତନତାର ବିଭିନ୍ନ ଦିଗ ଉପରେ ବ୍ୟାଖ୍ୟା କରିବା ସହ ଓଜନ ମାପ ଯନ୍ତ୍ର ବ୍ୟବହାରରେ ବିଭିନ୍ନ ଉପାୟରେ ଠକାମିର ଶିକାର ହେବା ପଦ୍ଧତି ସମ୍ବନ୍ଧରେ ପ୍ରଦର୍ଶନ କରି ଠକାମିରୁ ବର୍ତ୍ତିକା ପାଇଁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମର ଆୟୋଜକ ପେଡ଼ ସଂଗଠନର ସମ୍ପାଦକ ଦିବାକର ମଲ୍ଲିକ୍ ଧନ୍ୟବାଦ ଅର୍ପଣ କରିଥିଲେ। ସଂଗଠନର ଅଧ୍ୟକ୍ଷ କାର୍ତ୍ତିକ ଜେନା, କୋଷାଧ୍ୟକ୍ଷ, ଜଗତଜ୍ୟୋତି ପାଢ଼ୀ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ। ଅଙ୍ଗନବାଡ଼ି କର୍ମୀ, ଏସ୍.ଏଚ୍.ଜି. ମହିଳା ଓ ସଂଗଠନର ସଦସ୍ୟା ବିଭିନ୍ନ ବର୍ଗର ମହିଳା ଖାଉଟି, ଗଣମାଧ୍ୟମ ପ୍ରତିନିଧି ଆଦି ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## କଣ୍ଟାବାଞ୍ଜି ଏନ୍‌ଏସି କାଉନ୍‌ସିଲରଙ୍କ ଜରୁରୀ ବୈଠକ

# ମାସିକ ବୈଠକ ଭତ୍ତା ନୁହଁ ମାସିକ ଦରମା ଦାବି



**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସରକାର କରିଥିବା ଘୋଷଣାକୁ ସ୍ୱାଗତ କରିଛି କଣ୍ଟାବାଞ୍ଜି ଏନ୍‌ଏସିର କାଉନ୍‌ସିଲର ଗୋଷ୍ଠୀ। ହେଲେ ସରକାର କରିଥିବା ଘୋଷଣାକୁ ଚିଚାର କରି ପୁଣି ଥରେ ଏହାର ଘୋଷଣା କରି ମାସିକ ବୈଠକ ଆକାରରେ ଦେଉଥିବା ୫ଶହ ଟଙ୍କା ବଦଳରେ ମାସକୁ ଦରମା ଦିଅନ୍ତୁ ସରକାର ବୋଲି ମଧ୍ୟ ଦାବି କରିଛନ୍ତି କାଉନ୍‌ସିଲର। ଏ ନେଇ କଣ୍ଟାବାଞ୍ଜି ଏନ୍‌ଏସି ସଭାଗୃହ ଠାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷ ବରିୟାମ ସିଂହ ସାଲୁଜା, ଉପାଧ୍ୟକ୍ଷା ମନୋରମା ରାଉତଙ୍କ ଉପସ୍ଥିତିରେ ହୋଇଥିବା ଏହି ବୈଠକରେ ସମସ୍ତ କାଉନସିଲ୍ ସାମିଲ ରହିଥିଲେ। ବୈଠକରେ ସମ୍ବାଦିକ ମାନଙ୍କୁ ସମ୍ବୋଧିକ କରି କହିଥିଲେ ଯେ, ରାଜ୍ୟ ସରକାର କରିଥିବା ଭତ୍ତା ଘୋଷଣାକୁ ବିଚାର କରି ୫ଶହ ବଦଳରେ ୭ହଜାର ଟଙ୍କା ଦିଆଯାଉ। ପଞ୍ଚାୟତ ସ୍ତରରେ ଯଦି ସରପଞ୍ଚ ମାନଙ୍କ ଦରମା ବଢ଼ିଛି ତେବେ ଆମ କାଉନସିଲର ମାନଙ୍କ ମଧ୍ୟ ବଢ଼ିବା କଥା। ତେବେ ବୈଠକରେ ଏହି ସବୁ ନିଷ୍ପତ୍ତି ନେବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଲିଖିତ ଦାବି ମଧ୍ୟ ଦିଆଯିବ ବୋଲି ସୁଚନା ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ନିଳକଣ୍ଠ ସତପଥୀ, ସୂର୍ଯ୍ୟପ୍ରତାପ ମିଶ୍ର, ଅଶୋକ ଅଗ୍ରୱାଲ, ବେଦକାନ୍ତି ପନିକା, ସୁନିତା ବୁଡେକ, ଶାନ୍ତି ଦିକ୍ଷିତ, ହେମାନି ଜଗତ, ଏମ୍‌ଡି ଇମରାନ୍ ଖାନ, ଗୌତମ ବେହେରା, ମନିଷ ଅଗ୍ରୱାଲ, ପିଙ୍କି ମହାନନ୍ଦ, ଲଳିତ କୁମାର ଅଗ୍ରୱାଲ ସହ ଅନ୍ୟମାନେ ଉପସ୍ଥିତ ରହିଥିଲେ।

# ଜିଲ୍ଲା ପୋଲିସ ପ୍ରଶାସନ ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**



ମାଲକାନଗିରି ଜିଲ୍ଲା ପୋଲିସ ପ୍ରଶାସନ ତରଫରୁ ପୋଲିସ କାର୍ଯ୍ୟାଳୟ ସଭା ଗୃହରେ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରକୁ ମାଲକାନଗିରି ଜିଲ୍ଲା ପୋଲିସ ଅଧୀକ୍ଷକ ନୀତେଶ ୱାଧୱାନୀ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଉଦ୍‌ଘାଟନ କରିବା ସହିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ତପନ ନାରାୟଣ ରଥ, ଅତିରିକ୍ତ ପୋଲିସ ଅଧୀକ୍ଷକ ଉପସ୍ଥିତ ରହି ନିଜେ ରକ୍ତଦାନ କରିବା ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ମୁଖ୍ୟ ବକ୍ତା ଜିଲ୍ଲା ଯୁବ ରେଡ଼କ୍ରସ ଆବାହକ ତଥା ସମ୍ପାଦକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ରକ୍ତଦାନର ଉପକାରିତା ଏବଂ ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାଇବାକୁ ଉତ୍ସାହିତ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ପୋଲିସ ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ସତ୍ୟପ୍ରିୟ ବିଶ୍ୱାଳ ଆୟୋଜନ କରିଥିବାବେଳେ କୁମୁଦ ପ୍ରଧାନ, ଗୃହରକ୍ଷୀ ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ, ଆଦର୍ଶ ଥାନା ଅଧିକାରୀ ରିଗାନ କିଣ୍ଡୋ, ହାବିଲଦାର ଏବଂ କନେଷ୍ଟବଳ ସଂଘ ସଭାପତି ପ୍ରଶାନ୍ତ କୁମାର ବେହେରା ଓ ସଂଘର ସମସ୍ତ କର୍ମକର୍ତ୍ତା ପ୍ରତ୍ୟକ୍ଷ ସହଯୋଗ କରି ସଫଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପ ପୋଲିସ ନିରୀକ୍ଷକ, ହାବିଲଦାର, କନେଷ୍ଟବଳ, ସ୍ୱେଚ୍ଛାସେବୀ, ଅନ୍ୟାନ୍ୟ ସୁନାଗରିକ, ଡ୍ରାଇଭର ମହାସଂଘ, ଅନ୍ୟାନ୍ୟ ବୁଦ୍ଧିଜୀବୀ ଏବଂ ଟିମ୍ ଉଇ କ୍ୟାନ ସହଯୋଗ କରିଥିଲେ। ରକ୍ତ ଭଣ୍ଡାର ଡକ୍ଟର ସାଗର ବାଲା, ଏନ. ସୁବର୍ଣ୍ଣ, ସନ୍ତୋଷ କୁମାର ପତି, ସୁଜଳ ରାୟ, ସରୋଜ କୁମାର ପଣ୍ଡା, ଯୋଗେଶ୍ୱରୀ ମାଝି, ସଂଜୟ କୁମାର ସାଗର ଉପସ୍ଥିତ ରହି ରକ୍ତ ସଂଗ୍ରହ କରିବାରେ ସାହାଯ୍ୟ କରିଥିଲେ।

ପୋଲିସ ବିଭାଗର ଏହି କାର୍ଯ୍ୟକଳାପକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି। ଏହି ଅବସରରେ ୩୮ ଏବଂ ୩୯ ଥର ରକ୍ତଦାନ କରିଥିବାରୁ ନରେନ୍ଦ୍ର ମାଦ୍ରୀ ଏବଂ ଅନୁପ ସୁନାନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଥିବାରୁ ପୋଲିସ ବିଭାଗ ତରଫରୁ ଏହିଭଳି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର କରି ପ୍ରଶଂସା ସାଉଁଟିଛନ୍ତି। ଏହି ରକ୍ତଦାନ ଶିବିରରେ ୧୦୦ରୁ ଉର୍ଦ୍ଧ୍ୱ ରକ୍ତ ନମୁନା ସଂଗ୍ରହ କରାଯାଇଛି।

# ଟିଟିଲାଗଡ଼ରେ ନୂତନ ସହକାରୀ ଜିଲ୍ଲାପାଳ



**ଟିଟିଲାଗଡ, ନ୍ୟୁଜ୍‌ବ୍ୟୁରୋ**

ଇତି ମଧ୍ୟରେ ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସନ୍ତୋଷ କୁମାର ବେହେରା (ଓଆରଏସ୍) ସହକାରୀ ଜିଲ୍ଲାପାଳ ଭାବେ ତାଙ୍କରି କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଶ୍ରୀ ବେହେରା ଅତୀତରେ ଟିଟିଲାଗଡ଼ ପୌରପାଳିକା କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ହେଲା ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରି ସୁନାମ ଅର୍ଜନ କରିଛନ୍ତି ଏବଂ ତାଙ୍କରି ଉତ୍ତମ ସୁପରିଚାଳନା କାର୍ଯ୍ୟଶୈଳି ଯୋଗୁଁ ଏବଂ ଦକ୍ଷ ପୌର ଅଧିକାରୀ ଭାବେ ବେଶ ସୁନାମ ଅର୍ଜନ କରିବା ସହିତ ସ୍ଥାନୀୟ ପୌରାଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ପ୍ରିୟ ଭାଜନ ହୋଇ ପାରିଛନ୍ତି ଓ ନୂତନ ଦାୟିତ୍ୱକୁ ସୁପରିଚାଳନା କରିବେ ବୋଲି ସାଧାରଣରେ ଆଶା ଓ ବିଶ୍ୱାସ ଅଛି।

# ଲକ୍ଷ୍ମୀପ୍ରସାଦକୁ ଏନ୍‌ଏସି ଦାବିନେଇ ଅଞ୍ଚଳବାସୀଙ୍କ ବୈଠକ



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପ୍ରସାଦ ହାଟପଦା ଠାରେ ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ବେହେରାଙ୍କ ଆବାହକତ୍ୱରେ ଏନ୍‌ଏସି ଦାବିନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଉଛବ ସାହୁ ସଭାପତିତ୍ୱ କରିଥିଲେ। ଆବାହକଜଗନ୍ନାଥ ବେହେରା ବୈଠକର ଆଭିମୁଖ୍ୟ ସଂପର୍କରେ କହିଥିଲେ। ସୂଚ଼ନାଯୋଗ୍ୟ ଯେ ଲକ୍ଷ୍ମୀପ୍ରସାଦ, ଖୁଣ୍ଟବନ୍ଧ ଓ ତେଲିବନ୍ଧ ତିନୋଟି ପଞ୍ଚାୟତର ଜନସଂଖ୍ୟା ପ୍ରାୟ ୨୫ ହଜାର ଥିବାବେଳେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ବିଶେଷ ଭାବରେ ଉନ୍ନତ। ପୁର୍ବତନ ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ ଏହି ତିନି ପଞ୍ଚାୟତର କେନ୍ଦ୍ରସ୍ଥଳ ହେଉଛି ଲକ୍ଷ୍ମୀପ୍ରସାଦ ପଞ୍ଚାୟତ। ତେଣୁ ପାରିପାର୍ଶ୍ୱିକ ଅବସ୍ଥିତିକୁ ଅନୁଧ୍ୟାନ କଲେ ଏହାଏନ୍‌ଏସି ହେବା ପାଇଁ ଉପଯୁକ୍ତ। ତେଣୁ ଖୁବ୍‌ଶୀଘ୍ର ଏକ ପ୍ରତିନିଧି ଦଳ ସ୍ଥାନୀୟ ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦିପ କୁମାର ଅମାତଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ତିନୋଟି ପଞ୍ଚାୟତର ବିଭିନ୍ନ ଗ୍ରାମର ଶତାଧିକ ଲୋକଯୋଗ ଦେଇଥିଲେ। ଶେଷରେ ଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ମତଦାନ ପ୍ରକ୍ରିୟାକୁ ସରଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ନିଯୁକ୍ତ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କ ପ୍ରଶିକ୍ଷଣ



**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ ତଥା ତ୍ରୁଟି ଶୂନ୍ୟ ବ୍ୟବସ୍ଥିତ ଭାବେ ସଂଚାଳନ କରିବା ନିମନ୍ତେ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଜୋରସୋରରେ ଆଗେଇ ଚାଲିଛି। ରାଜ୍ୟରେ ହେବାକୁ ଥିବା ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ମତଦାନ ପ୍ରକ୍ରିୟାକୁ ସରଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ନିଯୁକ୍ତ ପୋଲିଂ ଅଧିକାରୀମାନଙ୍କ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଥିବା ବେଳେ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୫ଟି କେନ୍ଦ୍ରରେ, ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୩ଟି ବ୍ୟବସ୍ଥିତ ପ୍ରଶିକ୍ଷଣ କେନ୍ଦ୍ରରେ ପର୍ଯ୍ୟାନୁଯାଇ ଆସନ୍ତା ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କ୍ରମରେ ସୋନପୁର ନିର୍ବାଚନ ମଣ୍ଡଳୀ ନିମନ୍ତେ ୫ଟି କେନ୍ଦ୍ରରେ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ସେହିପରି ବୀରମହାରାଜପୁର ନିର୍ବାଚନ ମଣ୍ଡଳୀର ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀମାନଙ୍କୁ ୩ଟି ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମ ପ୍ରଦାନ କରାଯାଉଛି। ମାଷ୍ଟର ଟ୍ରେନରମାନେ ସୁବର୍ଣ୍ଣପୁର ଜିଲ୍ଲାପରିଷଦ ସଭା ଗୃହ, ସରକାରୀ ପଲିଟେକ୍ନିକାଲ କଲେଜ, ଧର୍ମଶାଳା ପଞ୍ଚାୟତ ହାଇସ୍କୁଲ, ପରମେଶ୍ୱରୀ ହାଇସ୍କୁଲ ବିଶିପଡ଼ା ଓ ବାଳିକା ଉଚ୍ଚ ବିଦ୍ୟାଳୟ ସୋନପୁରରେ ପ୍ରଶିକ୍ଷଣ ଦେଇଥିବା ବେଳେ ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ବୀରମହାରାଜପୁର ସହ ମାହେଶ୍ୱରୀ ବିଦ୍ୟାପୀଠ ଉଙ୍ଫୁଲା ଠାରେ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଏହି ଶିବିରରେ ନିର୍ବାଚନ ନିମନ୍ତେ ନିଯୁକ୍ତ ପୋଲିଂ ଅଫିସର ପ୍ରମୁଖଙ୍କୁ ନିର୍ବାଚନ ସମୟରେ ଇଭିଏମ ପରିଚାଳନା, ଭିଭିପାଟ୍ ବ୍ୟବହାର, ନିର୍ବାଚନ ପୋଲିଂ ଅଫିସରମାନଙ୍କ ପ୍ରମୁଖ କାର୍ଯ୍ୟ ବିଷୟରେ ଅବଗତ କରାଯାଇଛି। ଅନୁଷ୍ଠିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ନିରୀକ୍ଷଣ କରିବା ନିମନ୍ତେ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀ ପ୍ରମୁଖ କେନ୍ଦ୍ର ପରିଦର୍ଶନ କରିଥିଲେ।

# ବିଶ୍ୱ କଳା ମୋତିଆ (ଗ୍ଲୁକୋମା) ସପ୍ତାହ-୨୦୨୪ ପାଳନ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ପୁରୁଣା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟାଳୟ ପରିସରରେ ବିଶ୍ୱ କଳା ମୋତିଆ (ଗ୍ଲୁକୋମା) ସପ୍ତାହ ୨୦୨୪ ପାଳନ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଏନ୍‌ଏମ୍ ଛାତ୍ରଛାତ୍ରୀ ମାନେ ଏକ ଶୋଭାଯାତ୍ରା ରେ ବାହାରି ସହର ପରିକ୍ରମା କରି ମୋତିଆ (ଗ୍ଲୁକୋମା) ସଂପର୍କରେ ଜନ ସାଧାରଣଙ୍କୁ ସଚେତନ କରିଥିଲେ। ପରେ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଏକ ସଭାର ଆୟୋଜନ କରାଯାଇ ଥିଲା। ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର



ପ୍ରମୋଦ ପ୍ରହରାଜ, ଡ଼ଃ ନୃପେନ ଶତପଥୀ, ଡ଼ଃ ପ୍ରଦିପ କୁମାର ଦାସ, ଡ଼ଃ ଅଜୟ କୁମାର ସାହୁଙ୍କ ସମେତ ସମସ୍ତ ବ୍ଲକ ଚିକିତ୍ସା ଅଧିକାରୀ, ଜନସ୍ୱାସ୍ଥ୍ୟ ଅଧିକାରୀ, ପୋଗ୍ରାମ ମ୍ୟାନେଜର, ଡିପିଏମ ଗୀତାଳୀ ଦାସ, ମିନତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ମୋତିଆ (ଗ୍ଲୁକୋମା) ସଂପର୍କରେ ଆଲୋଚନା କରିଥିଲେ। ମୋତିଆ ବିନ୍ଦୁକୁ ନିୟନ୍ତ୍ରଣ କରିବା, ଚକ୍ଷୁ ପରୀକ୍ଷା କରାଯିବା ଆଦି ସଂପର୍କରେ ଅଲୋଚନା କରାଯାଇଥିଲା। ଏଥି ସହିତ ଏହାର ନିରାକରଣ ପାଇଁ ପ୍ରତ୍ୟେକ ସ୍କୁଲରେ ବର୍ଷକୁ ୨ଥର ଛାତ୍ରଛାତ୍ରୀ ମାନଙ୍କର ଚକ୍ଷୁ ପରୀକ୍ଷା କରାଯିବା ସହ ସେମାନଙ୍କର ଚିକିତ୍ସା ନିମନ୍ତେ ବ୍ୟବସ୍ଥା କରିବାକୁ ଆଲୋଚନା କରାଯାଇଛି।

# କନ୍ଧାଗାଡ଼ ଗାଁ ଖେଳ ପଡ଼ିଆରେ ବିଶାଳ କଂଗ୍ରେସ କର୍ମୀ ସମ୍ମିଳନୀ



**କଣ୍ଟାବାଞ୍ଜି/ତୁରେକେଲା, ନ୍ୟୁଜ୍‌ବ୍ୟୁରୋ**

କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ତୁରେକେଲା ବ୍ଲକର ବିଭିନ୍ନ ଗାଁରେ କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେଉଛି। ଏନେଇ ଶୁକ୍ରବାର ତୁରେକେଲା ବ୍ଲକ କନ୍ଧା ଗାଡ଼ ଗାଁର ଫୁଟ୍‌ବଲ୍ ଖେଳପଡ଼ିଆରେ ଏକ ବିଶାଳ କର୍ମୀ ସମ୍ମିଳନୀ ଓ କଂଗ୍ରେସ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂହ ସାଲୁଜା ଯୋଗ ଦେଇଥିବା ବେଳେ ସଂମାନିତ ଅତିଥି ଭାବେ ଜିଲ୍ଲା ପରିଷଦ କୌଶିକ ମେହେର, ସମିତି ସଭ୍ୟ ପିତ ସମରଥ, ପୂର୍ବ ବ୍ଲକ ଉପାଧ୍ୟକ୍ଷା ହିମାଦ୍ରୀ ସାହୁ, ପୂର୍ବ ସରପଞ୍ଚ ମିତା ସାହୁ ଯୋଗ ଦେଇ ମଞ୍ଚସୀନ ଥିଲେ। ବ୍ଲକର ହଲନ୍ତଭଟା, ମହୁଲପାଟି ଓ ଢୋଲମାନ୍ଦଲ ପଞ୍ଚାୟତ ର କର୍ମୀ ମାନଙ୍କୁ ନେଇ କରାଯାଇଥିବା ଏହି ସମାବେଶରେ ହଜାର ହଜାର କର୍ମୀ ଯୋଗ ଦେଇଥିଲେ। ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି କଂଗ୍ରେସ ସରକାର ଆସିଲେ ନିଶ୍ଚିତ ଭାବେ ଅଞ୍ଚଳର ଉନ୍ନତି ହେବ ବୋଲି ବିଧାୟକ କହିବା ସହ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ଏହି ଅବସରରେ ଅନ୍ୟ ଦଳରେ ଥିବା ବହୁ ସଦସ୍ୟ କଂଗ୍ରେସରେ ଯୋଗ ଦେଇଥିବା ଜଣାପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ ଆଜିର ଏହି ସମାବେଶରେ ସମାଜସେବୀ କାର୍ତ୍ତିକ ପୁଟେଲ, ହରେକୃଷ୍ଣ ସଗରିଆ, ଗଣେଶ ମାଝୀ, ଲକ୍ଷ୍ମୀ ବେନିଆ, ମହେନ୍ଦ୍ର ମହାକୁଡ଼ ସହ ଅନେକ କର୍ମୀ ସାମିଲ ରହିବା ସହ ୩ଟି ପଞ୍ଚାୟତର ଲୋକ ଏଥିରେ ସାମିଲ ରହିଥିଲେ।

# ଜୁଲାଇ ୯ ପର୍ଯ୍ୟନ୍ତ ଧୁମାତ ସରପଞ୍ଚଙ୍କ ପଦ କାଏମ୍ ରହିଲା

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଧୁମାତ ଗ୍ରାମ ପଞ୍ଚାୟତର ସରପଞ୍ଚ ପଦବୀକୁ ନେଇ ଚାଲିଥିବା ଆଇନଗତ ଯୁଦ୍ଧ ସାମୁହିକ ସ୍ଥଗିତ ରହିଛି। ୨୦୨୪ ଜୁଲାଇ ୯ ତାରିଖ ପର୍ଯ୍ୟନ୍ତ ସରପଞ୍ଚ ମଞ୍ଜୁଲତା ସେଠୀଙ୍କର ପଦବୀର ସ୍ଥିତାବସ୍ଥା ବଜାୟ ରହିବ ବୋଲି ଉଚ୍ଚ ନ୍ୟାୟାଳୟର ରିଟ୍ ପିଟିଶନ ନଂ ୬୦୦୫/୨୦୨୪ରେ ନିର୍ଦ୍ଦେଶ ଦେଇଛନ୍ତି। ଧୁମାତ ପଞ୍ଚାୟତର ଗତ ନିର୍ବାଚନରେ ମଞ୍ଜୁଲତା ସେଠୀ ସରପଞ୍ଚ ଭାବେ ନିର୍ବାଚିତ ହେବା ପରେ ତାଙ୍କ ନିର୍ବାଚନକୁ ନେଇ ଅପରପକ୍ଷ ମକଦ୍ଦମା କରିଥିଲେ। ଏହି ମାମଲା ତଳ କୋର୍ଟରୁ ଉଚ୍ଚ ନ୍ୟାୟାଳୟରେ ପହଞ୍ଚିବା ପରେ ଜଷ୍ଟିସ୍ ବି.ପି ରାଉତରାୟ ଚଳିତ ବର୍ଷ ଜୁଲାଇ ୯ ତାରିଖ ପର୍ଯ୍ୟନ୍ତ ମଞ୍ଜୁଲତା ସେଠୀ ସରପଞ୍ଚ ଭାବେ କାର୍ଯ୍ୟ କରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି।

# ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**ତିଗିରିଆ/କଟକ, ନ୍ୟୁଜ୍‌ବ୍ୟୁରୋ**

କୁହାଯାଏ, ମହତ କରମ କରେ ଯେ ମହାନ ହୁଅଇ ମହୀ ମଣ୍ଡଳେ, ସ୍ୱର୍ଣ୍ଣାକ୍ଷରେ ଲେଖାହୁଏ ତା'ର ନା ପୂଜା ପାଏ କାଳେ କାଳେ। ଏପରି ଜଣେ ଧର୍ମପରାୟଣ ଅନନ୍ୟ ବ୍ୟକ୍ତିତ୍ୱଙ୍କ ତିରୋଧାନ ଘଟିଛି। ନାମ ସେକ ସୋଲେମାନ ପିତା ସେକ ଇବ୍ରାହିମ ବୟସ ୬୮ ଗ୍ରାମ କରଡାପଲ୍ଲି (ତିଗିରିଆ)ରେ ତାଙ୍କ ଜନ୍ମ ସ୍ଥାନ ବୁଧବାର ସକାଳେ ତାଙ୍କର ଇହକାଳ ସମ୍ବରଣ ଘଟିଥିଲା। ଗୁରବାର ସକାଳ ୯ଟାରେ କରଡାପଲ୍ଲି ଅହମଦୀୟା କବରସ୍ଥାନରେ ସମାଧି ଦିଆଯାଇଥିଲା। ଅଲ୍ଲାଃ ଆପଣଙ୍କ ଆତ୍ମାର ସଦ୍‌ଗତି କରିବା ସଙ୍ଗେ ସଙ୍ଗେ ତାଙ୍କର ଶୋକ ସନ୍ତପ୍ତ ପରିବାରକୁ ଅସୀମ ଧୈର୍ଯ୍ୟ ପ୍ରଦାନ କରନ୍ତୁ ଓ ସନ୍ତାନ ସନ୍ତତିଙ୍କୁ ତାଙ୍କ ଆଦର୍ଶ ଜୀବନ ପଥରେ ଆଗେଇ ନିଅନ୍ତୁ, ଏହାହିଁ ଆମର କାମନା।

# ଜିଲ୍ଲା ସ୍ତରୀୟ ପୋଷଣ ପକ୍ଷ ପାଳନ




**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ସ୍ତରୀୟ ପୋଷଣ ପକ୍ଷ ପାଳନ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ (ଡିଏସଡବ୍ଲୁଓ) ସତ୍ୟଭାମା ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୭୦ରୁ ଅଧିକ ମହିଳା ଗୋଷ୍ଠୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଜନ ସାଧାରଣଙ୍କୁ ସଚେତନ କରିବା ପାଇଁ ଏକ ଶୋଭାଯାତ୍ରା ଜିଲ୍ଲା କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ୭୦ରୁ ଅଧିକ ମହିଳା ଗୋଷ୍ଠୀମାନେ ଆଞ୍ଚଳିକ ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶିତ କରିଥିଲେ। ଗର୍ଭବତୀ ମହିଳାଙ୍କର ସ୍ୱାସ୍ଥ୍ୟ, ଶିଶୁ ମାନଙ୍କର ଯତ୍ନ ନେବା ସହ ଘରୋଇ ଖାଦ୍ୟ ଉପରେ ଗୁରୁତ୍ୱ ଦେବାକୁ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠିତ ଏହି ସଭାରେ ପିଓ ସଂଯୁକ୍ତା ମିଶ୍ର, ପୋଷଣ ଡିସି ସଂଜୟ ପାତ୍ର, ଡିପିଏ ସୁନିତା ବେହେରା, ଡିପିସି ମମତା ମନୋରଞ୍ଜନ ଦାସଙ୍କ ସମେତ ଜିଲ୍ଲାର ସମସ୍ତ ସିଡିପିଓ, ସୁପର ଭାଇଜର, ଅଙ୍ଗନୱାଡି କର୍ମୀ, ବ୍ଲକ ସଂଯୋଜକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ବୌଦ୍ଧରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**




ବୌଦ୍ଧ ବ୍ଲକ ମୁର୍ଷୁଣ୍ଡି ସ୍ଥିତ ମିଶନଶକ୍ତି ଭବନ ଠାରେ ବିଶ୍ୱଉପଭୋକ୍ତା ଅଧିକାର ଦିବସ ପାଳିତ ହୋଇଯାଇଛି। ବୌଦ୍ଧ ବୈଧ ମାପ ବିଜ୍ଞାନ କାର୍ଯ୍ୟାଳୟ ସହାୟତାରେ ବାଉଁଶୁଣୀ ସୁରଭି ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ବୈଧ୍ୟମାପ ବିଜ୍ଞାନ କାର୍ଯ୍ୟାଳୟର ଉପ ନିୟନ୍ତ୍ରକ ରଶ୍ମୀ ରଞ୍ଜନ ପରିଡ଼ା ଯୋଗ ଦେଇଥିଲେ। ସେହିପରି ମୁଖ୍ୟବକ୍ତାଭାବେ ବୈଧ୍ୟମାପ ବିଜ୍ଞାନ କେନ୍ଦ୍ରର ନିରୀକ୍ଷକରତିକାନ୍ତ ନାଏକ, ବକ୍ତାଭାବେ ଉପଭୋକ୍ତା କର୍ମୀକୁନା ଦିଗାଲ୍, ସମ୍ମାନିତ ଅତିଥି ଭାବରେ ବ୍ଲକ୍‌ମହିଳା ମହାସଂଘସଭାନେତ୍ରୀ ରୀତା ବେହେରା ଓ ସମ୍ପାଦିକା ଗୋଲାପି ଭୋଇମଞ୍ଚାସୀନ ଥିଲେ। ସୁରଭିର ପ୍ରୋଗ୍ରାମ ଅଫିସର ସ୍ମରଣିକା ସିଂହସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ସନ୍ତୋଷମହାକୁଡ ଧନ୍ୟବାଦ ଅର୍ପଣକରିଥିଲେ। ବିଭିନ୍ନ ସାମଗ୍ରୀ କ୍ରୟ ସମୟରେ ଥିବା ଉପଭୋକ୍ତାମାନଙ୍କ ଅଧିକାର ଓ ସେସମ୍ପର୍କରେ ଥିବା ଆଇନ୍ ଉପରେ ଆଲୋଚ୍ନା ହୋଇଥିଲା, ଯେପରିକି ଇଲେକ୍ଟ୍ରୋନିକ ଓଜନ ଯନ୍ତ୍ର ବ୍ୟବହାର କରୁଥିବା ବ୍ୟବସାୟୀମାନେ ଯନ୍ତ୍ରର ସର୍ବାଧିକ ଓଜନ କ୍ଷମତାର ଏକ ଦଶମାଂଶ ଯାଞ୍ଚ ହୋଇ ମୋହର ଲାଗିଥିବା ବଟକରା ରଖିବା ଜରୁରୀ। ଗ୍ରାହକମାନେ ଓଜନ ମେସିନର ସଠିକତା ପ୍ରତି ସନ୍ଦେହ ହେଲେ ଉକ୍ତ ବଟକରା ପକାଇ ଯାଞ୍ଚ କରିପାରିବେ, ଜାଳେଣୀ ଗ୍ୟାସ୍ ବିତରକ ପ୍ରତ୍ୟେକ ଖାଉଟିଙ୍କୁ ତାଙ୍କ ଉପସ୍ଥିତିରେ ଓଜନ କରି ଗ୍ୟାସ୍ ସିଲିଣ୍ଡର ଦେବା ଜରୁରୀ, ପେଟ୍ରୋଲ ଡିଜେଲର ସଠିକତା ଯାଞ୍ଚ କରିବା ପାଇଁ ବିତରକ ମାପ ନିରୀକ୍ଷକଙ୍କ ଦ୍ୱାରା ଯାଞ୍ଚ ମୋହର କରାଯାଇଥିବା ୫/୧୦ ଲିଟର କୋନିକାଲ ମାପ କରଖିବାକୁ ବାଧ୍ୟ, ଓଜନ ଓ ମାପ ନିରୀକ୍ଷକଙ୍କ ଠାରୁ ପାଇଥିବା ଯାଞ୍ଚ ସୂଚକ ପ୍ରମାଣପତ୍ରକୁ ବିକ୍ରେତା କୌଣସି ପ୍ରକାଶ୍ୟ ସ୍ଥାନରେ ଟାଙ୍ଗି ରଖିବାକୁ ବାଧ ବୋଲି ଆଇନରେ ଉଲ୍ଲେଖ ରହିଛି। ସାମଗ୍ରୀରେ କାର୍ଯ୍ୟକ୍ରମରେ ବିଭିନ୍ନ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା, ସିଆରସି ଓ ଏମବିକେ, ଆଶା, ଅଙ୍ଗନୱାଡି, ମହିଳା ଫେଡେରେସନ ଓ ଓଜନ ମାପ ବିଭାଗର ସମସ୍ତ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

# ଅଗ୍ନିବୀର ପଦବୀ ନିମନ୍ତେ ଡଙ୍ଗରିଆ କନ୍ଧ ଯୁବକ-ଯୁବତୀମାନଙ୍କ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର

**ବିଷମ କଟକ, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ୍ ଚାଟିକଣା ଠାରେ ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟ-ଡଙ୍ଗରିଆ କନ୍ଧ ଯୁବକ/ଯୁବତୀ ମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବେ ପ୍ରଥମ ଥର ପାଇଁ ଭାରତୀୟ ସ୍ଥଳ ସେନା-ଅଗ୍ନିବୀର ପଦବୀ ପାଇଁ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର ଜିଲ୍ଲା କର୍ମ ନିୟୋଜନ ଓ କୁଶଳ ଉନ୍ନୟନ ବିଭାଗ ସହଯୋଗରେ ଓପିଲିପି, ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ତରଫରୁ ଶିବିର ଆୟୋଜନ କରାଯାଇଛି। ଉକ୍ତ ଶିବିରରେ ସର୍ବମୋଟ ୬୧ ଜଣ ଯୁବକ ଯୁବତୀ ଅଂଶ ଗ୍ରହଣ କରିଥିଲେ। ପରାମର୍ଶ ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କର୍ଣ୍ଣେଲ ଆନନ୍ଦ ତନ୍ତୀ, ନିର୍ଦ୍ଦେଶକ-ଆର୍ମି ନିଯୁକ୍ତି କାର୍ଯ୍ୟାଳୟ, ଗୋପାଳପୁର, ତତ୍‌ମସି ମହାପାତ୍ର, ଜିଲ୍ଲା କର୍ମ ନିୟୋଜନ ଓ କୁଶଳ ଉନ୍ନୟନ ଅଧିକାରୀ, ରାୟଗଡ଼, ଜଗତ ଜୀବନ ବଗର୍ତ୍ତୀ, ସ୍ୱତନ୍ତ୍ର ଅଧିକାରୀ, ଡିକେଡିଏ, ସୁବାରଦିନି ୱାଡ଼କା, ସରପଞ୍ଚ ଓ ସୁବେଦାର ମନୋଜ ଦୀକ୍ଷିତ, ହାବିଲଦାର ମ. ତ୍ରିବେଦୀ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ନିଜ ଅଭିଭାଷଣରେ ଅଗ୍ନିବୀର ସମ୍ପର୍କରେ ବିଶଦ ଭାବେ ବୁଝାଇବା ସହ ଦେଶ ମାତୃକାର ସେବା କରିବା ପାଇଁ ଆଗକୁ ବଢ଼ିବା ପାଇଁ ଯୁବକ ଯୁବତୀଙ୍କୁ ନିବେଦନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସୁଦର୍ଶନ ପାଢ଼ୀ ପରିଚାଳନା କରିଥିଲେ।





## ସିଲଭର ସହର କଟକରେ ଯୋଡ଼ି ହୋଇଛି ନୂତନ ଅଧ୍ୟାୟ:ସୁନାର ଦୋଳ ବିମାନ ନିର୍ମାଣ କରି ଚର୍ଚ୍ଚାରେ ମଦନମୋହନ ଜୀଉ ପୂଜା କମିଟି

**କଟକ, ନ୍ୟୁଜ୍ ବ୍ୟୁରୋ**

ସିଲଭର ସହର କଟକରେ ଯୋଡି ହୋଇଛି ନୂତନ ଅଧ୍ୟାୟ। କଟକ କାଠଗଡା ସାହି ମଦନ ମୋହନ ଜୀଉ ପୂଜା କମିଟି ଶୋଭା ପାଇବ ସୁନାର ବିମାନ ଦୋଳ । ଓଡ଼ିଶାରେ ପ୍ରଥମ ଥର ପାଇଁ ସୁନାର ଦୋଳ ବିମାନକୁ ମଙ୍ଗଳବାର ଉଦ୍‌ଘାଟନ କରାଯାଇଛି । ଆସନ୍ତା ୨୫ ତାରିଖରେ ଦୋଳ ପୂର୍ଣ୍ଣିମା ଥିବାବେଳେ ମଙ୍ଗଳବାର ଠାରୁ ବିଭିନ୍ନ ସାହି ପରିକ୍ରମା କରି ଠାକୁରଙ୍କୁ ବସାଇ ଭୋଗ ଖୁଆଇବା ପାଇଁ ଲକ୍ଷ୍ୟ ରଖିଛି କମିଟି । ଦୁଇ କୋଟି ଟଙ୍କା ବ୍ୟୟରେ ଅଢ଼େଇ କେଜିର ସୁନା ବ୍ୟବହାର କରାଯାଇ ଏହି ବିମାନ ନିର୍ମାଣ ହୋଇଛି । ୨୦୧୭ରେ ମଦନ ମୋହନ ଜୀଉ କମିଟି ସମ୍ପୂର୍ଣ୍ଣ ଚାନ୍ଦିର ଦୋଳ ପ୍ରସ୍ତୁତ କରି ଚର୍ଚ୍ଚାକୁ ଆସିଥିବା ବେଳେ ଏବେ ସୁନାର ବିମାନ କରି ପୁଣି ଚର୍ଚ୍ଚାକୁ ଆସିଛି । ଗତ ଡିସେମ୍ବର ମାସରେ କାମ ଆରମ୍ଭ କରିଥିଲେ କାରିଗର । ଏବେ ତାହା ୮୦ ଭାଗ କାମ ସରିଛି, ଆସନ୍ତା ବର୍ଷକୁ ପୁରା ବିମାନକୁ ସୁନାରେ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି କମିଟିର କର୍ମକର୍ତ୍ତା । କାଠଗଡା ସାହି ମଦନ ମୋହନ ଜୀଉଙ୍କ ସୁନାର ଦୋଳ ବିମାନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ନେଇ ଆଶା ରଖିଛନ୍ତି କମିଟି ସଦସ୍ୟ ।

## ରେଳଷ୍ଟେସନରୁ ଗଞ୍ଜେଇ ଜବତ:ଯୁବକ ଗିରଫ



**ଟିଟିଲାଗଡ଼, ନ୍ୟୁଜ୍ ବ୍ୟୁରୋ**

ପୂର୍ବତଟ ରେଳଜୋନ୍ ଅଧୀନସ୍ଥ ସମ୍ବଲପୁର ରେଳ ଡିଭିଜନ ଅନ୍ତର୍ଗତ ଟିଟିଲାଗଡ଼ ରେଳ ଜଙ୍କସନ୍‌ର ଏହି ଷ୍ଟେସନ୍‌ର ତିନି ନମ୍ବର ପ୍ଲାଟଫର୍ମର ପୂର୍ବ ଦିଗ ପଟରେ ଟ୍ରେନ ନମ୍ବର ୧୨୮୦୭ ସମତା ସୁପରଫାଷ୍ଟ ଟ୍ରେନ୍‌ର ଏସି ଫାଷ୍ଟକ୍ଲାସ୍ ବଗିରେ ଟିଟିଲାଗଡ଼ ଠାରୁ ଭୋପାଳ ଯିବା ପାଇଁ ଅପେକ୍ଷା କରିଥିବା ଜଣେ ଯାତ୍ରୀଙ୍କ ଟ୍ରଲି ବ୍ୟାଗରେ ଗଞ୍ଜେଇ ଚାଲାଣ ହେଉଥିବାର ଖବର ଟିଟିଲାଗଡ଼ ଅବକାରୀ ଥାନାର ଓଆଇସି ଉପ-ନିରୀକ୍ଷକ ଆଶିଷ କୁମାର ବେହେରା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଟିଟିଲାଗଡ଼ ରେଳବାଇ ସୁରକ୍ଷା ବଳ ଥାନାର ଇନ୍ସପେକ୍ଟର ଇନ୍‌ଚାର୍ଜ ଧର୍ମେନ୍ଦ୍ର କୁମାର ମିଶ୍ରାଙ୍କୁ ଅବଗତ କରିବାରୁ ମିଳିତ ସହଯୋଗରେ ଏହି ବାର କେଜି ଦୁଇଶହ ଗ୍ରାମ ଗଞ୍ଜେଇ ସହିତ ଏହି ଯୁବକକୁ ଗିରଫ କରାଯାଇଛି । ଗିରଫ ହୋଇଥିବା ଯୁବକର ନାମ ଗୋବିନ୍ଦ ନାୟକ (୨୪), ପିତା – ଶଶୀ ନାୟକ କଳାହାଣ୍ଡି ଜିଲ୍ଲାର ମଦନପୁର ରାମପୁର ଥାନା ଅନ୍ତର୍ଗତ ଡ୍ରମ୍ବା ଗ୍ରାମର ବୋଲି ଜଣାପଡିଛି । ଉକ୍ତ ଅଭିଯୁକ୍ତକୁ ପରେ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଥାନା ଉପ-ନିରୀକ୍ଷକ ଶ୍ରୀ ବେହେରା ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି । ଏହି ଚଢ଼ଉ ଟିଟିଲାଗଡ଼ ଆରପିଏଫ ଷ୍ଟାଫ୍ ଏବଂ ଅବକାରୀ ଥାନା ଷ୍ଟାଫ୍‌ଙ୍କ ମିଳିତ ସହଯୋଗରେ ହୋଇଥିଲା ।

## ଶିକାରୀଙ୍କ ଗୁଳିମାଡ଼ରେ ଗୁରୁତର ୨ ବନକର୍ମଚାରୀ ବିପଦ ମୁକ୍ତ

**କଟକ, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ବନ କର୍ମଚାରୀଙ୍କୁ ଶିକାରୀଙ୍କ ଗୁଳିମାଡରେ ଗୁରୁତର ୨ ବନ କର୍ମଚାରୀଙ୍କ ଚିକିତ୍ସା ବର୍ତ୍ତମାନ ଏସସିବିରେ ଚାଲୁଥିବା ବେଳେ ଉଭୟ ବର୍ତ୍ତମାନ ବିପଦମୁକ୍ତ ରହିଥିବା ସୂଚନା ରହିଛି । ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ସେମାନଙ୍କ ଚିକିତ୍ସାରେ ନିୟୋଜିତ ହୋଇଛନ୍ତି । ଖୁବ୍‌ଶୀଘ୍ର ଉଭୟ ସୁସ୍ଥ ହେବେ ବୋଲି କହିଛନ୍ତି । ଏସସିବି ଜରୁରୀକାଳୀନ ଅଧିକାରୀ ଡ଼ଃ ଅଭିନାଶ ରାଉତ । ସୋମବାର ରାତିରେ ବାଲେଶ୍ୱର ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟ ବିଟ୍ ଅଞ୍ଚଳରେ ଫରେଷ୍ଟ ଗାର୍ଡଙ୍କ ସହ ଦୁଇ ବନ କର୍ମଚାରୀ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ଶିକାରୀମାନେ ବନ କର୍ମଚାରୀଙ୍କ ଉପରକୁ ଗୁଳିମାଡ଼ କରିଥିଲେ । ଫଳରେ ଘଟଣାସ୍ଥଳରେ ଜଣେ ଆହତ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ହୋଇଥିଲେ । ସଙ୍ଗେ ସଙ୍ଗେ ତିନି ଜଣଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ ୨ ଜଣଙ୍କ ଅବସ୍ଥା ସଙ୍ଗୀନ ହେବାରୁ ଅଧିକ ଚିକିତ୍ସା ପାଇଁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା । ଏସସିବିରେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ସେମାନଙ୍କ ଚିକିତ୍ସା କରୁଥିବା ବେଳେ ଉଭୟ ବର୍ତ୍ତମାନ ବିପଦମୁକ୍ତ ରହିଥିବା ନେଇ କହିଛନ୍ତି ଏସସିବି ଜରୁରୀକାଳୀନ ଅଧିକାରୀ ଡ଼ଃ ଅଭିନାଶ ରାଉତ । ସେ ଆଉ ମଧ୍ୟ କହିଛନ୍ତି, ଦୁଇ ଜଣଙ୍କ ଗୋଡ଼ରେ ଗୁଳି ବାଜିଥିବା ବେଳେ ଜଣଙ୍କ ଗୋଡରୁ ଗୁଳି କଢା ଯାଇଛି । ଉଭୟଙ୍କୁ ଏସସିବିର ସର୍ଜରୀ ବିଭାଗରେ ଭର୍ତ୍ତି କରାଯାଇଛି । ସମସ୍ତ ଟେଷ୍ଟ ଶେଷ ହୋଇଛି । ଖୁବ୍ ଶୀଘ୍ର ଉଭୟ ସୁସ୍ଥ ହେବେ । ଏହି ଘଟଣା ପରେ ଜଙ୍ଗଲ ମଧ୍ୟରେ କଡାକଡି ଭାବରେ ବନ କର୍ମଚାରୀମାନେ ଅପରେସନ୍ ଆରମ୍ଭ କରିଛନ୍ତି । ଅନ୍ୟପଟେ ପିସିସିଏଫ ସୁଶାନ୍ତ ନନ୍ଦ ବୁଧବାର ଠାରୁ ଶିମିଳିପାଳ କୁଲଡିହା ଅଭୟାରଣ୍ୟରେ ଜୋର୍‌ଦାର୍ କମ୍ବିଂ ଅପରେସନ୍ କରାଯିବ ବୋଲି ସୂଚନା ଦେଇଛନ୍ତି । ଟାଇଗର ପ୍ରୋଟେକ୍ସନ ଫୋର୍ସ ଓ ଏକ୍ସ ଆର୍ମି ଟିମ୍ ମିଳିତ ଭାବରେ ଏହି କମ୍ବିଂ କରୁଛନ୍ତି । ଏହାସହ ବନ୍ଧୁକ ରଖିଥିବା ଶିକାରୀଙ୍କୁ ବନ୍ଧୁକ ସରେଣ୍ଡର କରିବାକୁ ମଧ୍ୟ ଚେତାବନୀ ଦେଇଛନ୍ତି । ରାଜ୍ୟରେ ବନ୍ୟପ୍ରାଣୀ ମାନଙ୍କୁ ଶିକାର କରିବା ପାଇଁ ଶିକାରୀମାନେ ଗୁଳି ଚଳାଉଥିବା କିମ୍ବା କରେଣ୍ଟର ବ୍ୟବହାର କରୁଥିବା ଭଳି ସଙ୍ଗୀନ ଉଦାହରଣମାନ ରହିଥିବା ବେଳେ ବର୍ତ୍ତମାନ ବନ କର୍ମଚାରୀ ମାନଙ୍କୁ ଶିକାରୀ ଗୁଳି ମାରିବା ଓଡ଼ିଶାରେ ଏକ ପ୍ରକାର ଚାଞ୍ଚଲ୍ୟ ସୃଷ୍ଟି କରିଛି । ଦିନକୁ ଦିନ ଜଙ୍ଗଲ ମଧ୍ୟରେ ଶିକାରୀମାନଙ୍କ ଦୌରାତ୍ମ୍ୟ ବଢିବାର ଦେଖିବାକୁ ମିଳୁଛି ।

### ।।।।।।।।।।।।।।। ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର ।।।।।।।।।।।।।।।

## କିଶୋରୀ ଚରଣଙ୍କ ସାହିତ୍ୟରେ ଅଛି ମନ ଗହନର ଚମକପ୍ରଦ ଆବିଷ୍କାର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



କିଶୋରୀ ଚରଣ ଦାସଙ୍କ ସାହିତ୍ୟରେ ବୌଦ୍ଧିକ ଆନନ୍ଦର ଉପାଦାନ ସହ ସାମାଜିକ ସଂସ୍କାର ପାଇଁ ପ୍ରୟାସ ତଥା ମନଗହନର ଚମକପ୍ରଦ ଆବିଷ୍କାର । ସ୍ୱତନ୍ତ୍ର ଶୈଳୀ ବିଚାର, ଚମତ୍କାର କଥାବସ୍ତୁର ଚୟନ, ଦାର୍ଶନିକ ଦୃଷ୍ଟିଭଙ୍ଗୀ ଓ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ହେଉଛି କିଶୋରୀ ଚରଣଙ୍କ ସାହିତ୍ୟର ଅନନ୍ୟ ବିଭବ ବୋଲି ବକ୍ତାଗଣ କିଶୋରୀ ଚରଣଙ୍କର ଜନ୍ମ ଶତବାର୍ଷିକୀ ଆଲୋଚନାଚକ୍ରରେ ପ୍ରକାଶ କରିଛନ୍ତି । 'ଓଡ଼ିଶା ଲେଖକ ସମବାୟ ସମିତି' ଆନୁକୂଲ୍ୟରେ ଅନୁଷ୍ଠିତ ମାସିକ ଆଲୋଚନାଚକ୍ର ସମିତି ପରିସରରେ କାର୍ଯ୍ୟକାରୀ ସଭାପତି ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ ବିଶିଷ୍ଟ ଲେଖିକା ମାନସୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଶୋରୀ ଚରଣ ଦାସଙ୍କ ପରିବାରର ସଦସ୍ୟ ଭାବେ ବହୁ ଅନୁଭୂତି ତଥା ତାଙ୍କ ସାହିତ୍ୟ କୃତି ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ । ସେ କହିଥିଲେ ଯେ କିଶୋରୀ ଚରଣ ଜଣେ ସମ୍ବେଦନଶୀଳ ବ୍ୟକ୍ତିତ୍ୱ ଥିଲେ ଓ ସାହିତ୍ୟ କ୍ଷେତ୍ରରେ ଗଳ୍ପ ଉପନ୍ୟାସ, କବିତା, ପ୍ରବନ୍ଧ, ଆତ୍ମଜୀବନୀ ସହ ଇଂରାଜୀ ଭାଷାରେ ମଧ୍ୟ ରଚନା କରିଥିଲେ । ସେ ଓଡ଼ିଶାରୁ ଦୂରରେ ରହିଥିଲେ ମଧ୍ୟ ଓଡ଼ିଶା ଆସିଲେ ଅଧିକାଂଶ ସମୟରେ ସାହିତ୍ୟ ଚର୍ଚ୍ଚା କରୁଥିଲେ । ତାଙ୍କ ଲିଖିତ ଅନେକ ଗଳ୍ପ 'ଭଙ୍ଗାଖେଳନା', 'ଠାକୁର ଘର', 'ମଣିହରା', 'ଲକ୍ଷ ବିହଙ୍ଗ', 'ଭିନ୍ନ ପାଉଁଶ' ଭାରତର ବିଭିନ୍ନ ଭାଷାରେ ଅନୁବାଦ ହୋଇ ତାଙ୍କୁ ବେଶ୍ ପ୍ରସିଦ୍ଧି ଆଣି ଦେଇଥିଲା । ସେ 'ଓଡ଼ିଶା ସାହିତ୍ୟ ଏକାଡେମୀ'ର ସଭାପତି ଥିବା ସମୟରେ ଓଡ଼ିଆ ସାହିତ୍ୟ ପାଇଁ ବହୁ କାର୍ଯ୍ୟ କରିଥିଲେ । ମୁଖ୍ୟବକ୍ତା ଅସିତ୍ ମହାନ୍ତି କିଶୋରୀ ଚରଣ ଦାସଙ୍କର 'ଠାକୁରଘର' ସମ୍ପର୍କରେ କେତୋଟି ଗଳ୍ପ ଆଲୋଚନା କରି କିଶୋରୀ ଚରଣ ଜଣେ ମନୋବିଜ୍ଞାନୀୟ ଶୈଳୀର ସାର୍ଥକ ସାରସ୍ୱତ ସାଧକ ଭାବେ ବର୍ଣ୍ଣନା କରିଥିଲେ । ସଭାପତି ପୀତବାସ ରାଉତରାୟ କିଶୋରୀ ଚରଣ ମନଗହନର କଥାକୁ ଆବିଷ୍କାର କରି ଲେଖନୀ ଚାଳନା କରି ପାଠକଙ୍କର ହୃଦୟ ଜୟ କରିପାରିଥିଲେ ବୋଲି ବର୍ଣ୍ଣନା କରିଥିଲେ । ଏହି ଆଲୋଚନାଚକ୍ରରେ 'ଲେଖକ ସମବାୟ ସମିତି'ର ଉପସଭାପତି ଡକ୍ଟର ପ୍ରେମଲତା ଦେବୀ, ବିଶିଷ୍ଟ ସାହିତ୍ୟିକ ଡକ୍ଟର ଅଲେଖ ପଡ଼ିଆରୀ, ଡାକ୍ତର ଅଶୋକ କୁମାର ମହାପାତ୍ର, ଲେଖିକା ଆରତି କର ଓ ସାହିତ୍ୟିକ ସୀତା ବଲ୍ଲଭ ମହାପାତ୍ର ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରୁ ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ବିରଜା ପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।



## ବ୍ୟଙ୍ଗ କବି ଅପର୍ତ୍ତି ସେଠୀ ସମ୍ବର୍ଦ୍ଧିତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡାର ଜଣାଶୁଣା ବ୍ୟଙ୍ଗ କବି ଅପର୍ତ୍ତି ଚରଣ ସେଠୀ ସମ୍ବର୍ଦ୍ଧିତ ହୋଇଥିବା ଜଣାପଡିଛି । କଟକ ସ୍ଥିତ ଶ୍ରୀରାମ ଚନ୍ଦ୍ର ଭବନ ପରିସରରେ ବ୍ୟଙ୍ଗ ପତ୍ରିକା ରସଗୁଲାର ନବମ ବାର୍ଷିକ ଉତ୍ସବରେ ଓଡ଼ିଶାର ବିଶିଷ୍ଟ ବ୍ୟଙ୍ଗକବି ଡ଼ଃ ଧର୍ମଛାଡଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ସଭାରେ ଶ୍ରୀ ସେଠୀଙ୍କୁ ହାସ୍ୟ ରସିକମଣି ଉପାଧିରରେ ସମ୍ବର୍ଦ୍ଧିତ କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ୟଙ୍ଗତାରକା ଜ୍ଞାନ ହୋତା, ବ୍ୟଙ୍ଗକବି ଶ୍ରୀମାନ ସତ୍ୟାନାଶ, କବି ବାବାଜୀ ଚରଣ ଲେଙ୍କା, ପତିତ ପାବନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## କଳସ ଶୋଭାଯାତ୍ରା ସହ ଆରମ୍ଭହେଲା ବିଶ୍ୱଶାନ୍ତି ମହାଯଜ୍ଞ ମହିମା ବାଲ୍ୟଲୀଳା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ପୋଲାମର ଗୁହିରା ଟିକିରା ଠାରେ ବୁଧବାର ଠାରୁ ବିଶ୍ୱଶାନ୍ତି ମହାଯଜ୍ଞ ମହିମା ବାଲ୍ୟଲୀଳା ସୋମବାର ଆରମ୍ଭ ହୋଇଛି । ଅପରାହ୍ନ ପ୍ରାୟ ୪ଟାରେ ସାଲୁଙ୍କି ନଦୀ ପୋଲାମ ଘାଟରୁ ଶତାଧିକ ମହିଳା, ଯୁବତୀ ଓ ଝିଅମାନେ ପୂର୍ଣ୍ଣକଳସୀରେ ଜଳ ଧରି ଏକ ଶୋଭାଯାତ୍ରାରେ ବାହାରି ପୋଲାମ ଗ୍ରାମରେ ବନ୍ଦାଣ ଘେନି ଗ୍ରାମ ପରିକ୍ରମା କରି ନାମଯଜ୍ଞ ମଣ୍ଡପରେ ପହଞ୍ଚି ମଣ୍ଡପ ପରିକ୍ରମା କରି ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ସାଧୁ କୃଷ୍ଣଚନ୍ଦ୍ର ଦାସ ଦାୟିତ୍ୱ ତୁଲାଉଛନ୍ତି । ମଙ୍ଗଳବାର ବ୍ରାହ୍ମ ମୁହୂର୍ତ୍ତରୁ ବ୍ରହ୍ମ ଧୁନି ସ୍ଥାପନ, ଅଖଣ୍ଡବତୀ ବ୍ରହ୍ମାର୍ପଣ, ବିଶ୍ୱ ଶାନ୍ତି ପାଇଁ ଘୃତାହୁତି ଓ ସମୂହ ପ୍ରାର୍ଥନା, ପ୍ରାତଃ ମହିମା ବାଲ୍ୟଲୀଳା ଅର୍ପଣ ଏବଂ ମହିମା ନାମଯଜ୍ଞ ଆରମ୍ଭ ହେବ । ସନ୍ଧ୍ୟାରେ ବ୍ରହ୍ମନାମ ଶୁଭାରମ୍ଭ, ପ୍ରଭାତ ଅବକାଶ, ଆଠ ଭଜନ, ରାତିରେ ସାଧୁ ମାନଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ହେବ । ଶୁକ୍ରବାର ସକାଳେ ବ୍ରହ୍ମ ନାମ, ନଗର ପରିକ୍ରମା ଏବଂ ଅପରାହ୍ନ ୧ଟାରେ ପୂର୍ଣ୍ଣାହୁତି ହେବ ବୋଲି କମିଟି ପକ୍ଷରୁ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମରେ ବ୍ରହ୍ମାବଧୂତ ଆନନ୍ଦ ଚନ୍ଦ୍ର ବାବା, ବ୍ରହ୍ମାବଧୂତ କୂଳଧର ବାବା, ସାଧୁ କୁଳଚନ୍ଦ୍ର ଦାସ ଓ ମହିମା ସମାଜ ଲତା ଆଶ୍ରମ ପରିଚାଳନା ସମିତିର ସଭାପତି ନନ୍ଦି କିଶୋର କଲତା, ସମ୍ପାଦକ ପ୍ରମୋଦ କଲତା, ଉପ ସଭାପତି ମାନସ ପ୍ରଧାନ, କୋଷାଧ୍ୟକ୍ଷ ରଞ୍ଜନ ମହାକୁଳ, ସହ ସମ୍ପାଦକ ପଦ୍ମ ଚରଣ ଡାଙ୍ଗ, ସଭାପତି କେଦାରେଶ୍ୱର ଡାଙ୍ଗ, ମହିମା ବିକାଶ ପରିଷଦର ସଭ୍ୟ ଶମ୍ଭୁ ଗିରି, ଗଦାଧର ମହାକୁଳ, ନବୀନ ଡାଙ୍ଗ, ପଦ୍ମ ଚରଣ କର୍ଣ୍ଣ ସମସ୍ତ ସିଦ୍ଧ ସାଧୁ ବୈରାଗୀ ବୃନ୍ଦ, ପୋଲାମ ଗ୍ରାମବାସୀ ଏବଂ ଅଞ୍ଚଳବାସୀ ସହଯୋଗ କରୁଛନ୍ତି ।

## ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ବିଜେଡ଼ିର ଖଣ୍ଡନ

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**




ନୂଆପଡା ନିର୍ବାଚନ ମାଣ୍ଡଳୀରେ ଥମୁନି ଗୋଷ୍ଠୀ କନ୍ଦଳ । ମଙ୍ଗଳବାର ଖରିଆର ରୋଡ ସ୍ଥିତ ସାହୁ ସମାଜ ସଭାଗୃହରେ ଶତାଧିକ କର୍ମୀ ଏକଠି ହୋଇ ସାମ୍ବାଦିକ ସମ୍ମିଳନୀ ଜରିଆରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି । ରାଜ୍ୟ ସମ୍ପାଦକ ରାଜେଶ ନିଗମ କହିବାନୁଯାୟୀ ଶ୍ରୀ ଢୋଲକିଅ ଜଣେ ସମାଜସେବୀ ଓ ସେ ଜଣେ ଶ୍ରେଷ୍ଠ ରାଜନତୀଙ୍କ ହିସାବରେ ନୂଆପଡା ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ଶୀର୍ଷକୁ ନେବାରେ ପଛେଇ ନାହାନ୍ତି ବୋଲି ଶ୍ରୀ ନିଗାମ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି । କିଛି କର୍ମୀ ଯାହାକି ପଦ ପଦବୀରେ ରହି କି ମନ୍ତ୍ରୀଙ୍କ ବିପକ୍ଷରେ ବିଭିନ୍ନ ଅଭିଯୋଗ ଆଣିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ମଧ୍ୟ କହିଛନ୍ତି । ଶ୍ରୀ ନିଗମ କହିବା ଅନୁସାରେ ଦଳ ରାଜ୍ୟ ସଭାପତି ଯାହାକୁ ଟିକେଟ ଦିଅନ୍ତୁ ଆମର ସମର୍ଥନ ରହିବ । ଏପରିକି ଢୋଲକିଆଙ୍କୁ ଟିକେଟ ମିଳେ ବି ଅମର ସମର୍ଥନ ରହିବ । ଜୋନ୍ ନମ୍ବର ୨ର ଜିଲ୍ଲା ପରିଷଦ ସଭ୍ୟ ଅବନି ରଞ୍ଜନ ଯୋଶି ମଧ୍ୟ କହିଛନ୍ତି । ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଜଣେ ସମାଜସେବୀ ତାଙ୍କ ବିରୁଦ୍ଧରେ ଆଣିଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ତାଙ୍କୁ ଅଯଥା ବଦନାମ କରାଯାଉଛି ବୋଲି ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି । ଆସନ୍ତା ୨୨ ତାରିଖ ହେବାକୁ ଥିବା କାର୍ଯ୍ୟକ୍ରମରେ ସହସ୍ରାଧିକ ସଂଖ୍ୟାରେ ଦଳର କର୍ମୀମାନେ ମନ୍ତ୍ରୀକୁ ଭଲ ପାଇବାର ଉପସ୍ଥିତ ରହି ଜାହିର କରିବେ ବୋଲି ଶ୍ରୀ ନିଗମ କହିଛନ୍ତି । ଆହୂତ ସାମ୍ବାଦିକ ସମ୍ମଳନୀରେ ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧ୍ୟକ୍ଷା ଅନୁଶାୟା କୁମ୍ଭାର, ନୂଆପଡା ବ୍ଲକ ଉପାଧ୍ୟକ୍ଷ ଦିଲୀପ ନିର୍ମଳକର, କୋମନା ବ୍ଲକ ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ବରିଷ୍ଠ ଦଳୀୟ କର୍ମୀ ଧନିରାମ ସାହୁ, ମନମିତ ସିଂ, କାଳିଆ ପ୍ରଧାନ, ଗୋଲୁ ଚନ୍ଦ୍ରକାର ପ୍ରମୁଖ ଉପସ୍ଥିତ ଥିଲେ ।

## ନିର୍ବାଚନକୁ ନେଇ ପ୍ରଶାସନ ପକ୍ଷରୁ ତତ୍ପରତା:ବିଭିନ୍ନ ସ୍ଥାନରୁ ଦଳୀୟ ପତାକା, ପୋଷ୍ଟର ଓ ହୋର୍ଡିଂ ଉଚ୍ଛେଦ



**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ନିର୍ବାଚନ ତାରିଖ ଘୋଷଣା ପରେ ଏବେ ରାଜ୍ୟରେ ରାଜନୀତି ସରଗରମ ହୋଇଛି । ଏହି ପରିପ୍ରେକ୍ଷୀରେ ନିର୍ବାଚନକୁ କିଭଳି ସ୍ୱଚ୍ଛ ଓ ନିର୍ମଳ କରାଯିବ ସେଥିପାଇଁ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ପ୍ରଶାସନ ପକ୍ଷରୁ ଏବେ ଠାରୁ ଆରମ୍ଭ ହେଲାଣି ପ୍ରସ୍ତୁତି । ପ୍ରଶାସନ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମିଳିତ ଭାବେ ବାଲିଗୁଡ଼ା ସହରର ବିଭିନ୍ନ ସର୍ବ ସାଧାରଣ ସ୍ଥାନରେ ଲାଗିଥିବା ଦଳୀୟ ପତାକା, ପୋଷ୍ଟର ଓ ହୋର୍ଡିଂଙ୍କୁ ଉଚ୍ଛେଦ କରାଯାଉଛି । ଏଥିରେ ବାଲିଗୁଡ଼ା ତହସିଲଦାର ଡ.ବିଜୟ କୁମାର ସେଠୀଙ୍କ ସମେତ ଏନ୍‌ଏସି କର୍ମଚାରୀ ଓ ବାଲିଗୁଡ଼ା ଥାନା ପୋଲିସ୍ ସାମିଲ ହୋଇ ସହରର ବିଭିନ୍ନ ଛକ, ବସ୍‌ଷ୍ଟାଣ୍ଡ, ମେଡିକାଲ ଛକ ସହ ଗଳି କନ୍ଦି ବୁଲି ବୁଲି ଦଳୀୟ ପତାକା ସହ ହୋର୍ଡିଂ ଓ ପୋଷ୍ଟର ଗୁଡିକୁ ଉଚ୍ଛେଦ କରାଯାଇଛି ।

## ଗଭୀର ସମୁଦ୍ରରେ ସାମୁଦ୍ରିକ ସମରାଭ୍ୟାସ



**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**

ମହାକାଳପଡ଼ା ବ୍ଲକରେ ତନ୍ତିଆପାଳ ଓ ଜମ୍ବୁ ସାମୁଦ୍ରିକ ଥାନା ଅଧୀନରେ ସାମୁଦ୍ରିକ ପୋଲିସ, ତଟରକ୍ଷୀ ବାହିନୀ, ସାମୁଦ୍ରିକ ମତ୍ସ୍ୟବିଭାଗ ଓ କଷ୍ଟମ ବିଭାଗର ମିଳିତ ପ୍ରଚେଷ୍ଟାରେ ଗଭୀର ସମୁଦ୍ରରେ ସାମୁଦ୍ରିକ ସମରାଭ୍ୟାସ ଆରମ୍ଭ ହୋଇଛି । ଏହା ଦୁଇଦିନ ଧରି ଚାଲିଥିଲା । ଜମ୍ବୁ ଆଇଆଇସି ସୁଶାନ୍ତ କୁମାର ସାହୁ, ତନ୍ତିଆପାଳ ଆଇଆଇସି ସଂଜୟ କୁମାର ମଲିକ, ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ରାଜନ କୁମାର ବେହେରା ପ୍ରଭୃତି ପାଟ୍ରୋଲିଂ ଟିମ୍ ଗଠନ କରି ଗଭୀର ସମୁଦ୍ରରେ କିପରି ଆତଙ୍କ ସୃଷ୍ଟି କରିବାକୁ ଆସୁଥିବା ଆତଙ୍କୀ ମାନଙ୍କୁ ଠାବ କରି ଚେକ୍ ଦିଆଯିବ ସେ ସମ୍ପର୍କରେ ଡେମୋ ପ୍ରଦର୍ଶନ କରାଯାଇଥିଲା । ଖରିନାସୀ ଜେଠିରୁ ହୁକିଟୋଲା, ମାଦଳି ମୁହାଣ ଓ ଗଭୀର ସମୁଦ୍ର ଦେଇ ବାହାକୁଦ ଫେରିଘାଟ ନିକଟରେ ଡେମୋ ପ୍ରଦର୍ଶନ କରାଯାଇଥିଲା । ଖରିନାସୀ, ତନ୍ତିଆପାଳ, କଣ୍ଡରାପାଟିଆ, ଜମ୍ବୁ ଓ କଜଳପାତିଆ ବେସ୍‌ରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ବିଶେଷ କରି ବଙ୍ଗୋପ ସାଗର ଦେଇ ଭାରତର ସ୍ଥଳପଥକୁ ପ୍ରବେଶ କରିବା ସମୟରେ କିଭଳି ଏହାକୁ ମୁକାବିଲା କରାଯିବ ସେ ନେଇ ଏ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ତେବେ ଗଭୀର ସମୁଦ୍ରରେ ଅଲିଭ୍ ରିଡ଼ଲେ କଇଁଛ ସୁରକ୍ଷା ପାଇଁ ପାଟ୍ରୋଲିଂ କରୁଥିବା ବନବିଭାଗର କର୍ମଚାରୀମାନଙ୍କ ଉପରେ ଦୁଇଦିନ ତଳେ ବୋଟ ମାଫିଆମାନଙ୍କ ଦ୍ୱାରା ଯେଉଁଭଳି ଆକ୍ରମଣ କରାଯାଇଥିଲା ତାହାକୁ କିଭଳି ପ୍ରତିହତ କରାଯିବ ଏହାଦ୍ୱାରା, ସୁଫଳ ମିଳିବକି ନାହିଁ ଯାହାକୁ ଦେଖିବାକୁ ବାକି ରହିଲା ।

## ଗଞ୍ଜେଇ ମାମଲାରେ ଫେରାର ଅଭିଯୁକ୍ତର ସମ୍ପତ୍ତି ବ୍ୟାଜ୍ୟାପ୍ତି ପାଇଁ ନୋଟିସ୍ ଜାରି

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ବ୍ରାହ୍ମଣୀପାଲି ପଞ୍ଚାୟତ ତଥା ବାଉଁଶୁଣୀ ଥାନା ତାଳଗରି ଗ୍ରାମର ଗଞ୍ଜେଇ ମାମଲାରେ ଅଭିଯୁକ୍ତ ଥାଇ ଫେରାର ଥିବା ଜଣେ ବ୍ୟକ୍ତିଙ୍କ ସମ୍ପତ୍ତି ବ୍ୟାଜ୍ୟାପ୍ତି ପାଇଁ ନୋଟିସ୍ ଦେଇଛି ବାଉଁଶୁଣୀ ପୋଲିସ । ମିଳିଥିବା ସୂଚନା ଅନୁଯାୟୀ ଗଞ୍ଜେଇ ଚାଲାଣ ମାମଲାରେ ମୁଖ୍ୟ ଅଭିଯୁକ୍ତ ଥାଇ ତାଳଗରି ଗ୍ରାମର ସୁଶାନ୍ତ ମଲ୍ଲିକ ଫେରାର ଅଛନ୍ତି । ଜିଲ୍ଲା ଦୌରାଜଜ୍‌ଙ୍କ ଅଦାଲତର ନିର୍ଦ୍ଦେଶକ୍ରମେ ବାଉଁଶୁଣୀ ପୋଲିସ ତାଳଗିରି ଯାଇ ଆସନ୍ତା ୩୦ ଦିନ ମଧ୍ୟରେ ଅଭିଯୁକ୍ତ କୋର୍ଟରେ ହାଜର ନହେଲେ ତାଙ୍କର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତି ବ୍ୟାଜାପ୍ତି କରାଯିବ ବୋଲି ଗ୍ରାମରେ ନୋଟିସ ମାରି, ଡେଙ୍ଗୁରା ବଜାଇ ଓ ଡାକବାଜି ଯନ୍ତ୍ର ଯୋଗେ ଘୋଷଣା କରିଥିବା ଦେଖିବାକୁ ମିଳିଛି ।



## ରାଷ୍ଟ୍ରୀୟ କଳା ମଞ୍ଚର ଜିଲ୍ଲାସ୍ତରୀୟ ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଭଦ୍ରକ ଜିଲ୍ଲା ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରତିଭା ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଳା ପ୍ରତି ରୁଚି ରଖିଥିବା ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ପ୍ରତିଯୋଗୀମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏବିଭିପି ଓଡ଼ିଶାର ପୂର୍ବତନ ରାଜ୍ୟ ଉପ ସଭାପତି ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ସଂଗ୍ରାମ କିଶୋର ମହାନ୍ତି, ଏବିଭିପିର ପୂର୍ବତନ ଜିଲ୍ଲା ପ୍ରମୁଖ ତଥା ବରିଷ୍ଠ ସମାଜସେବୀ ଅମ୍ବିକା ପ୍ରସନ୍ନ ଦାସ, ନୃତ୍ୟ ଗୁରୁ ନାଟ୍ୟଶ୍ରୀ ନିର୍ମଳ ରାଉତ, ସଙ୍ଗୀତ ନିର୍ଦ୍ଦେଶକ ରୁଦ୍ର ମାଧବ ବାରିକ, କବି କୈଳାଶ ଦାସ ଯୋଗ ଦେଇଥିଲେ । ନଅଟି ବିଭାଗର କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ସହ ସମ୍ମାନୀତ କରିଥିଲେ । ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଭଦ୍ରକ ଜିଲ୍ଲା ପାଇଁ ଗୌରବ ଆଣନ୍ତୁ ବୋଲି ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ ସଫଳ ପ୍ରତିଯୋଗୀ ମାନଙ୍କୁ ଆହ୍ୱାନ କରିଥିଲେ । କଳା କ୍ଷେତ୍ରରେ ଛାତ୍ରଛାତ୍ରୀ ମାନଙ୍କ ଭୂମିକା ଏବଂ ପ୍ରତିଭା ସଙ୍ଗମ ଆୟୋଜନ ବିଷୟରେ ରାଜ୍ୟ ସହ ସମ୍ପାଦକ ଶୁଭ୍ର ସମ୍ବିତ ନାୟକ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସଂଯୋଜକ ଜ୍ୟୋତି ପ୍ରକାଶ ସାହୁ, ବାଲେଶ୍ୱର ବିଭାଗ ରାଷ୍ଟ୍ରୀୟ କଳା ମଞ୍ଚ ସଂଯୋଜିକା ପ୍ରିୟଙ୍କା ଦାଶ, ଜିଲ୍ଲା ସହ ସଂଯୋଜକ ଅରବିନ୍ଦ ଷଡ଼ଙ୍ଗୀ, ବିଭାଗ ସହ ସଂଯୋଜକ ବିଶ୍ୱନାଥ ସୋନୁ ଲାହା ବିଭାଗ ଛାତ୍ରୀ ସହ ପ୍ରମୁଖ ପାର୍ବତୀ ମିଶ୍ର, ରାଜ୍ୟ ଏସ୍‌ଏଫଡି ସହ ସଂଯୋଜକ ବିଭୁ କିଶୋର ରାଉତ, ବାଲେଶ୍ୱର ବିଭାଗ ସଂଗଠନ ମନ୍ତ୍ରୀ ସମ୍ବିତ ପ୍ରସାଦ ରାଉତ, ପୂର୍ବତନ ଜିଲ୍ଲା ସଂଯୋଜକ ବଦ୍ରି ମୋହନ ରାଉତ, ଭଦ୍ରକ ନଗର ସଭାପତି ବସନ୍ତ କୁମାର ଦୀକ୍ଷିତ, ନଗର ସମ୍ପାଦକ ଓମ୍‌କାର ମହାନ୍ତି, ଧାମନଗର ନଗର ସମ୍ପାଦକ ହିଂମାଶୁ ମହାରଣା, ଶୁଭମ୍ ରାଉତ, ରାହୁଲ ଦେବ ସାହୁ, ଶଶି କଳା ସାହୁ, ହିମାଂଶୁ ମହାରଣା, ରାକେଶ ରାଉତ, ଦିପ୍ତେଶୁ ସାମଲ, ଶୁଭଙ୍କର ମହାରଣା, ସତ୍ୟ ପ୍ରକାଶ ମହାନ୍ତି, ରାଜେଶ୍ ପଣ୍ଡୁଆ, ତୃପ୍ତି ତନିଶା ଦାସ, ପ୍ରକାଶ ମଲ୍ଲିକ, ମାଧୁରୀ ରାଉତ, ଗୌତମୀ ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**


| | | |
|---|---|---|
| ୪ / ୩ | ୨ବୃ | ଚନ୍ଦ୍ରକେତୁ / ଶୁକ୍ର୍ ମଙ୍ଗଳ ୧୨ |
| ୫ | ୧୦ / ୫ | ୧୧ |
| ୬ଟି / ୭କେ | ୮ | ୯ / ୧୦ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ


**ତା୨୨।୩।୨୦୨୪, ଚୈତ୍ର ଦ୍‌୯ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୦୫।୪୯।୫୨** **ଚନ୍ଦ୍ରୋଦୟ- ଦିଘ୩।୪୨।୦୧**


ତ୍ରୟୋଦଶୀ – ଅହୋରାତ୍ର । ମଘ ନକ୍ଷତ୍ର- ରାଘ ୪।୨୮ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର** – ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୫୩ ଗତେ ଘ ୬।୪୦ ମଧ୍ୟେ ଦିଘ ୧୨।୧୮ ଗତେ ଘ ୨।୪୨ ମଧ୍ୟେ ।




**ମେଷ:** କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ । ଏଣୁ ତେଣୁ ମନ ଭିତରେ ନାନା ଦୁଶ୍ଚିନ୍ତା ଆସିବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଶାନ୍ତି ଲାଭ । ଦୂରଯାତ୍ରା ମଧ୍ୟ କରିପାରନ୍ତି । ଶୁଭ ଖବର ପ୍ରାପ୍ତି ।




**ବୃଷ:** କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ । ଆବଶ୍ୟକତା ଠାରୁ ଆୟ ବୃଦ୍ଧି । କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିବ । ଘରୋଇ କଳହକୁ ନେଇ ଅଶାନ୍ତି ଲାଗି ରହିବ ।



**ମିଥୁନ:** କର୍ମକ୍ଷେତ୍ରରେ ଉତ୍ସାହ ବଢ଼ିବ । ତା ସହିତ ସଫଳତା ହାସଲ ହେବ । କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ । ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଆନନ୍ଦ ।




**କର୍କଟ:** ଅତ୍ୟଧିକ ଦାୟିତ୍ୱ ବହନ କରି ବ୍ୟସ୍ତ ରହିବେ । ହଠାତ୍ ଏକ ଶୁଭ ଖବର ପ୍ରାପ୍ତ ହେବ । ବନ୍ଧୁ ମିଳନ ହେବ । ଦୂରଯାତ୍ରା ମଧ୍ୟ କରିପାରନ୍ତି । ଆୟ ଅପେକ୍ଷା ବ୍ୟୟ ବଢ଼ିବାର ଆଶଙ୍କା । ସାମାନ୍ୟ ପାରିବାରିକ ଚିନ୍ତା ଲାଗି ରହିବ ।




**ସିଂହ:** ସୁସ୍ଥତା ଅନୁଭବ କରିବେ । ଆୟ ଓ ବ୍ୟୟ ସମାନ ରହିବ । ଆଳସ୍ୟତା ବୃଦ୍ଧି ହେବ । କୁଟୁମ୍ବେ ସୁଖ ପ୍ରାପ୍ତି । ଅଧିକ ବିଶ୍ରାମ କରିବେ । ଏକାଧିକ କାମ ହାତକୁ ନେଇ ବ୍ୟସ୍ତତା ମଧ୍ୟରେ ଗତି କରିବେ । ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ ।




**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ । କର୍ମକ୍ଷେତ୍ରରେ ସାଧାରଣ ଅସ୍ଥିରତା ସୃଷ୍ଟି । ଗୃହରେ ସମସ୍ୟା ଦେଖାଦେଇପାରେ । ତେଣୁ ଚିନ୍ତାଗ୍ରସ୍ତ ରହିବେ । ରୋଜଗାରରେ ଉନ୍ନତି ହେବାର ସୂଚନା ।




**ତୁଳା:** ମନରେ ସରସତା ରହିବ । ଆୟର ପରିମାଣ ବୃଦ୍ଧି ପାଇବ । ସହକର୍ମୀ ସହଚର୍ଯ୍ୟ ଲାଭ । ମୂଲ୍ୟବାନ ଦ୍ରବ୍ୟ ପ୍ରାପ୍ତି । ଦୂରଯାତ୍ରା କରିପାରନ୍ତି । ପାରିବାରିକ ଆନନ୍ଦ ଲାଭ । ଆୟ ଓ ବ୍ୟୟ ସମାନ ରହିବ ।




**ବିଛା:** ପରିବାରରେ ପର ପାଇଁ ହଇରାଣରେ ପଡ଼ିବେ । ପାରିପାର୍ଶ୍ୱିକ ଅବସ୍ଥାର ପରିବର୍ତ୍ତନ ଘଟିପାରେ । ପ୍ରାୟତଃ ସୂକ୍ଷ୍ମ କାର୍ଯ୍ୟ କରିବାର ଆଗ୍ରହ ପ୍ରକାଶ କରିପାରନ୍ତି । ଉଚ୍ଚ ସମ୍ମାନ ପ୍ରାପ୍ତ ହେବ । ଆୟ ଉତ୍ତମ ହେବ ।



**ଧନୁ:** ଚେଷ୍ଟା କରିଥିବା କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ । ଉତ୍ତମ ଭୋଜନ ପ୍ରାପ୍ତ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଅଶାନ୍ତିର ଆଶଙ୍କା । ବନ୍ଧୁଙ୍କ ସାହାଯ୍ୟ ସହଯୋଗ ପ୍ରାପ୍ତ ହେବନାହିଁ ।



**ମକର:** ବନ୍ଧୁଙ୍କ ସହଯୋଗରୁ କାର୍ଯ୍ୟ ହାସଲ କରିବେ । ବିଭିନ୍ନ ସମସ୍ୟା ସତ୍ତ୍ୱେ କର୍ମରୁ ପଛଘୁଞ୍ଚା ଦେବେନାହିଁ । ଦୂରଯାତ୍ରା କରିବାର ସୂଚନା । ଆୟରେ ଉନ୍ନତି ହେବ । ପାରିବାରିକ ବାଦବିବାଦ ଦେଖାଦେବାର ଆଶଙ୍କା ।



**କୁମ୍ଭ:** ବ୍ୟବସାୟିକ ସ୍ଥିତି ମାନ୍ଦା ହେବ । ସାଧାରଣରେ ଯଶ ଖ୍ୟାତି ବଢ଼ିବ । ବନ୍ଧୁ ବାନ୍ଧବମାନେ ଅସହଯୋଗ ମନୋବୃତ୍ତି ପୋଷଣ କରିବେ । ରୋଜଗାର ମଧ୍ୟମ ଧରଣର ହେବ । ଗୃହେ ଶାନ୍ତି ଦେଖାଦେବ । ମହିଳାମାନେ ଚିନ୍ତିତ ରହିବେ ।



**ମୀନ:** ନିଜର ଲୋକ ଶତ୍ରୁତା ଆଚରଣ କରିବେ । ଅତ୍ୟଧିକ ପରିଶ୍ରମ ଯୋଗୁ କ୍ଳାନ୍ତି ଅନୁଭବ କରିବେ । କର୍ମକ୍ଷେତ୍ରରେ ବିଚଳିତ ରହିବେ । ରୋଜଗାରରେ ବାଧା ଆସିପାରେ । ସ୍ୱାଧୀନତା ରହିବ ନାହିଁ ।



## ଗଞ୍ଜେଇ ସହ ବାଇକ୍ ଜବତ:ଯୁବକ ଓ ମହିଳା ମାଫିଆ ଗିରଫ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜେଇ ଚୋରା ଚାଲାଣ ବେଳେ ପୋଲିସ୍ ପଞ୍ଝାରେ ଜଣେ ଯୁବକ ଓ ଜଣେ ମହିଳା ଗଞ୍ଜେଇ ମାଫିଆ । ପାଞ୍ଚ କେଜି ଓଜନର ଗଞ୍ଜେଇ ସହ ମୋଟର ସାଇକେଲ ଜବତ କରିଛି ପୋଲିସ୍ । ସୂଚନା ପ୍ରକାରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ପୋଲିସ୍ ପାଟ୍ରୋଲିଂ କରୁଥିବା ବେଳେ ପୋଲିସକୁ ଦେଖି ଏକ ମୋଟର ସାଇକେଲ ଯୋଗେ ଯାଉଥିବା ଯୁବକ ମହିଳା ଦୃତ ଗତିରେ ଯିବାକୁ ଲାଗିଲେ । ପାଟ୍ରୋଲିଂ କରୁଥିବା ପୋଲିସମାନେ ମୋଟର ସାଇକେଲକୁ ପିଛା କରି ବାଲିଗୁଡ଼ା ଥାନା ଅନ୍ତର୍ଗତ ସୁରୁବାଲି ନିକଟରେ ମୋଟର ସାଇକେଲକୁ କାବୁ କରିବାରେ ସକ୍ଷମ ହୋଇଥିଲେ । ସେମାନଙ୍କ ନିକଟରୁ ୫ କେଜି ଓଜନର ଗଞ୍ଜେଇ ସହ ମୋଟର ସାଇକେଲ ଜବତ ହୋଇଥିବା ଜଣାପଡ଼ିଛି । ଗିରଫ ଦୁଇଜଣଙ୍କ ମଧ୍ୟରୁ ଯୁବକ ଜଣକ ରାୟଗଡ଼ା ଜିଲ୍ଲା କାଶିପୁର ଥାନା ଅଞ୍ଚଳର ବନ ନାୟକ ହୋଇଥିବା ବେଳେ ମହିଳା ଜଣକ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ ଦୁର୍ଗାପ୍ରସାଦ ଗ୍ରାମର ମାନିନୀ ମାଝୀ ହୋଇଥିବା ଜଣାପଡ଼ିଛି । ଜି.ଉଦୟଗିରି ଅଞ୍ଚଳରୁ ଗଞ୍ଜେଇ ନେଇ ରାୟଗଡ଼ା ଅଭିମୁଖେ ମୋଟର ସାଇକେଲ ଯୋଗେ ଯାଉଥିବା ବେଳେ ବାଲିଗୁଡ଼ା ଥାନା ସୁରୁବାଲି ନିକଟରୁ ଉଭୟଙ୍କୁ ଗିରଫ କରିଥିବା ପୋଲିସ୍ ପକ୍ଷରୁ ସୂଚନା ମିଳିଛି ।

30 YEARS
ସମ୍ବାଦ କଳିକା

# ବାର୍ଟର ଟ୍ରେଡ୍ ହିଁ ଏବେ ଭରସା

ପାକିସ୍ତାନୀ ବୈଦେଶିକ ମୁଦ୍ରାଭଣ୍ଡାର ଏବେ ସମାପ୍ତ ହେବା ଅବସ୍ଥାକୁ ପହଞ୍ଚି ଯାଇଛି । ଏଣୁ ବସ୍ତୁ ବିନିମୟ ବ୍ୟାପାର (ବାର୍ଟର ଟ୍ରେଡ୍) ଉପରେ ଭରସା କରିବାକୁ ପଡ଼ିଛି । ଏହି ବିନିମୟ ବେପାର ଏବେ ଋଷିଆ, ଆଫଗାନିସ୍ତାନ ଓ ଇରାନ ସହ ଆରମ୍ଭ କରିଛି । ଏଥିରେ ନିଜର ସାମଗ୍ରୀ ବଦଳେ ଅନ୍ୟ ଦେଶରୁ ସାମଗ୍ରୀ ସଂଗ୍ରହ କରୁଛି ସେ । ପେଟ୍ରୋଲିୟମ ପଦାର୍ଥ ସମେତ ଏଲଏନଜି, କୋଇଲା, ଗହମ, ଡାଲି, ଖଣିଜ ଧାତୁ ଓ ଖାଦ୍ୟ ପଦାର୍ଥ ବଦଳେ ନିଜର କୃଷି ଓ ଟେକ୍ସଟାଇଲ ସାମଗ୍ରୀ ଅଦଳ ବଦଳ କରୁଛି । ପାକିସ୍ତାନର ଅବସ୍ଥା ଏବେ ଏପରି ହୋଇଯାଇଛି ଯେ ବୈଦେଶିକ ମୁଦ୍ରା ଭଣ୍ଡାରରେ ବିନିମୟ ଲାଗି ଆବଶ୍ୟକ ପରିମାଣର ବୈଦେଶିକ ମୁଦ୍ରା ନାହିଁ । ଏଣୁ ବାର୍ଟର ବ୍ୟବସ୍ଥା ଆପଣେଇବାକୁ ବାଧ୍ୟ ହୋଇଛି । କାରଣ ଦେଶର ଧ୍ୱଂସ ହୋଇସାରିଥିବା ଅର୍ଥ ବ୍ୟବସ୍ଥାକୁ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମଏଫ) ମଧ୍ୟ ସହାୟତା କରୁ ନାହିଁ । ଏଣୁ ବାର୍ଟର ଟ୍ରେଡ୍ ଯୋଗୁ ତାକୁ ବ୍ୟାଙ୍କିଙ୍ଗ ଟ୍ରାଞ୍ଜାକ୍ସନ କରିବାକୁ ପଡୁ ନାହିଁ । ଏଥିରୁ ପାକିସ୍ତାନ ଏବେ ଇରାନ ସହିତ ଅଧିକାରୀଙ୍କ ଚ୍ୟାନେଲରେ କାରବାର କରିପାରୁନଥିବା ଜଣାପଡିଛି । କାରଣ ଇରାନ ବିରୋଧରେ ଆମେରିକାର କଡ଼ା କଟକଣା ରହିଛି ।

ପାକିସ୍ତାନ ଗଣମାଧ୍ୟମ ଅନୁସାରେ ନୂଆ ବ୍ୟବସ୍ଥାରେ ପାକିସ୍ତାନ କୃଷି କ୍ଷେତ୍ରକୁ ବେଶ୍ ଲାଭ ମିଳିବ । କାରଣ ପାକିସ୍ତାନ ମାଂସ, ଫଳ, ପନିପରିବା ଓ ଚାଉଳ ଦେଇ ବିଦେଶରୁ ନିଜ ଲାଗି ଆବଶ୍ୟକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ମଗାଇ ଆଣିପାରିବ । ଏଥିରେ ପାକିସ୍ତାନର ଟେକ୍ସଟାଇଲ ଉଦ୍ୟୋଗ ମଧ୍ୟ ଲାଭାନ୍ୱିତ ହେବ ବୋଲି ଅନୁମାନ କରାଯାଉଛି । ରିପୋର୍ଟ ଅନୁସାରେ ପାକିସ୍ତାନ ବାଣିଜ୍ୟ ମନ୍ତ୍ରଣାଳୟ ବାର୍ଟର ଟ୍ରେଡ୍ ନେଇ ଏକ ବିଶେଷ ଆଦେଶ ଜାରି କରିଥିଲା । ଏଥିରୁ ପାକିସ୍ତାନ ବୈଦେଶିକ ମୁଦ୍ରା ଭଣ୍ଡାରରେ ଅତିବେଶିରେ ଆଉ ମାତ୍ର ମାସକ ଲାଗି ବୈଦେଶିକ ମୁଦ୍ରା ଥିବା ଅନୁମାନ କରାଯାଉଛି । ସେପଟେ ପାକିସ୍ତାନର ମୁଦ୍ରାସ୍ଫିତି ଅନିୟନ୍ତ୍ରିତ ହୋଇପଡିଛି । ଗତ ମାସରେ ଏହା ୩୮ ପ୍ରତିଶତର ରେକର୍ଡ ସ୍ତରକୁ ପହଞ୍ଚିଥିଲା । ଏଥିରେ ସରକାର ଯେଉଁ ଆଦେଶ ଜାରି କରିଛନ୍ତି ଘରୋଇ ଅଥବା ସରକାର କମ୍ପାନୀ ବାର୍ଟର ଟ୍ରେଡ୍ ପ୍ରକ୍ରିୟା ଆପଣେଇବା ଲାଗି ଏବେ ସରକାରଙ୍କଠୁ ମଞ୍ଜୁରୀ ନେବାକୁ ପଡ଼ିବ । ବର୍ତ୍ତମାନ ସମୟରେ ପାକିସ୍ତାନ ଅର୍ଥ ବ୍ୟବସ୍ଥାର ଅବସ୍ଥା ଏପରି ଯେ ଖାଉଟି ମୂଲ୍ୟ ସୂଚକାଙ୍କ ୩୮ ପ୍ରତିଶତରେ ପହଞ୍ଚିଥିବା ବେଳେ ସେନସେଟିଭ ପ୍ରାଇସ ଇଣ୍ଡିକେଟର ୪୮ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚି ଯାଇଛି । ଏହି ବିପରୀତ ପରିସ୍ଥିତିରେ ବାର୍ଟର ଟ୍ରେଡ୍ ଆପଣାଇବା ଦ୍ୱାରା ପାକିସ୍ତାନର ଅର୍ଥ ବ୍ୟବସ୍ଥାକୁ ସମ୍ଭାଳିବା ଲାଗି ସାମାନ୍ୟ ସହାୟତା ମିଳିପାରେ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମସ୍ତୁତେ ।'



ଶ୍ରୀ ଅଭିରାମ ସରସ୍ୱତୀ

**ସତ୍ୟ ପାଶେ ଶାନ୍ତି ଦେଲ**
**ଦୟା ପାଶେ କ୍ଷମା ଦେଲ**
**ନାମ ଥୋଇ ଅନାମକୁ**
**ଗୁପତ କରିଲ**
**ହେ ପ୍ରଭୁ ଜଗତନାଥ**
**ମୁଁ**
**କୁହାର କୁହ (୫)**

**ସବୁ ଦେଇ ଶୂନ୍ୟ କଲ**
**ଶୂନ୍ୟ ବ୍ରହ୍ମ ବୋଲାଇଲ**
**ସେ ଶୂନ୍ୟ ବ୍ରହ୍ମ ପଦ୍ମକୁ**
**ଅଭିକି ନ ଦେଲ**
**ହେ ପ୍ରଭୁ ଜଗତନାଥ**
**ମୁଁ**
**କାହାର କୁହ (୬)**

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କର୍ଣ୍ଣରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅସ୍ତ ବ୍ୟସ୍ତ
କଲା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)
(କ୍ରମଶଃ)

# ଭବିତବ୍ୟ ଯାହା ଅବଶ୍ୟ ଘଟିବ-୨୯



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

କେହି ଜଣେ ହେଲେ ଅଯୋଧ୍ୟାବାସୀ ମୋ ହୃଦୟର ଏହି ହୃଦୟ ବିଦାରକ ପରିଭାଷାକୁ ଜାଣିପାରିଲେ ନାହିଁ । ତେଣୁ ସେହି ଦିନଠାରୁ ମୁଁ ପାଲଟିଗଲି ରଘୁକୂଳର ଜଣେ ଅଭିଶପ୍ତ ପାଟରାଣୀ । ଯାହାକୁ ଯେତେ କଳୁଷିତ ବାକ୍ୟରେ ନିନ୍ଦା କଲେ ମଧ୍ୟ ତାହା ବହୁତ କମ୍ ହେବ ବୋଲି ଅନୁଭବ କରିଚାଲିଲି । ଆଜି ସେହି ରାମ ମୋ କୋଳରେ ଶୟନ କରିଛି । ପୁଣି ଅନ୍ତିମ ସୋପାନରେ, କାହିଁକିନା ଲକ୍ଷ୍ମଣର ବିୟୋଗରେ ସେ ଆଉ ଗୋଟିଏ ମୁହୂର୍ତ୍ତ ମଧ୍ୟ ଏ ସଂସାରରେ ରହିବନାହିଁ । ଏକଥା ସମସ୍ତେ ଜାଣନ୍ତି । ମୋ ରାମକୁ ସବୁ ମିଳିବ କିନ୍ତୁ ଲକ୍ଷ୍ମଣ ଭଳି ଭାଇ ତାକୁ ମିଳିବନାହିଁ । ଲକ୍ଷ୍ମଣର ଦେହ ଟିକେ ଅସୁସ୍ଥ ହେଲେ ରାମର ଆଖିରୁ ଲୁହ ଝରିପଡ଼େ । ବନବାସ ବେଳେ ଭାଇ, ଭାଉଜଙ୍କ ପାଇଁ ଖାଦ୍ୟ ସଂଗ୍ରହ କରି ଯେତେବେଳେ କ୍ଳାନ୍ତ ଶ୍ଳାନ୍ତ ହୋଇ ଘର୍ମାକ୍ତ ଶରୀରରେ ପର୍ଣ୍ଣ କୁଟୀରରେ ପହଞ୍ଚି ଭାଇ, ଭାଉଜଙ୍କ ନିକଟରେ ଖାଦ୍ୟ ପରସିଦିଏ ସେହି ସମୟରେ ଲକ୍ଷ୍ମଣର ମୁହଁକୁ ରାମ ଚାହିଁ ଦେଇ ଲୁହ ଢାଳେ । ସେପରି ଭାଇକୁ ବର୍ଜନ କରି ରାମ କ'ଣ କେବେ ଜୀବିତ ରହିପାରିବ ? ଯଦିବି ରାମ ମୋର ବଞ୍ଚିରହେ ସେ ଏକପ୍ରକାର ମୃତକଙ୍କ ପରି ବଞ୍ଚି ରହିବ । ତମାମ ଜୀବନ ଖାଲି ଲକ୍ଷ୍ମଣର କଥା ଚିନ୍ତା କରି କରି କ୍ଷତାକ୍ତ ହୃଦୟରୁ ଲହୁ ଲୁହ ଝରାଇବ ସିନା ଲାଭ କିଛି ମିଳିବନି । ଗୋଟାଏ ରୁକ୍ଷ, କର୍କଶ ଶିଳାଖଣ୍ଡ ଉପରେ ମଥା ପିଟିଲେ ଯେପରି କୌଣସି ପ୍ରତିକ୍ରିୟା ପ୍ରକାଶ କରେନି, ଠିକ୍ ସେହିପରି ବଞ୍ଚି ରହିବ ଶ୍ରୀରାମ । ରାତି ପାହିଲେ ଲକ୍ଷ୍ମଣ କଥା ଚିନ୍ତାକରି ନିଜ ଜୀବନକୁ ଧିକ୍କାର କରିବ । ରାତି ପାହିଲେ ନିଜ ଜୀବନକୁ ଅଜସ୍ର ଅଭିଶାପ ଦେବ । ତେଣୁ ଲକ୍ଷ୍ମଣର ପଛେ ପଛେ ରାମର ହେବ ମହାପ୍ରୟାଣ । ଦଶରଥ ଚାଲିଗଲେ । ତାଙ୍କ ବିୟୋଗରେ ଯେତେ ସେ ବିଳାପ କରି କରି କାନ୍ଦିଛି ଏବେବି ରାମର ହୃଦୟରୁ ରକ୍ତ ଝରି ଚାଲିଛି । ପିତାଙ୍କ ପାଇଁ ସେ ରକ୍ତପାତ ବନ୍ଦ ହୋଇନି । ପୁଣି ଲକ୍ଷ୍ମଣ ବର୍ଜନ ହେବ । କୌଣସି ମହାଶକ୍ତି ଏ ପୃଥିବୀରେ ନାହିଁ ଯିଏକି ଲକ୍ଷ୍ମଣ ବର୍ଜନ ପରେ ରାମକୁ ବଞ୍ଚାଇପାରିବ । କେବଳ ରାମ ନୁହେଁ । ରଘୁ ବଂଶର କେବଳ ଏ ଚାରି ଭାଇଙ୍କର ସନ୍ତାନଙ୍କ ବ୍ୟତୀତ ଆଉ କେହି ଜୀବନ ଧାରଣ କରିବେନାହିଁ । ସମସ୍ତେ ଦେହତ୍ୟାଗ କରିବେ ସ୍ୱତଃସ୍ଫୁର୍ତ୍ତ ଭାବରେ । ମୁଁ କୋଳରେ ଶୁଆଇ ରାମର ମୁଣ୍ଡ ଉପରେ ହାତ ରଖି ଆଉଁସୁଥିବା ବେଳେ ମୋ ଆଖିର ଲୁହ ଗୁଡ଼ାକ ତାର ଛାତିକୁ ଓଦା କରିସାରିଲେଣି । ଏ ଲୁହର ଶ୍ରାବଣଟା ବର୍ଷି ଯାଉଥିଲା ଅତୀତର ନିର୍ଯାତନାରେ ମୁଁ ନିଃଶେଷ ହୋଇଯାଇଥିବା ହୃଦୟ ବିଦାରକ ଘଟଣାକୁ ଆଧାରକରି । ରାଜଭବନରେ ଯୁଆଡ଼କୁ ଚାହିଁବ ଖାଲି ଲୁହର ବର୍ଷା, ବିକଳ ଆର୍ତ୍ତନାଦ, ବୁକୁଫଟା ବିକଳ ଅଶ୍ରୁପାତ । ହେ ବିଧାତା ! କେଉଁ ଭାଷାରେ କିଏ ବର୍ଣ୍ଣନା କରିବ, ରଘୁ କୂଳର ଏ ଲୋମ ଟାଙ୍କୁରା ବିପର୍ଯ୍ୟୟକୁ ? ଅନେକ ବେଳ ଠାରୁ ସୁମନ୍ତ ସବୁ ଆଡ଼କୁ ଖବର ପଠାଇସାରିଲେଣି । ଅସ୍ତାଚଳଗାମୀ ସୂର୍ଯ୍ୟଙ୍କୁ ସାକ୍ଷୀ ରଖି ଆସନ୍ତା କାଲି ମହାପ୍ରସ୍ଥାନ କରିବେ ପ୍ରତ୍ୟୁଷରୁ ରଘୁବଂଶର ଅପ୍ରତିହତ ମହାଯୋଦ୍ଧା ସୁମିତ୍ରା ନନ୍ଦନ ଲକ୍ଷ୍ମଣ । ଲକ୍ଷ୍ମଣଙ୍କ ପଛେ ପଛେ ଗମନ କରିବେ ସରଯୂ ଅଭିମୂଖେ ସୂର୍ଯ୍ୟବଂଶର ବିଦ୍ୱିତ ମର୍ଯ୍ୟାଦା ପୁରୁଷୋତ୍ତମ ରଘୁକୂଳ ଶିରୋମଣି ରାମଚନ୍ଦ୍ର ।

ରାତ୍ରୀ ହୋଇଯାଇଥିଲା । କାହାରି ଆଖିରେ ନିଦ ନାହିଁ । ଏଠାରେ କିଏ କାହାକୁ ଶାନ୍ତ୍ୱନା ଦେବ ? ସମସ୍ତେ ବିବ୍ରତ, ବିଚଳିତ । ସମସ୍ତ ଅଯୋଧ୍ୟାବାସୀ ଶୋକର ମହାସାଗରରେ ଭାସୁଛନ୍ତି । ବଶିଷ୍ଠ ନିଜକୁ ଯଥେଷ୍ଟ ସଂଯତ କରିବାକୁ ଚେଷ୍ଟା କରୁଥାନ୍ତି । କିନ୍ତୁ ସେ ନିଜକୁ ସମ୍ଭାଳି ପାରୁନଥାନ୍ତି । ଚତୁର୍ଦ୍ଦିଗରେ ତାଙ୍କୁ ଦେଖାଯାଉଥାଏ ଗୋଟିଏ ଅକଳ୍ପନୀୟ କଳା ମେଘ ଖଣ୍ଡଗୁଡ଼ିକ କ୍ଷୀପ୍ର ଗତିରେ ମାଡ଼ିଆସୁଛି ଅଯୋଧ୍ୟା ମହାକାଶ ଉପରକୁ ଧ୍ୱସ୍ତ ବିଧ୍ୱସ୍ତ କରିଦେବା ପାଇଁ । ସେହି କାଳ ରାତ୍ରୀର କଳା ଅନ୍ଧାର ଭିତରେ ଗୋଟିଏ ନାରୀର ଛାୟା ମୂର୍ତ୍ତିଟିଏ କାହିଁକି କେଜାଣି ଘୂରି ବୁଲୁଥାଏ । ଆଖିରୁ ତାର କ୍ଷୀଣ ଆଲୋକ ରେଖାଟିଏ ସମୟେ ସମୟେ ଦୃଶ୍ୟମାନ ହେଉଥାଏ ମହର୍ଷି ବଶିଷ୍ଠଙ୍କୁ । ବଶିଷ୍ଠ ସେହି ନାରୀମୂର୍ତ୍ତୀଟିର ପଶ୍ଚାତ୍ ଧାବନ କଲାବେଳେ ହଠାତ୍ ତାଙ୍କ ଆଖି ଆଗରୁ ଅନ୍ତର୍ଦ୍ଧାନ ହୋଇ ଆଉ ଗୋଟିଏ ସ୍ଥାନରେ ଆବିର୍ଭାବ ହୋଇଯାଉଥାଏ । ଏ ଛାୟା ମୂର୍ତ୍ତିଟି କାହାର ଓ କାହିଁକି ଏପରି ଘୂରି ବୁଲୁଛି ରାଜଭବନ ପରିସରରେ । ତେବେ ଇଏ କ'ଣ ସେହି ଆଗନ୍ତୁକଙ୍କ ଛାୟାମୂର୍ତ୍ତି ? ବଶିଷ୍ଠ ନିଜ ଆଖିକୁ ଏକ ଭ୍ରମ ବୋଲି ନିଶ୍ଚିତ ହେଲେ । କାରଣ ମଣିଷ ଯେତେବେଳେ କଳ୍ପନାତୀତ ବିପଦରେ ପଡ଼ିଥାଏ ତାର ଆଖି ଆଗରେ ଏଭଳି ଦୃଶ୍ୟ ସବୁ ଚିତ୍ରାୟିତ ହୋଇଥାଏ । ତେଣୁ ସେ ନିଜକୁ ପ୍ରକୃତିସ୍ଥ କରିନେଲେ । କ୍ରମେ କ୍ରମେ ରାତ୍ରୀର ନିବିଡ଼ତା କ୍ଷୀଣ ହୋଇ ଆସୁଥାଏ । ବଶିଷ୍ଠଙ୍କୁ ପଶ୍ଚିମ ଆକାଶରେ ପାହାନ୍ତିଆ ତାରାଟି ଦପ୍ ଦପ୍ ହୋଇ ଜଳିଉଠୁଥିଲା ବଡ଼ ଭୟାନକ ଅଘଟଣ ଓ ସନ୍ଦିଗ୍ଧ ଆକାଂକ୍ଷା ମଧ୍ୟରେ ରାତ୍ରୀ ପାହି ଆସୁଛି । ପୂର୍ବ ଦିଗରୁ ସିନ୍ଦୂରା ଫାଟିବା ସମୟ ବି ଆସିଗଲାଣି । ରାତ୍ରୀ ସାରା ସମସ୍ତେ ଅନିଦ୍ରା । ବଶିଷ୍ଠ, ସୁମନ୍ତ, ଜାବାଳି ସମସ୍ତଙ୍କୁ ଆଶ୍ୱାସନା ଦେବାପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥାନ୍ତି । ଧୀରେ ଧୀରେ ଶୋକର ଆସ୍ତରଣ ଶିଥିଳ ହୋଇଆସିଲାଣି । ଅପ୍ରତ୍ୟାଶିତ ଭାବେ ବଶିଷ୍ଠ ରାଜସଭା ଡକାଇବେ । କାହିଁକିନା ଶ୍ରୀରାମ ଆଉ ରାଜସିଂହାସନ ଉପରେ ବସି ବିଚାର କରି ନିଷ୍ପତ୍ତି କରିବାର ସମ୍ଭାବନା ଅତ୍ୟନ୍ତ କ୍ଷୀଣ । ତେବେ ଶ୍ରୀରାମ କିଛି ବିଚାର ନ ଦିଅନ୍ତୁ ପଛେ ସିଂହାସନ ଉପରେ ବସିବା ନିହାତି ଆବଶ୍ୟକ ବୋଲି ବଶିଷ୍ଠ ଶ୍ରୀରାମଙ୍କୁ ବୁଝାଉଥାନ୍ତି । **(କ୍ରମଶଃ)**

# ଓଡ଼ିଶା, ମୋ ଓଡ଼ିଶା, ଆମ ଓଡ଼ିଶା



ବିଷ୍ଣୁ ପ୍ରସାଦ ଦାସ
ବରିଷ୍ଠ ନାଗରିକ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା
ମୋ: ୯୯୩୭୧୭୪୦୯୭

ଭାରତ ବର୍ଷରେ ଓଡ଼ିଶା ବଙ୍ଗୋପସାଗର କୂଳରେ ଅବସ୍ଥିତ ଏକ ସମ୍ପୂର୍ଣ୍ଣ ରାଜ୍ୟ । ଏହାର ପରିସୀମା ପଶ୍ଚିମ ବଙ୍ଗ, ଛତିଶ ଗଡ଼, ଆନ୍ଧ୍ର ପ୍ରଦେଶ, ଝାଡ଼ଖଣ୍ଡ କୁ ଛୁଇଁଛି । ଏହାର ସାମୁଦ୍ରିକ ରେଖା ପ୍ରାୟ ୪୫୦ କିଲୋମିଟର, କ୍ଷେତ୍ରଫଳ ପ୍ରାୟ ୧,୫୫,୭୦୭ ବର୍ଗ କିଲୋମିଟର ଏବଂ ପ୍ରଧାନ ନଦୀ ମହାନଦୀ । ବର୍ତ୍ତମାନର ଓଡ଼ିଶା ପ୍ରଦେଶ ଅତୀତରେ କଳିଙ୍ଗ, ଉତ୍କଳ, ଉଡ୍ର ଇତ୍ୟାଦି ଅନେକ ନାମରେ ପରିଚିତ ଥିଲା । ସମୟ ସହିତ ତାଳଦେଇ ଅନେକ ଉତ୍ଥାନ ପତନ, ଅନେକ ଶାସକଙ୍କ ଦ୍ୱାରା ଶାସିତ ହୋଇ ଓଡିଶା ନିଜର ଗୌରବ ଆଜି ମଧ୍ୟ ବଜାୟ ରଖିଛି ବୋଲି ବହୁଳ ଭାବେ ପ୍ରଚାରିତ ହେଉଛି, ତେବେ ଏଥିରେ କେତେ ସତ୍ୟତା ଭରି ରହିଛି ତାହା ଅନେକେ ଜାଣନ୍ତି । ଭାରତବର୍ଷରେ ଯେତେ ରାଜ୍ୟ ଅଛି ତନ୍ମଧ୍ୟରୁ ଶାନ୍ତି ପ୍ରିୟ ରାଜ୍ୟ ହିସାବରେ ଓଡିଶା ଅନ୍ୟତମ, ଓଡ଼ିଶାର କଳା, ସଂସ୍କୃତି, ମନୋରମ ପ୍ରାକୃତିକ ପରିବେଶ, ସୁଦୀର୍ଘ ବେଳାଭୂମି, ସୁଉଚ୍ଚ ପର୍ବତମାଳା ସବୁଜ ଅରଣ୍ୟ ପରିବେଷ୍ଟିତ ଜିଲ୍ଲା ସମୂହ, ମନ୍ଦିର ମାଳିନୀ ସହର, ବିଶ୍ୱ ପ୍ରସିଦ୍ଧ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର, ଖଣିଜ ସମ୍ପଦରେ ପରିପୂର୍ଣ୍ଣ, କୃଷି ଶିଳ୍ପରେ ଅଗ୍ରଣୀ, ବାଣିଜ୍ୟ ବ୍ୟବସାୟର ପେଣ୍ଠ ସ୍ଥଳ ଏହି ଓଡିଶା ମାଟିରେ ଜନ୍ମିତ ଅନେକ ଗୁଣି ଜ୍ଞାନୀ ମହାନ ବ୍ୟକ୍ତିତ୍ୱଙ୍କ ସହିତ ସାଢେ ଚାରିକୋଟିରୁ ଉର୍ଦ୍ଧ୍ୱ ଓଡିଶା ବାସୀ ଆଜି ନିଜ ରାଜ୍ୟ ପାଇଁ ଗର୍ବିତ ହେବା ସ୍ୱାଭାବିକ କଥା, ଏଠାରେ ବିଭିନ୍ନତାରେ ଏକତା ପରିଲକ୍ଷିତ ହୁଏ । ଅତୀତର ସ୍ମୃତିକୁ ଯଦି ରୋମନ୍ଥନ କରିବା ତେବେ ଓଡ଼ିଶାକୁ ଆମେ ହୃଦୟରୁ ଅଧିକରୁ ଅଧିକ ଭଲପାଇବା, କାନ୍ତକବି ଲକ୍ଷ୍ମୀ କାନ୍ତ ମହାପାତ୍ରଙ୍କ ଦ୍ୱାରା ରଚିତ ଓଡ଼ିଶା ପ୍ରଦେଶର ରାଜ୍ୟ ସଂଗୀତର ମାନ୍ୟତା ପାଇଥିବା 'ବନ୍ଦେ ଉତ୍କଳ ଜନନୀ ... କର୍ଣ୍ଣ ଗହ୍ୱରରେ ପ୍ରବେଶ କରିବା ମାତ୍ରେ ଭକ୍ତିରେ ଲୋମ ମୂଳ ଟାଙ୍କୁରି ଉଠେ, ପ୍ରଦେଶର ସ୍ୱତନ୍ତ୍ରତା ପାଇଁ ପ୍ରାଣବଳି ଦେଇଥିବା ସହିଦ, ଜୀବନକୁ ବିପନ୍ନ କରି ସଂଗ୍ରାମ କରିଥିବା ମନୀଷୀ ମାନେ ଆମର ସର୍ବଦା ପୂଜ୍ୟ ।

୧୯୩୬ ମସିହା ଏପ୍ରିଲ ମାସ ୦୧ ତାରିଖ ଆମପାଇଁ ଏକ ସ୍ମରଣୀୟ ଦିବସ, ମିଳିତ ବିହାର- ଓଡିଶା ପ୍ରଦେଶକୁ ଅଲଗା କରି ତଥା ମାନ୍ଦ୍ରାସ ପ୍ରେସିଡେନ୍ସିରୁ ଗଂଜାମ ଏବଂ କୋରାପୁଟ ଜିଲ୍ଲାକୁ ଆଣି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ କରା ଯାଇଥିଲା । ଏଥିପାଇଁ ଅନେକ ସଂଗ୍ରାମ କରା ହୋଇଛି । ଉତ୍କଳ ଗୌରବ ମଧୁସୂଦନ ଦାସ ମହାଶୟଙ୍କ ଦ୍ୱାରା ୬୨ ଜଣ କର୍ମକର୍ତ୍ତାଙ୍କୁ ନେଇ ୧୯୦୩ ମସିହାରେ ଗଠିତ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ହୋଇଥିଲା, ପ୍ରାୟ ତିନି ଦଶନ୍ଧି ଧରି ନିରବଚ୍ଛିନ୍ନ ସଂଗ୍ରାମ, ବ୍ରିଟିଶ୍ ଶାସକଙ୍କ ସହିତ ବାଦାନୁବାଦ, ତ୍ୟାଗ, ବଳିଦାନର ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଆଜି ଗର୍ବର ସହିତ ଛିଡା ହୋଇଛି । ଉତ୍କଳଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ, ମହାରାଜା ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତି, ପଣ୍ଡିତ ନୀଳକଣ୍ଠ ଦାସ, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ରାଧାନାଥ ରଥ, ଦିୱାନ ଅଥର ମହମ୍ମଦ, ସୟିଦ ମହମ୍ମଦ, ଭୁବନାନନ୍ଦ ଦାସ, ବାସୁଦେବ ସୁଢ଼ଳଦେବ ଇତ୍ୟାଦି ଅନେକ ମହାନ ଦେଶପ୍ରେମୀ ଯୋଗ ଦେଇଥିଲେ, ସ୍ୱତନ୍ତ୍ର ଓଡିଶା ପ୍ରଦେଶରେ ସେତେବେଳେ ଛଅ ଗୋଟି ଜିଲ୍ଲା ଥିଲା ସେଗୁଡିକ ହେଲା କଟକ, ପୁରୀ, ବାଲେଶ୍ୱର, ଗଂଜାମ, କୋରାପୁଟ ଏବଂ ସମ୍ବଲପୁର ଜିଲ୍ଲା । ସ୍ୱତନ୍ତ୍ର ଓଡିଶା ପ୍ରଦେଶର ପ୍ରଥମ ରାଜ୍ୟପାଳ ଭାବେ ଜନ୍ ଅଷ୍ଟିନ୍ ଶପଥ ଗ୍ରହଣ କରିଥିଲେ , ସୁଶାସକ ଏବଂ ସୁ ସଂଗଠିତ ନେତୃବୃନ୍ଦଙ୍କ ଆନ୍ତରିକତା, ଦେଶପ୍ରେମ, ନିସ୍ୱାର୍ଥପର ସେବା ଦ୍ୱାରା ଓଡିଶା ପ୍ରଦେଶ ଆଜି ତା'ର ଗାରିମା ବଜାୟ ରଖିଛି । ଆମେ ଓଡ଼ିଶା ପ୍ରଦେଶର ଜନ୍ମିତ ବାସିନ୍ଦା ତେଣୁ ଏହା ଆମର ଗର୍ବ, କାଳକ୍ରମେ ପ୍ରଶାସନିକ ସୁବିଧା ପାଇଁ ଜିଲ୍ଲା ସଂଖ୍ୟା ବଢି ବର୍ତ୍ତମାନ ୩୦ ରେ ପହଞ୍ଚିଛି । ଓଡ଼ିଶା ଆଜି ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇ ଦେଶର ଗୌରବ ପାଲଟିଛି ଆସନ୍ତୁ ଆମେ ସମସ୍ତେ ଶପଥ ନେବା ଓଡ଼ିଶାର ମାନ, ସମ୍ମାନ, ସଂସ୍କୃତିକୁ ସଦା ସର୍ବଦା ବଜାୟ ରଖିବା । ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେବା ସମୟ ଉପନୀତ, ଅନ୍ୟ ଭାଷା ଶିକ୍ଷା କରିବା କିଛି ଅପରାଧ ନୁହେଁ ତେବେ ମାତୃଭାଷାକୁ ପ୍ରାଧାନ୍ୟ ଦେବା ଆମର ପ୍ରଥମ କର୍ତ୍ତବ୍ୟ ହେବା ଉଚିତ ।

ପ୍ରଦେଶ ଭିତରେ ବା ପ୍ରଦେଶ ବାହାରେ ଥିବା ଅନେକ ଓଡ଼ିଶା ପ୍ରଦେଶର ବାସିନ୍ଦା ନିଜକୁ ଓଡ଼ିଆ ବୋଲି ପରିଚୟ ଦେବାକୁ କୁଣ୍ଠା ବୋଧ କରନ୍ତି, ନିଜ ମାତୃଭାଷାକୁ ବିକୃତ କରି ଉଚ୍ଚାରଣ କରିଥାନ୍ତି, ଓଡ଼ିଶାରେ ନିଜ ମାଲିକାନାରେ ଚାଲୁଥିବା ଅନେକ ଟି: ଭି ଗୁଡିକର ଆଙ୍କର/ସଂଚାଳକ ମାନଙ୍କ ଓଡ଼ିଆ ଯଦି ଆପଣ ମନ ଧ୍ୟାନ ଦେଇ ଶୁଣିବେ ତେବେ ନିଜକୁ ଲଜ୍ଜା ଲାଗିବ । ସେମାନେ ଓଡ଼ିଆ ତ' କହୁ ନାହାନ୍ତି ସେଥିରେ ଅର୍ଦ୍ଧାଧିକ ଇଂରାଜୀ ଓ ହିନ୍ଦୀ ଶବ୍ଦ ପ୍ରୟୋଗ କରନ୍ତି ଯେପରି 'ମାହୋଲ' ଏହା ଏକ ବାହାଦୂରୀ ନା ନିଜର ଅଜ୍ଞାନତା ? ଫିସ୍ ଫିସ୍ ବ୍ୟାକରଣ ଭୁଲ ଥାଇ ଇଂରାଜୀ ନ'କହି ଖାଣ୍ଟି ଓଡ଼ିଆ କହିବା ବରଂ ଭଲ , ଅନେକ ସାକ୍ଷାତକାର ଦେବାକୁ ଆସିଥିବା ବିଭିନ୍ନ ବର୍ଗର ବ୍ୟକ୍ତି ଓଡ଼ିଆ କହିବା ବେଳେ 'ବଟ' 'ଆକ୍ ଚୁଆଲି' 'ସୋ' ପରି ଅନେକ ଇଂରାଜୀ ଶବ୍ଦ ଓଡ଼ିଆ ସହିତ କହିବାର ଅନେକ ଉଦାହରଣ ଅଛି, 'ଆମେ ଓଡ଼ିଆ ଆମ ଭାଷା ବଢ଼ିଆ' ଏହି କଥାର ମହତ୍ୱ କୋଉଠି ରହିଲା ? ଓଡ଼ିଆ ଭାଷାକୁ ତ' ଏମାନେ ମିଳିମିଶି ବାର ମଜା କରି ସାରିଲେଣି, ପିଲା ଜନ୍ମ ହେଉ ହେଉ ତା'କୁ ଡାଡି ମମ୍ମି , ଅଙ୍କଲ୍ ଆଣ୍ଟି ଶିଖାଯାଏ, ସତେ ଯେପରି ଇଂରାଜୀ ଭାଷାଟିଏ ଶିଖିଗଲେ ସେମାନଙ୍କର ସାତ ପୁରୁଷ ନର୍କ ରୁ ଉଦ୍ଧାର ପାଇଯିବେ । ଚୀନ, ରୁଷିଆ, ଫ୍ରାନ୍ସ, ଜର୍ମାନୀ, ଜାପାନ ଦେଶର ନାଗରିକ ମାନେ ତ' ପୁଣି ନିଜ ଭାଷାରେ କଥା ବାର୍ତ୍ତା ସହିତ ସବୁ ସରକାରୀ କାର୍ଯ୍ୟ କରନ୍ତି ତେଣୁ ଆମେ ଓଡ଼ିଆ ହୋଇ ଏତେ ଇଂରାଜୀ ପ୍ରୀତି କାହିଁକି ? ଆମ ମୁଖ ନିସୃତ ପ୍ରତି କଥାରେ ଇଂରାଜୀ ଶବ୍ଦ ବ୍ୟବହାର କରି ଥାଉ । ଭାଇ ଭଉଣୀ ମାନେ, ଯଦି ନିଜ ଭାଷା ପ୍ରତି କିଛିଟା ଆନ୍ତରିକତା ଅଛି ତେବେ ଚେଷ୍ଟା କରନ୍ତୁ ନିଜ ଭାଷା କିପରି ବଞ୍ଚି ରହିବ , ସରକାର ମଧ୍ୟ ଏଥିପ୍ରତି ଅନ୍ତରରୁ ଚେଷ୍ଟିତ ହେବାର ସମୟ ଉପନୀତ । ସ୍ୱାଧୀନତା ପ୍ରାପ୍ତିର ୭୭ ବର୍ଷ ବିତିଗଲା , ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହେବାର ୮୮ ବର୍ଷ ବିତିଗଲା ତଥାପି ସରକାରୀ ଅଫିସ କଚେରୀ ସବୁ ଇଂରାଜୀ ଭାଷାରେ ଚାଲେ ,ଗୋରା ସାହେବ ବଦଳରେ ଏବେ କଳା ସାହେବ ମାନେ ଏହି ପ୍ରକ୍ରିୟାକୁ ଖୁବ୍ ଯତ୍ନ ସହକାରେ ଆଗେଇ ନେଉଛନ୍ତି ଏହା କ'ଣ ଓଡ଼ିଆ ଅସ୍ମିତାର ଲକ୍ଷଣ ? ଅନେକ ଅଣ ଓଡ଼ିଆ ଉଚ୍ଚ ପଦ ପଦବୀରେ ଅଛନ୍ତି ସେମାନେ ଓଡ଼ିଆ ଭାଷା ପ୍ରତି ସେତେଟା ଗୁରୁତ୍ୱ ଦିଅନ୍ତି ନାହିଁ ଯଦିଓ ଓଡିଶା ପ୍ରଦେଶରେ ନିଯୁକ୍ତି ପାଉଥିବା ସର୍ବ ଭାରତୀୟ ଅଧିକାରୀ ମାନେ ଅତି କମରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ ପଢିବାକୁ ପଡିଥାଏ । ଏହି ପରି କିଛି ବ୍ୟକ୍ତି ମାନଙ୍କ ପାଇଁ ତଥା ଆମ ମାନସିକତା ପାଇଁ ହୁଏତ ଓଡ଼ିଆ ଭାଷାକୁ ସରକାର ଆପଣେଇ ପାରୁ ନାହାନ୍ତି । ଓଡ଼ିଶାର ନେତୃତ୍ୱ ନେଉଥିବା ସର୍ବ ଦଳୀୟ ନେତା, ଅଭିନେତା, ସାଧାରଣ ଜନତା, ସରକାରୀ କର୍ମଚାରୀ, ଆଇନ ଅଦାଲତ ସବୁଠାରେ ଯଦି ଭାଷା ଆନ୍ଦୋଳନ ହୋଇ ନିଜ ମାତୃଭାଷାକୁ ଗୁରୁତ୍ୱ ଦିଆ ଯାଇ ପାରିବ ତେବେ ମୋ ଓଡ଼ିଶା , ଆମ ଓଡ଼ିଶା , ନବୀନ ଓଡ଼ିଶା ଇତ୍ୟାଦି ଇତ୍ୟାଦି... ମଧୁ ବାବୁଙ୍କ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଗୌରବ ବହନ କରିପାରିବ କିନ୍ତୁ ଏହା କ'ଣ ଆଗାମୀ ଦଶନ୍ଧିରେ ସମ୍ଭବ ହେବ କି ? ଏଠାରେ ସବୁ କାର୍ଯ୍ୟ କେବଳ ସ୍ୱାର୍ଥ ପାଇଁ ଚାଲେ 'ଜିରୋ ରୁ ହିରୋ' ପର୍ଯ୍ୟନ୍ତ, ଜନତାରୁ ସର୍ବ ଶକ୍ତିମାନ ନେତା ପର୍ଯ୍ୟନ୍ତ , ସେବା ପ୍ରଦାନକାରୀ ସରକାରୀ କର୍ମଚାରୀ ଠାରୁ ସ୍ୱାସ୍ଥ୍ୟ , ଶିକ୍ଷା, ତଥା ଯେତେ ବିଭାଗ ଅଛି ସବୁଠାରେ ଦୁର୍ନୀତି କ୍ୟାନ୍ସର / କର୍କଟ ରୋଗ ପରି ମାଡି ଯାଇଛି ଏହି ପରିପ୍ରେକ୍ଷୀରେ ମଧୁ ବାବୁଙ୍କ ଲିଖିତ କେଇ ପଦ ମନେ ପଡି ଯାଏ ...' ଜାତି ନନ୍ଦିଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥୀ କଲେ ? ଟାଣେ କିରେ ଗାଡ଼ି ଦାନାର ତୋବଡ଼ା ଘୋଡା ମୁହେଁ ବନ୍ଧା ଥିଲେ ? ଉଠରେ ଉଠରେ ଉତ୍କଳ ସନ୍ତାନ , ଉଠିବୁ ତୁ କେତେ ଦିନେ , ପୂରୁବ ଗୌରବ ପୂରୁବ ସାହସ ପଡ଼ିବକି କେବେ ମନେ ? ' ଆଜ୍ଞା କିଏ ମନେ ପକାଉଛି ସେହି ପୂରୁବ ଗୌରବ କଥା ? ସମସ୍ତେ ଆଜି ସ୍ୱାର୍ଥପର ଏବଂ ନିଜ ତଥା ଆଗାମୀ ପାଞ୍ଚ ପିଢ଼ି ପାଇଁ ଅନ୍ୟାୟ ଅନୀତି ଉପାୟରେ ଧନ ସଂଚିବାରେ ବ୍ୟସ୍ତ ଆଉ, ଆମେ ଆମ ଓଡ଼ିଶା, ମୋ ଓଡ଼ିଶା, ନବୀନ ଓଡ଼ିଶା' ର ଡିଣ୍ଡିମ ପିଟି କ'ଣ ସାବ୍ୟସ୍ତ କରିବାକୁ ବସିଛୁ ? କୋଟିଆରେ ଆନ୍ଧ୍ରର ଅନୁପ୍ରବେଶ, ସଢ଼େଇ କଳା ଖରସୁଆଁ କଥା ନ'କହିବା ଭଲ, ଉତ୍ତର ବାଲେଶ୍ୱରରେ ପଶ୍ଚିମ ବଙ୍ଗର ଜୋର ଜବରଦସ୍ତ ବାଲି ଚୋରା ଚାଲାଣ, ଓଡ଼ିଶାର ଗୋଟି ଶ୍ରମିକ ଆଜି ଭାରତର ବିଭିନ୍ନ ରାଜ୍ୟରେ ରକ୍ତକୁ ପାଣି କରି ପେଟ ପାଇଁ ଖଟୁଛନ୍ତି, କିଛି ନେତା ତଥା କିଛି ସୁବିଧାବାଦୀ, କ୍ଷମତା ଲୋଭି ଓଡ଼ିଶାକୁ କୁଚକ୍ରାନ୍ତ କରି ବିଭିନ୍ନ ପ୍ରକାର କାରଣ ଦେଖାଇ ନିଜ ସ୍ୱାର୍ଥ ନିମନ୍ତେ ବିଭାଜିତ କରିବା ପାଇଁ ଆପ୍ରାଣ ଚେଷ୍ଟା ଚଳାଇ ଆସୁଛନ୍ତି । ଓଡିଶା ରାଜ୍ୟକୁ ଭାଙ୍ଗି ନୂତନ ରାଜ୍ୟ କରିବା କେତେଦୂର ଯୁକ୍ତି ଯୁକ୍ତ ? ଭୌଗଳିକ ରେଖା ନ' ଟାଣି ଅନ୍ତରରୁ ନିଃସ୍ୱାର୍ଥପର ଭାବେ ଓଡ଼ିଶାକୁ ଭଲ ପାଇବା ଶିଖନ୍ତୁ । ଯେଉଁ ନେତୃ ବୃନ୍ଦ ମାନେ ଅକ୍ଳାନ୍ତ ପରିଶ୍ରମ କରି ଓଡ଼ିଶାକୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ କରିଥିଲେ ସେମାନଙ୍କୁ ଟିକେ ଅନ୍ତରରୁ ମନେ ପକାନ୍ତୁ , ବୃଥା ରାଜନୀତି ଦ୍ୱାରା ନିଜ ଗୋଡ଼କୁ ନିଜେ କୁରାଢ଼ୀ ମାରିବା ଦ୍ୱାରା କ୍ଷତି ନିଜର ହେବ, ରାଜ୍ୟ ବାସୀଙ୍କର ମଧ୍ୟ ହେବ । ସମାଜର ଗୁଣି, ଜ୍ଞାନୀ, ବରିଷ୍ଠ ନାଗରିକ ଯୁବପିଢ଼ି ଆଗେଇ ଆସନ୍ତୁ ଓଡ଼ିଶାର ସୁନାମକୁ ବଜାୟ ରଖନ୍ତୁ , ବନ୍ଦେ ଉତ୍କଳ ଜନନୀ, ଜୟ ହିନ୍ଦ ।।

# ପଖାଳ ଖାଇ ଗୋଟିଏ କଥା...ଓଃ କି ଶାନ୍ତି

ମଧୁସ୍ମିତା ସାହୁ
ଭାରତୀୟ ଜନ ସଂଚାର
ସଂସ୍ଥାନ, ଢେଙ୍କାନାଳ
ମୋ- ୮୧୪୪୯୬୯୨୩୭

ଭାରତ ବର୍ଷରେ ଭାଷାର ଯେପରି ଭିନ୍ନତା ରହିଛି ସେହିପରି ଖାଦ୍ୟରେ ମଧ୍ୟ ବିବିଧତା ରହିଛି । ସବୁ ରାଜ୍ୟର ପାରମ୍ପରିକ ଖାଦ୍ୟ ଓ ପାନୀୟରେ ଥାଏ ରାଜ୍ୟର ଭିନ୍ନ ଏକ ସ୍ୱାଦ ଓ ମହକ । ବିଶ୍ୱଦରବାରରେ ଓଡ଼ିଆମାନଙ୍କର ଯଦି କିଛି ସ୍ୱତନ୍ତ୍ର ପରିଚୟ ଅଛି ତାହା ହେଉଛି ଓଡ଼ିଆଙ୍କ ଅତିପ୍ରିୟ ପଖାଳ । ପଖାଳ କହିଲେ ଓଡ଼ିଶାର ସଂସ୍କୃତିକୁ ବୁଝାଏ । ପଖାଳ ଓଡ଼ିଶାର ପରିଚୟ । ଓଡ଼ିଆମାନେ ଯେଉଁଠି ଥାଆନ୍ତୁ ନା କାହିଁକି ପଖାଳପ୍ରତି ସବୁବେଳେ ଆକର୍ଷଣ ରହିଛି । ସେଥିପାଇଁ କଥାରେ ଅଛି 'ଝୁରି ହେଉଛି ଦିନକାଳ, ମନ ଖୋଜୁଛି ସକାଳ ପଖାଳ' । ପ୍ରତ୍ୟେକ ଓଡିଆଙ୍କ ସହ ପଖାଳର ସମ୍ପର୍କ ବହୁ ପୁରୁଣା । ଏହି ପଖାଳ ପ୍ରତି ଲୋକଙ୍କ ଭଲ ପାଇବା ଆମକୁ ଦେଇଛି ସ୍ୱତନ୍ତ୍ର ପରିଚୟ । ଗରିବ ହେଉକି ଧନୀ ସମସ୍ତଙ୍କର ପ୍ରିୟ ପଖାଳ । ଗୁଣ୍ଡାଏ ପଖାଳ ସାଙ୍ଗକୁ ଢୋକେ ତୋରାଣି ପିଇଦେଲେ ଶାନ୍ତି ମିଳେ । ପଖାଳ ସାଙ୍ଗକୁ ତୋରାଣି ପିଇଲେ କ୍ଳାନ୍ତି ଦୂର ହେବାସହ ପାଟିକୁ କେବେଳ ଗୋଟିଏ କଥା ହିଁ ଆସେ 'ଓଃ କି ଶାନ୍ତି........'

ଗରିବ ହେଉ କି ଧନୀ, ଛୁଆ ହେଉ କି ବୁଢା, ଖରା ହେଉ କି ବର୍ଷା ପଖାଳ ଖାଇବ ପାଇଁ ବୟସର କୌଣସି ସୀମା ନାହିଁ କି ଋତୁର ଆବଶ୍ୟକ ନାହିଁ । ପ୍ରତି ଓଡ଼ିଆଙ୍କ ରକ୍ତ ବିନ୍ଦୁରେ ପଖାଳ ତୋରାଣି ବୋହୁଛି । ଆଜି ସିନା ପଖାଳ ଏକ ସେଲିବ୍ରେସନରେ ପହଞ୍ଚିଗଲାଣି । କିନ୍ତୁ ପ୍ରତି ଓଡ଼ିଆଙ୍କ ଜୀବନଶୈଳୀ ଏକ ଅଂଶବିଶେଷ ।

ପଖାଳକୁ ଦେଶ ବିଦେଶରେ ସ୍ୱତନ୍ତ୍ର ପରିଚୟ ଦେବା ପାଇଁ ପଖାଳ ଦିବସର ପ୍ରତିଷ୍ଠାତା ଅମରେଶ ଦାସ ୨୦୦୯ ରୁ ଧୀରେ ଧୀରେ କିଛି ବନ୍ଧୁମାନଙ୍କୁ ସହ ଏହି ବିପ୍ଳବ ଆରମ୍ଭ କରିଥିଲେ । ୨୦୧୧ ମାର୍ଚ୍ଚ ୨୦ ତାରିଖରେ ବିପ୍ଳବକୁ ସଫଳତା ମିଳିଥିଲା । ପଖାଳ ସହ ସେଲ୍ଫି ସୋସିଆଲ ମିଡିଆରେ ବେଶ ପପୁଲାର ହୋଇଥିଲା । ସେମାନଙ୍କର ପୋଷ୍ଟ କୁ ଦେଖି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ନିଜର ବାଲୁକା ଶିଳ୍ପ ମଧ୍ୟରେ ଏହାର ପ୍ରଚାର ପ୍ରସାର କରିଥିଲେ । ଧୀରେ ଧୀରେ ଏହି ବିପ୍ଳବ ପୁରା ବିଶ୍ୱକୁ ଛୁଇଁଥିଲା । ଯାହା ଫଳରେ ଆଉ ଆମେ ସମସ୍ତେ ଏବେ ମାର୍ଚ୍ଚ ୨୦ କୁ ପଖାଳ ଦିବସ ରୂପେ ପାଳନ କରୁଛେ । ୨୦୧୧ ମସିହାରେ ପ୍ରଥମ ଥର ପାଇଁ ପଖାଳ ଦିବସ ପାଳନ କରାଯାଇଥିଲା । ଯାହା ଡିଜିଟାଲ ଦୁନିଆରେ ୨୦୧୫ ମସିହାରେ ପଖାଳ ଦିବସ ନେଇ ପ୍ରଥମେ ଟ୍ୱିଟର ଟ୍ରେଣ୍ଡ ଆରମ୍ଭ ହୋଇଥିଲା ।ସେହିପରି ଆସାମ, ଛତିଶଗଡ଼, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, କେରଳ ଓ ତାମିଲନାଡୁ ସମେତ ପଡ଼ୋଶୀ ବାଂଲାଦେଶରେ ମଧ୍ୟ ଲୋକେ ପଖାଳ ଖାଆନ୍ତି । ଓଡିଶାରେ ଯଦିଓ ଦହି ପଖାଳ ଭାବେ ସମସ୍ତେ ଜାଣନ୍ତି, ହେଲେ ଆସାମରେ ଏହାକୁ 'ପୋଇତା ଭାତ', ପଶ୍ଚିମ ବଙ୍ଗରେ 'ପାନ୍ତ ଭାତ', ଝାଡ଼ଖଣ୍ଡ ଓ ବିହାରରେ 'ମାରା ଭାତ', ଛତିଶଗଡ଼ରେ 'ବୋରେ ଭାତ', ମାଲାୟାଲାମରେ 'ବଲ୍ଲୁ ଚୋରୁ' ଓ ତାମିଲନାଡୁରେ 'ବକାଲ ବାତ' ବୋଲି କୁହାଯାଏ । ଓଡ଼ିଶା ଓ ଏହାର ପଡ଼ୋଶୀ ରାଜ୍ୟମାନଙ୍କୁ ଛାଡ଼ି ଦେଲେ ଅନ୍ୟ କେଉଁଠି ଭାତକୁ ପାଣିରେ ରଖି ବାସୀ ତୋରାଣି ସହ ଖାଇବାର ପରମ୍ପରା ନାହିଁ ।

ପଖାଳ ଦିବସ କେବେଠୁ ପାଳନ ହେଲାଣି ତାହା ସେତେ ବଡ଼ କଥା ନୁହେଁ ବଡ଼ କଥା ହେଉଛି ଏହା ବର୍ଷକୁ ବର୍ଷ ବ୍ୟାପକ ହେବାରେ ଲାଗିଛି । ଗାଁଠୁ ସହର, ଦେଶରୁ ବିଦେଶ ଯେଉଁଠି ଓଡ଼ିଆ ଅଛନ୍ତି ସେଠି ପାଳୁଛନ୍ତି ପଖାଳ ଦିବସ । କେଉଁଠି ନିଜ ପ୍ରିୟ ପରିଜନଙ୍କୁ ଧରି ଖଳା ବାଡ଼ିରେ ତ ଆଉ କେଉଁଠି ହୋଟେଲରେ ଜମୁଛି ପଖାଳ ଆସର । ପଖାଳ କଂସାକୁ ସଜେଇବା ପାଇଁ ପାଟି ସୁଆଦିଆ ଆଇଟମ ପ୍ରସ୍ତୁତି ବି ଚାଲିଛି । ଚାହେଁ ପଖାଳ ହେଉ କି ବାସି ପଖାଳ, ସଜ ପଖାଳ ହେଉ କି ଛୁଙ୍କ ପଖାଳ ସବୁଥିରେ ରହିଛି ନିଆର ସ୍ୱାଦ । ଖରା ଦିନ ଆସିଲେ ପଖାଳର ବାସ୍ନା ବେଶି ବେଶି ବାସେ । ପଖାଳ କଂସା ଖାଲି ଭାତ ତୋରାଣି ନୁହେଁ ଏକ ଭାବଧାରା ।

ସହରବାସୀଙ୍କ ପଖାଳ କ୍ରେଜ୍ । ସହର ଚାକଚକ୍ୟ ଏବଂ ଦେଶୀ, ବିଦେଶୀ ଖାଦ୍ୟପେୟ ଭିତରେ ବି ଲୋକେ ପଖାଳ ଖୋଜୁଛନ୍ତି । ଗତ କିଛିବର୍ଷ ମଧ୍ୟରେ ପିଜା, ବର୍ଗର, ସ୍ୟାଣ୍ଡୱିଚ୍ ଓ ନୁଡୁଲ୍ସ ଭିତରେ ମଧ୍ୟ ପଖାଳ ଏବେ ନିଜର ପୂର୍ବ ଗୌରବ ଫେରିପାଇଛି । ବିଶେଷକରି ୨୦୧୧ରେ ପଖାଳ ଦିବସ ପାଳନ ଆରମ୍ଭ ହେବାଠାରୁ ବର୍ତ୍ତମାନର ଯୁବ ପିଢ଼ିଙ୍କ ମଧ୍ୟରେ ପଖାଳର କ୍ରେଜ୍ ବେଶ୍ ଅଧିକ ଦେଖିବାକୁ ମିଳୁଛି । ମେଫେୟାର, ମ୍ୟାରିୟଟ୍, ହୋଟେଲ , ଢାବା, ରେଷ୍ଟୁରାଣ୍ଟ, ଭଳି ତାରକା ହୋଟେଲଗୁଡିକ ଖରାଦିନ ପାଇଁ ସ୍ୱତନ୍ତ୍ର ପଖାଳର ବ୍ୟବସ୍ଥା ରହୁଛି । ଚୁନାମାଛରୁ ଆରମ୍ଭ କରି ଶୁଖୁଆ ରାଇ, ଶାଗ ଭଜା, ବଡ଼ି ଚୂରା ଓ ଆଳୁ ଭରତା ପର୍ଯ୍ୟନ୍ତ ସବୁକିଛି ଏହି ଷ୍ଟାର ହୋଟେଲ ମେନ୍ୟୁରେ ରହୁଛି ।

ବର୍ତ୍ତମାନ ପଖାଳକୁ ବିଶ୍ୱ ଦରବାରରେ ପରିଚିତ କରାଇବାରେ ପ୍ରମୁଖ ଭୂମିକା ନେଇଛନ୍ତି ଓଡ଼ିଶାର ଫୁଡ୍ ବ୍ଲଗର । ବ୍ଲଗିଂ ମାଧ୍ୟମରେ ପଖାଳ ପାରମ୍ପରିକ ଓଡ଼ିଆ ଖାଦ୍ୟକୁ ନୂଆପିଢିଙ୍କ ମଧ୍ୟରେ ଲୋକପ୍ରିୟ କରାଇଛନ୍ତି । ଇନ୍‌ଷ୍ଟାଗ୍ରାମରେ ବେଶ୍ ଅଧିକ ଫ୍ୟାନ୍ ଫଲୋଇଙ୍ଗ୍ ଥିବା ବ୍ଲଗରମାନେ ପଖାଳକୁ ଏକ ନୂଆସ୍ତରକୁ ନେଇଛନ୍ତି । ଯାହାଦ୍ୱାରା ବିଦେଶୀ ଲୋକ ମଧ୍ୟ ପଖାଳକୁ ଆପଣାଉଛନ୍ତି ।

*Printed & Published by* **Basanti Roy** on behalf of **Integral Publication Pvt. Ltd.**, Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**

## ଆମ ରାଇଜ ଖାଦ୍ୟ

କିରଣ ମିଶ୍ର



ହିତେଶ ଯେଉଁ ଦିନ ଜଣାଇଲା, ବାପା ! ମୁଁ ଏଠି ବାହା ହୋଇଯାଇଛି। ଯଦି ରାଜି ହେବେ ଏଥର ଗଲାବେଳେ ତାକୁ ସାଙ୍ଗରେ ନେଇ ଯିବି। ସେଦିନ ପିତାମ୍ବର ବାବୁ ରାଗରେ ଫୋନ୍ ଥୋଇ ଦେଇଥିଲେ। ଗର୍ଜନ କରି ସ୍ତ୍ରୀ ଶକୁନ୍ତଳାଙ୍କ ଉଦ୍ଦେଶ୍ୟରେ କହିଲେ,
-- ଶୁଣିଲଣି ତୁମ ଗୁଣବନ୍ତଙ୍କ କଥା। କୁଳାଙ୍ଗାର କୋଉଠି କାର।
ପିତାମ୍ବରଙ୍କ ଗର୍ଜନ ଶୁଣି, ରୋଷେଇ ଘରୁ ଶକୁନ୍ତଳା ଧାଇଁ ଆସି ପଚାରିଥିଲେ,
-- କ'ଣ ହେଲା ? କାଇଁ ଏମିତି ପାଟି କରୁଛ।
--ଆହେ ତୁମ ଗୁଣବନ୍ତ ବିଦେଶରେ ବାହା ହୋଇ ସାରିଲେଣି।
କହୁଚି କ'ଣ ନା ଆପଣ କହିଲେ ମୁଁ ତାକୁ ଏଥର ନେଇ ଯିବି।
ପିତାମ୍ବର ବାବୁଙ୍କ କଥା ଶୁଣି ଶକୁନ୍ତଳାଙ୍କର ହୋସ୍ ମଧ ଉଡି ଯାଇଥିଲା। ରାଗରେ ଜର୍ଜରିତ ପିତାମ୍ବର କ'ଣ ସବୁ ଗାଳି ଦେଉଥିଲେ ଶକୁନ୍ତଳାଙ୍କ କାନରେ ପଶୁ ନଥିଲା। ସପ୍ତାହେ ପର୍ଯ୍ୟନ୍ତ ନା ଶକୁନ୍ତଳା, ନା ପିତାମ୍ବର ବାବୁ ସେ ସଂପର୍କରେ ଆଲୋଚନା କରିଥିଲେ। ଉଭୟଙ୍କୁ ଖୁବ୍ ଧକ୍କା ଲାଗିଥିଲା। ଆଉ ମାସେ ପରେ ହିତେଶର ଆସିବାର ଥିଲା। ଶକୁନ୍ତଳା ଗୁମୁରି ଗୁମୁରି ପିତାମ୍ବରଙ୍କୁ ଲୁଚେଇ କାନ୍ଦୁଥିଲେ।

ଅନେକ କିଛି ଭାବି ଦିନେ ପିତାମ୍ବର ବାବୁ କହିଲେ, -- ବୁଝିଲ ଶକୁନ୍ତଳା ! ପୁଅକୁ ଆମେ ବାହା ଦେଇଥାନ୍ତେ। ବୋହୂ ବି କୋଉ ଆମ ପାଖରେ ରହିଥାନ୍ତା। ସେ ଯଦି ନିଜେ ଠିକ୍ କରି ବାହା ହୋଇଗଲା, ହେଲା ଆଉ କ'ଣ କରିବା। ବାପା ମା' ହିସାବରେ ଆମେ ବାହା ହେଇଥିଲେ ଟିକେ ଆତ୍ମସନ୍ତୋଷ ପାଇଥାନ୍ତେ। ଯଦି ସେ ସୁଯୋଗ ସେ ନ ଦେଲା ନାଇଁ, ଆଉ ମନସ୍ତାପ କରନି। ଶକୁନ୍ତଳା ଜାଣୁଥିଲେ ପିତାମ୍ବର ବାବୁ ହୃଦୟରେ ଅନେକ ଦୁଃଖର ପାହାଡ ରଖି ଏ କଥା ତକ କହୁଥିଲେ। ତଥାପି ଶକୁନ୍ତଳା ସୁଯୋଗ ପାଇ କହିଲେ,
-- ମୁଁ ବି ସେକଥା ଭାବୁଥିଲି। ସେ ତ ଯାହା କଲାଣି, କଲାଣି, ସେ ବିଷୟରେ ଆଉ ଭାବି ଘାଣ୍ଟି ହେଲେ ଦୁଃଖ ବଢିବ। ପୁଅ ଟାକୁ ପାଞ୍ଚ ବର୍ଷ ହେଲା ଦେଖିନି। କେତେ ଆଶା କରିଥିଲି ପୁଅ ଆସିବ ବୋଲି। କିନ୍ତୁ.... ପିତାମ୍ବର ବାବୁ ଜାଣୁଥିଲେ ଶକୁନ୍ତଳା ପୁଅର ଫେରିବା ବାଟକୁ ଅପେକ୍ଷାରେ ରହିଛନ୍ତି। ପ୍ରଥମରୁ ସେ ପୁଅର ବିଦେଶ ଯିବାକୁ ପସନ୍ଦ କରୁ ନଥିଲେ। ପିତାମ୍ବର ବାବୁଙ୍କ ସମର୍ଥନରେ ପୁଅ ବିଦେଶ ଯାଇଥିଲା। କହିଲେ, -- ହଉ, ମୁଁ ଫୋନ୍ ଲଗାଇ ଦେଉଛି, ତୁମେ କଥା ହୁଅ। ଆଉ ତାକୁ କୁହ ସେ ଆସୁ। ଯଦି ସେ ଝିଅ ଆସିବାକୁ ଚାହୁଁଚି, ତାହେଲେ ତାକୁ ବି ଆଣୁ।
ପିତାର ଅଭିମାନ ପୁତ୍ର ସ୍ନେହ ଆଗରେ ହାର ମାନିଛି।
ଶକୁନ୍ତଳାଙ୍କ ଫୋନରେ ହିତେଶ ମାସେ ପରେ ବୋହୂକୁ ଧରି ଆସିବାକୁ ପ୍ରତିଶ୍ରୁତି ଦେଇଛି।
ପୁଅର ଆସିବା ଦିନ ଗଣୁଥାନ୍ତି ଶକୁନ୍ତଳା। ଆସିବା ଦିନ ଭୁବନେଶ୍ୱରରେ ଆସି ଫ୍ଲାଇଟ ପହଞ୍ଚିବ ଦିନ ଏଗାର ଟାରେ। ସେଠୁ କାର୍‌ରେ ଗାଁରେ ପହଞ୍ଚିବାକୁ ଦୁଇ ଘଣ୍ଟା। ଅର୍ଥାତ୍ ଦିନ ଗୋଟିଏ ରେ ପିଲାମାନେ ଗାଁରେ ପହଞ୍ଚିବେ।
ବୋହୂ ଲୋରିକୁ ନେଇ ଶକୁନ୍ତଳା ଅନେକ କଳ୍ପନା କରୁଥାନ୍ତି।
କେମିତି ଝିଅ ହୋଇଥିବ ? ବିଦେଶୀ ଝିଅ, ତାଙ୍କ ରନ୍ଧା ଖାଦ୍ୟ ପସନ୍ଦ କରିବ କି ନାଇଁ ! ତାଙ୍କୁ ବି ଆଧୁନିକ ରୋଷେଇ ଜଣା ନାହିଁ। କ'ଣ କରିବେ ଭାବୁଥାନ୍ତି। ସ୍ୱାମୀଙ୍କୁ ବି ମନ କଥା କହି ପାରୁ ନଥାନ୍ତି। କାରଣ ସେ ଜାଣୁଥିଲେ ପିତାମ୍ବର ବାବୁ କେବଳ ତାଙ୍କରି କନ୍ଦା କଟା ଯୋଗୁ ପୁଅ ଆସିବାକୁ ପାଇଁ ରାଜି ହୋଇଛନ୍ତି। ଯେତେ ବାହାରୁ କ୍ଷମା କରିଛନ୍ତି ବୋଲି କହୁଥିଲେ ହେଁ, ଅନ୍ତରରୁ ଜମା ବି ଦୁଃଖ ଭୁଲି ପାରି ନାହାନ୍ତି।
ଶେଷରେ ଭାବିଲେ ପ୍ରଥମ ଦିନ ଅନ୍ତତଃ ସେ ରାନ୍ଧି ଦେବେ, ତା' ପରେ ବୋହୂ ତା'ର ନିଜେ ରାନ୍ଧିବ। କାରଣ ଦିନ ଗୋଟେରେ ପହଞ୍ଚିଲା ବେଳକୁ ସେମାନଙ୍କୁ ବହୁତ ଭୋକ ହେଉଥିବ। ତା'ପରେ ଏତେ ବାଟରୁ ଆସି ସେ କ'ଣ ରାନ୍ଧି ପାରିବ !! କହିଦେବେ ସେ , ସେଇ ଓଳିଟା ତାଙ୍କ ଗାଉଁଲି ହାତରନ୍ଧା ଖାଇ ଚଳେଇ ଦେବାପାଇଁ।
ଶକୁନ୍ତଳାଙ୍କ ଅନେକ ଚିନ୍ତାର ଅବସାନ ଘଟାଇ ସେଦିନ ଦିନ ଗୋଟେରେ ଗୋଟିଏ ଗାଡି ଦୁଆରେ ଲାଗିଲା। ହୃଦୟ ଭିତରର କୋହକୁ ହୃଦୟରେ ମାରି ବନ୍ଦାଣ ଥାଳି ଟିଏ ଧରି ଦୁଆର ମୁହଁକୁ ଆସିଲେ। ଗାଡି ଭିତରୁ ପତଳା ହୋଇ, ଗୋରୀ ଝିଅଟିଏ ଓହ୍ଲାଇଲା। ଭାରତୀୟ ସାଲୁଆର୍ କମିଜ ପରିଧାନ କରିଛି। ଶକୁନ୍ତଳା ଦୁଆର ମୁହଁରେ ଅଟକାଇ ବନ୍ଦେଇଲେ। ବନ୍ଦେଇ ସାରିବା ପରେ ହିତେଶ ଶକୁନ୍ତଳା ଓ ପିତାମ୍ବରଙ୍କୁ ପାଦ ଛୁଇଁ ପ୍ରଣାମ କରିବା ସହିତ ଝିଅଟି ମଧ ପାଦ ଛୁଇଁ ପ୍ରଣାମ କରିଛି। ଖୁବ୍ ନୀରିହ ଆଖି ଦୁଇଟି। ଶକୁନ୍ତଳା ଠାକୁର ଘରକୁ ନେଇ ପୁଅ ବୋହୂଙ୍କୁ ପ୍ରଣାମ କରାଇବା ପରେ କହିଛନ୍ତି, -- ତୁମେ ପୋଷାକ ପାଲଟ କି, ମୁଁ ତୁମପାଇଁ ବାଢ଼ାବଢି କରୁଛି। ତୁମମାନଙ୍କୁ ବହୁତ ଭୋକ ହେଉଥିବ। ଖାଇ ସାରିଲେ କଥା ହେବା।
ତରତରରେ ରୋଷେଇ ଘରକୁ ଯାଇଛନ୍ତି। ବାରଣ୍ଡାରେ ଦୁଇଟି ଆସନ ପକାଇ ବାଢ଼ି ଦେଇଛନ୍ତି ଯତ୍ନର ସହିତ ନିଜ ହାତରେ ରାନ୍ଧି ଥିବା ଖାଇବା ଦରବକୁ। ଭାବୁଛନ୍ତି ପୁଅ ତାଙ୍କର ଏତେ ଦିନ ପରେ ତା ପସନ୍ଦ ଖାଇବା ଦେଖି ନିଶ୍ଚୟ ଖୁସି ହେବ। ବିଦେଶରେ କ'ଣ ଏ ସବୁ ପାଉଥିବ !!
ଡାକ ପକାଇଛନ୍ତି, --ହିତେଶରେ ବୋହୁକୁ ନେଇ ଆ, ବଡ଼ା ହେଲାଣି।
ହିତେଶ ଆସି ଖାଇବା ପଦାର୍ଥକୁ ଦେଖି କହିଛି,
--ବୋଉ ତୁ ପଖାଳ କାହିଁକି କଲୁ ? ଗରମ ଭାତ କଲୁନି।
ଲୋରି କ'ଣ ପଖାଳ ଖାଇଛି ? ମୁଁ ସିନା ଚଳେଇ ଦେବି।
ଶକୁନ୍ତଳା ଆଶ୍ଚର୍ଯ୍ୟ ହୋଇ ହିତେଶ ମୁହଁକୁ ଚାହିଁଛନ୍ତି।
ଏଇ ହିତେଶ କଲେଜରେ ପଢୁଥିବା ସମୟରେ ହଷ୍ଟେଲରୁ ଆସୁଥିବା ବେଳେ ଆଗରୁ ଫୋନ୍ କରି କହିଥିବ, ବୋଉ ଲୋ ଗଲା ବେଳକୁ ମୋ ପାଇଁ ପଖାଳ ରଖିଥିବୁ। ସେ ଆଜି କହୁଛି ଚଳାଇ ଦେବ !!। କେତେ ଯତ୍ନରେ ସେ ମାଛ ହଳଦୀ ପାଣି, ବଡି ଚୁରା, ଶାଗ, କଲରା ଭଜା, ଆଳୁ ବାଇଗଣ ଭର୍ତ୍ତା କରିଥିଲେ, ଅଥଚ ହିତେଶ ଖୁସି ହେବା ପରିବର୍ତ୍ତେ, କାହିଁକି ପଖାଳ କରିଛୁ ବୋଲି କହୁଛି।
ମା' ପୁଅଙ୍କ କଥା କିଛି ନବୁଝି ପାରି, କ୍ଷୁଧା ହେତୁ ଲୋରି ଯାଇ ଗୋଟିଏ ଆସନରେ ବସି ଯାଇଥିଲା। ଠାରରେ ପଚାରିଥିଲା ତାଙ୍କର ଆଉ ବାପାଙ୍କର କାହିଁକି ବଢ଼ା ହୋଇନି। ଶକୁନ୍ତଳା ବୁଝାଇଥିଲେ ବାପା ଖାଇଛନ୍ତି, ସେ ଟିକେ ପରେ ଖାଇବେ। ଖାଇବା ପତ୍ରରେ ବସି ଲୋରି ଅବଶ୍ୟ ପଖାଳ କେମିତି, କେଉଁ ଆଡୁ ଖାଇବ ବୋଲି ବୁଝି ପାରୁ ନଥିଲା। ଶକୁନ୍ତଳା ଲୋରି ପାଖରେ ବସିଲେ ତାକୁ ଖୁଆଇ ଦେବେ ବୋଲି। ଠାରରେ ବୁଝାଇ ଦେଲେ ନୂଆ ବୋହୂକୁ ପ୍ରଥମେ ଶାଶୁଘରେ ଖୁଆଇ ଦିଅନ୍ତି। ଶାଶୁଙ୍କ କଥା କିଛି ନବୁଝି ପାରୁଥିଲେ ବି, ଖାଇବା ଶୈଳୀ ନଜାଣି ପାରୁଥିବାରୁ ଶକୁନ୍ତଳାଙ୍କ ହାତରୁ ଆନନ୍ଦର ଖାଇବା ଆରମ୍ଭ କରିଥିଲା। ଖାଇ ସାରି ଫରାସୀ ଭାଷାରେ କିଛି ହିତେଶକୁ କହିଥିଲା। ଶକୁନ୍ତଳା ହିତେଶକୁ ସେ କ'ଣ କହୁଛି ବୋଲି ପଚାରିବାରୁ, ହିତେଶ ହସିହସି କହିଥିଲା,-- ବୋଉ ଲୋ ମୁଁ ଭାବୁଥିଲି ତାକୁ ପଖାଳ ଭଲ ଲାଗିବ ନାହିଁ ବୋଲି। କିନ୍ତୁ ସେ କହୁଛି ବହୁତ ସ୍ୱାଦିଷ୍ଟ ଖାଇବା। ଆଉ ଏ ପଖାଳ ଭାତ କେମିତି ହୁଏ ବୋଲି ପଚାରୁଛି। କହୁଛି ମା'ଙ୍କ ହାତରେ ଯାଦୁ ଅଛି। ସେ ତୋ ଠାରୁ ପଖାଳ କରିବା ଶିଖିବ, ଆଉ ଯେତେ ଦିନ ଏଠି ରହିବ ପଖାଳ ହିଁ ଖାଇବ କହୁଚି। ଆମ ଖାଦ୍ୟ ତାକୁ ଖୁବ୍ ଭଲ ଲାଗିଲା।
ଖୁସିରେ ଶକୁନ୍ତଳାଙ୍କ ଆଖିକୁ ଲୁହ ଆସି ଯାଇଥିଲା।
ବିଦେଶୀ ଝିଅଟିର ଭାଷା ସିନା ବୁଝି ପାରୁ ନଥିଲେ, ଝିଅଟିର ନିର୍ମଳ ମନକୁ କିନ୍ତୁ ପଢି ପାରୁଥିଲେ। ପୁଅକୁ କହିଲେ, -- ଦେଖିଲୁ ତୁମେ ସିନା ବିଦେଶ ଗଲେ ନିଜ ଦେଶ, ନିଜ ଦେଶର ଚଳଣୀକୁ ନାକ ଟେକୁଛ। ବିଦେଶୀ ଝିଅ ଟିଏ କେମିତି ଆମ ରାଇଜର ଖାଦ୍ୟକୁ ପ୍ରଶଂସା କରୁଛି। ଏବେ ଆମ ଗାଁ ଗହଳିରେ ବି ଆଉ ଘର ମାନଙ୍କରେ ପଖାଳ ହାଣ୍ଡି ଟିଏ କାହା ଘରେ ଦେଖିବାକୁ ମିଳିବନି। ଆଉ ତେଙ୍ଗେଡା କହିଲେ ଲୋକ ବୁଝିବି ପାରିବେନି। ସହର କ'ଣ ମ, ଆମ ଗାଁ ମୁଣ୍ଡରେ ଜଳଖିଆ ଦୋକାନ ଖୋଲିଛି ଯେ, ପିଲାଏ ଚାରିଟା ବେଳେ ପଖାଳ ଖାଇବା ଛାଡ଼ି, ସେଇ ଦୋକାନକୁ ପରା ଧାଉଁଛନ୍ତି। ଭାବିଲି ଖରାରେ ଆସୁଛ, ପଖାଳ ଖଣ୍ଡିଏ ଖାଇ ତୋରାଣି ଟିକିଏ ପିଇଲେ ଶାନ୍ତି ମିଳିବ, ସେଥିପାଇଁ କରି ଦେଇଥିଲି।
ଲୋରି କିଛି ନବୁଝି ପାରୁଥିଲେ ବି ହାତ ଧୋଇ ଆସି ଶାଶୁଙ୍କ ହାତକୁ ଚୁମ୍ବନ ଟିଏ ଦେଇ, ଖାଦ୍ୟର ପ୍ରଶଂସା ଓ ମନର ତୃପ୍ତି ଭାବକୁ ପ୍ରକାଶ କରିଥିଲା। ଆନନ୍ଦରେ ଶକୁନ୍ତଳା ତାକୁ କୋଳାଗ୍ରତ କରି, ହାତରୁ ଦୁଇଟି କଙ୍କଣ ବାହାର କରି ପିନ୍ଧାଇ ଦେଇଥିଲେ। ଅଦୂରରେ ପିତାମ୍ବର ଠିଆ ହୋଇ ସମସ୍ତଙ୍କ କାର୍ଯ୍ୟ କଳାପ ଦେଖୁଥିଲେ। ଯିଏ ଅନ୍ୟର ଖାଦ୍ୟ ଓ ଚଳଣୀକୁ ସମ୍ମାନ ଦେଉଛି ବିଦେଶିନୀ ହେଲେବି ଅନ୍ତତଃ ଭଲ ଝିଅଟିଏ ନିଶ୍ଚୟ ବୋଲି ଭାବୁଥିଲେ ।


ସିଟି ମହିଳା ମହାବିଦ୍ୟାଳୟ
ଶିରିପୁର୍ ଭୁବନେଶ୍ୱର
ପିନ୍ ୭୫୧୦୦୩
ଫୋନ ୭୯୭୮୯୪୫୩୧୮


## ରାଜୁ କେବେ ଫେରିବ କେଜାଣି

ସୁନନ୍ଦା ମହାନ୍ତି



ମନ୍ଦିର ଭିତରୁ ବାହାରି ଆସିବା ବେଳକୁ ଛୋଟ କିଶୋର ବାଳକଟିଏ ହାତ ପତେଇ ଦେଲା ମୋ ଆଡକୁ। ଦି ଟଙ୍କା ଦେ ବାବୁ କହୁଥିଲା। ମନେ ପଡିଲା ବିପ୍ଲବର ଗତ ସଂକ୍ରାନ୍ତି ଦିନର କଥା। ଦର୍ଶନ ସାରି ମନ୍ଦିର ସାମ୍ନାରେ ବସିଥିବା ଭିକାରୁଣୀ ସ୍ତ୍ରୀ ଲୋକଟା ଥାଳରେ ଦୁଇଟଙ୍କା ପକେଇ ଦେଇ ସେ ଯେମିତି ମସ୍ତବଡ଼ ଅପରାଧ କରିପକେଇଥିଲା କାରଣ ସ୍ତ୍ରୀ ଲୋକଟି ତା ଭିକ୍ଷା ଥାଳରେ ପଡ଼ିଥିବା ଦଶ, କୋଡିଏ, ପାଞ୍ଚ ଟଙ୍କିଆ ନୋଟ ଭିତରୁ ତା ଦୁଇ ଟଙ୍କିଆଟିକୁ ବାଛି ଦୂରକୁ ଫୋପାଡି ଦେଇ ଅସ୍ପଷ୍ଟ ସ୍ୱରରେ କହୁଥିଲା ଭିକାରୀ କୋଉଠିକାର। ସେତେବେଳେ ବିପ୍ଲବ ଛାତି ତଳେ କିଏ ଯେମିତି ଶକ୍ତ ପ୍ରହାର ପକେଇବା ଭଳି ଲାଗିଥିଲା। ଆଜି ଏ ପିଲାଟି ଦୁଇ ଟଙ୍କା ଦିଅ ବାବୁ କହି ହାତ ଲମ୍ବେଇ ଦେଇଛି ତା ଆଡକୁ ଯେ ଦୁଇଟଙ୍କା ପାଇ ଯଦି ତା ମୁହଁକୁ ମାରେ ତାର ତ ହାର୍ଟ ଆର୍ଟାକ ହୋଇଯିବ। ପିଲାଦିନୁ ସେ ଶୁଣି ଆସିଛି ଗୋଟି ଗୋଟି କରି ପଇସା ସଞ୍ଚିଲେ ହୁଏ ଶହ ଶହ ଟଙ୍କା। ତେଣୁ ଏକ ଟଙ୍କା ଯେ କେତେ ମୂଲ୍ୟବାନ ତା ବୁଝିଥିଲା ବିପ୍ଲବ। ପିଲାଟିକୁ ଡାକି ପଚାରିଲା ଆରେ ବାବା ଦୁଇଟଙ୍କା ମାଗିବାର କାରଣ କଣ। ପିଲାଟି ଉତ୍ତର ଦେଲା। ଏକଟଙ୍କିଆ ଆଉ ଚଳୁନି ବାବୁ। ହେଲେ ନିର୍ଦ୍ଦିଷ୍ଟ ଏକଟଙ୍କିଆ ସିନା ଚଳୁନି କିନ୍ତୁ ଏକଟଙ୍କିଆ ବ୍ୟତିରେକେ ଚଳିବା ଓ ହିସାବ କରିବା, ପଇସା ଦେବା ନେବା ତୁଟେଇବାରେ ତ ଦରକାର ନା। ମୁଁ ଖାଲି ଏତିକି ଜାଣେ ଏକଟଙ୍କା ମାଗିଲେ ହୁଏତ କେହି ମତେ ଅଚଳନ୍ତି ଏକଟଙ୍କିଆ ଦେଇ ଠକି ଦେଇପାରେ। ଆଉ ଦୁଇଟଙ୍କା ଏଇଥି ପାଇଁ ଦେବା ଲୋକକୁ ବାଧା ନାହିଁ ଆଉ ମୋର ସେହି ଦୁଇ ଦୁଇ ଟଙ୍କା ସଞ୍ଚୟ କରି ରଖିଲେ ପାଠ ପଢିବାକୁ ସୁବିଧା ହେବ ନା ବାବୁ ? ଆରେ ବାଳକ ତୋ ନାମ କ'ଣ କହିଲୁ ଆଗେ। ମୋ ନାମ ରାଜୁ ବାବୁ। ହଉ ଶୁଣ ରାଜୁ ଏଠି ଆମ ଓଡିଶାର ସବୁ ସରକାରୀ ବିଦ୍ୟାଳୟରେ ମାଗଣା ଭୋଜନ, ଡ୍ରେସ୍, ବହି, ଛତା, ଜୋତା ଆଦି ସବୁ ମିଳୁଛି। ତେଣୁ ତୁ ମାଗୁଛୁ କାହିଁକି ? ବାବୁ ମୁଁ ଜାଣିଛି ତୁମେ ଦୁଇଟଙ୍କା ଦେବା ପାଇଁ ଅନେକ ପ୍ରଶ୍ନ ପଚରିବ କିନ୍ତୁ ଦେଲେ ଦିଅ ନଦେଲେ ନାହିଁ ମୋ ସ୍ୱପ୍ନ ପୂରଣ କରିବାରୁ ତୁମେ ମତେ ନାହିଁ କରନା। କ'ଣ ତୋର ସ୍ୱପ୍ନ। ମୋର ଅନେକ ସ୍ୱପ୍ନ। ଦୁଇଟା ଟଙ୍କା ନଦେଇ ଏତେ କଥା ପଚାରୁଛ ମୁଁ କହିବିନି ଜମା। ଆଛା ହଉ ନେ ଦୁଇଟଙ୍କା କହ ତ କି ସ୍ୱପ୍ନ ତୋର ?

ରାଜୁ କହିଲା ଆମ ଓଡିଶାରେ ବହୁତ ଭଲ ସରକାରୀ ସ୍କୁଲ ଅଛି ମୁଁ ମନା କରୁନି କିନ୍ତୁ କେରଳରେ ଯୋଉ ରୋବର୍ଟ ଦିଦିମାନେ ସ୍କୁଲରେ ପାଠ ପଢ଼ାଉଛନ୍ତି, ପ୍ରତ୍ୟେକ ପିଲା ମନରୁ ସନ୍ଦେହ ଦୂର କରି ତା ପ୍ରଶ୍ନର ସହଜ ଉତ୍ତର ଦେଉଛନ୍ତି, ସେହିଭଳି ସ୍କୁଲରେ ପଢିବାକୁ ଚାହେଁ ମୁଁ। ଆଉ କ'ଣ ସବୁ ତୋର ପ୍ରଶ୍ନ ଟିକେ ଶୁଣାଇବୁକି ରାଜୁ ? ଏଇ ପ୍ରଜାପତି ଏତେ ସୁନ୍ଦର କାହିଁକି, କାଉ ସବୁଠୁ ବୁଦ୍ଧିଆ ପକ୍ଷୀ କାହିଁକି, ମୂଷାକୁ ଏତେ ଧାରୁଆ ଦାନ୍ତ ଦିଆଯାଇଛି କାହିଁକି, ପାଣିର କୋଉ ରଙ୍ଗ ଇତ୍ୟାଦି ଅନେକ ପ୍ରଶ୍ନ ମୋର ବାବୁ। ହେଲେ ଏସବୁ ପ୍ରଶ୍ନର ଉତ୍ତର ପାଇବାକୁ ହେଲେ ତତେ ତ ସ୍କୁଲ ନୁହେଁ ବରଂ ହିମାଳୟ ଯାଇ ଭଗବାନଙ୍କୁ ତପସ୍ୟା କରିବାକୁ ପଡିବ ନା ? ରାଜୁ କହୁଥିଲା ତୁମେ ଜାଣିନ କି ବାବୁ ଆମ ଓଡିଶା ଆକାଶରେ ବର୍ଷା ଦିନେ ସାତରଙ୍ଗ ବିଶିଷ୍ଟ ଇନ୍ଦ୍ରଧନୁ ପରି ଆର୍କଟିକ ଏବଂ ଆଣ୍ଟାର୍କ୍ଟିକା ଅଞ୍ଚଳର ଧ୍ରୁବୀୟ କ୍ଷେତ୍ରକୁ ଗଲେ ଅଧା ଚନ୍ଦ୍ର ଭଳି ଏକ ରଙ୍ଗୀନ ଆକାରର ଆରୋରା ଦେଖିପାରିବ । ସେହି ଅଞ୍ଚଳରେ ରହି ଓ ପାଠ ପଢି ମହାକାଶ ବୈଜ୍ଞାନିକ ହେବି। ଦଉଡି ଦଉଡି ଚାଲିଯାଉଥିବା ରାଜୁକୁ ଅଟକେଇ ନପାରି ବିସ୍ମୟରେ ବିପ୍ଲବ ଚାହିଁଥିଲା ରାଜୁର ଫେରିଯିବା ପଥକୁ। ଭାବୁଥିଲା ତେଲ ଥିଲେ ଚୁଟି ନଥାଏ ଆଉ ଚୁଟି ଥିଲେ ତେଲ ନଥାଏ କଥାଟା କେଡେ ସତ।

ବିପ୍ଲବ ଏଣିକି ଦୁଇ ଟଙ୍କିଆ ପାଇଲେ ସାଇତି ଦିଏ ଆଉ ସେହି ଶିବ ମନ୍ଦିରକୁ ଗଲାବେଳେ ନେଇଯାଏ ଦୁଇ ଟଙ୍କିଆ ସବୁକୁ। ଖୋଜୁଥାଏ ରାଜୁକୁ। କିନ୍ତୁ ରାଜୁ ଯେମିତି ପବନରେ କୁଆଡେ ମିଳାଇ ଯାଇଛି। ଏତେ ସ୍ୱପ୍ନକୁ ସତ କରିବାକୁ ରାଜୁ କଣ କେରଳର ଏ. ଆଇ ରୋବର୍ଟ ଟିଚର ଦିଦିଙ୍କ ପାଖକୁ ପଳାଇଗଲା ନା କଣ ? ଅବା ମାର୍ଚ୍ଚ ମାସର ଏକୋଇଶ ତାରିଖ ଓ ସେପ୍ଟେମ୍ବର ମାସର ତେଇଶି ତାରିଖରେ ଯେବେ ଶରତ ଓ ବସନ୍ତ ଋତୁରେ ରାତି ଓ ଦିନ ସମାନ ହୋଇଥାଏ ଠିକ ସେତିକି ବେଳେ ଆରୋରାକୁ ଖୁବ ସହଜରେ ସ୍ପଷ୍ଟ ଦେଖିବାକୁ ଆଣ୍ଟାର୍କ୍ଟିକା ସାଗର ଉପକୂଳବର୍ତ୍ତୀ ଅଞ୍ଚଳକୁ ଚାଲିଗଲା ଇନ୍ଦ୍ରଧନୁ ପରି ରଙ୍ଗୀନ ଆରୋରା ଦେଖିବାକୁ ରାଜୁବୋଲି ଭାବି ବିପ୍ଲବ ଘାରି ହୁଏ। ଏତିକି ବକଟେ ପିଲାର ଏତେ ସ୍ୱପ୍ନକୁ ରାତି ସାଥିରେ ଦୁଇଟଙ୍କିଆ ସରାଗାତ ଜମା ସକ୍ଷମ ନୁହେଁ ତ ଟ୍ରେନରେ ବସି କୁଆଡେ ଆଉ ଚାଲିଗଲାକି ପିଲାଟା ଭାବି ଘାରି ହୁଏ ବିପ୍ଲବ। ହେଲେ ରାଜୁ ନଥାଏ ମନ୍ଦିର ଆଖ ପାଖରେ କେଉଁଠି ବରଂ ସେହି ଭିକାରୁଣୀ ବସିଥାଏ ଯିଏ ଟଙ୍କେ କି ଦୁଇଟଙ୍କା ତା ଭିକ୍ଷା ଥାଳରେ ପକାଇଲେ ଅକ୍ଲେଶରେ ତୁମ ଉପରକୁ ଫିଙ୍ଗି ତୁମକୁ ଜଡ଼ସଡ଼ କରିଦେଇପାରେ। ବରଂ ରାଜୁ ନାମରେ ପ୍ରତିଦିନ ଗୋଟେ ଦୁଇ ଟଙ୍କିଆ ରଖୁଥାଏ ବିପ୍ଲବ। ରାଜୁ ନଥାଏ କିନ୍ତୁ ବିପ୍ଲବ ପାଖରେ ତା ଅମାନତ ଗଡୁଥାଏ ସରାଗାତ ଏକରୁ ଅନେକ ହୋଇ।


ସାକ୍ଷୀଗୋପାଳ , ପୁରୀ
ମୋ: ୯୦୪୦୯୭୭୩୨୭


## ପ୍ରତିଶ୍ରୁତି

ସତ୍ୟନାରାୟଣ ପ୍ରଧାନ

ବସ୍ତି ବାସିନ୍ଦାଙ୍କ ମନରେ ଗୋଟେ ନୂଆ ଆଶା ସଂଚାର ହୋଇ ଯାଇଥିଲା ଯେ ଏତେ ଦିନ ପରେ ସେମାନଙ୍କ ଦୁଃଖରେ ଯବନିକା ପଡ଼ି ବଞ୍ଚିବାର ରାହା ଡେରିରେ ହେଉପଛେ ଖୋଜି ପାଇଛନ୍ତି । ସମସ୍ତଙ୍କ ମୁହଁରେ ଟେନାଏ ହସ ଉଙ୍କି ମାରିଥିଲା । ସେମାନଙ୍କୁ ଆଉ ବାହାରକୁ କାହାର ଗୋଲାମ ହୋଇ ଖଟିବାକୁ ପଡ଼ିବ ନାହିଁ । ଝାଟି ମାଟିର କୁଡିଆ ଘର ଉଠି ଯାଇ ମାର୍ବଲ ତଳେ ପଡ଼ି ଚକ୍ ଚକ୍ କରୁଥିବା ପଥରରେ ମୁହଁ ଦର୍ପଣରେ ଦେଖିଲା ପରି ଭ୍ରମ ସୃଷ୍ଟି କରୁଥିଲା । ଥଇଥାନ ପରେ ପରିବାରର ଜଣେ ସଦସ୍ୟ ଚାକିରି କରିବାକୁ ଲେଖା ପଢା କରି ବିସ୍ତୃତ ଭାବେ ଲୋକମାନଙ୍କ ଗହଣରେ ଆଲୋଚନା ମଧ କରାଯାଇଥିଲା । କିଛି ଦିନ ବିତି ଯିବା ପରେ ଲୋକମାନେ ନିରାଶରେ ଆଉ ଅପେକ୍ଷା ନ କରି ନିଜ ବାଟରେ ଆଗ ଭଳି ଚାଲି ଯାଇଥିଲେ । ସତେ ଯେପରି ସେମାନଙ୍କୁ ମିଳିଥିବା ପ୍ରତିଶ୍ରୁତି କେବଳ କାଗଜ କଲମରେ ସୀମିତ ରହିଯାଇଥିଲା । ଗରିବ ଅସହାୟ ମଣିଷ ହୋଇ ସାରା ଜୀବନ ବଞ୍ଚି ରହିବା ଭିତରେ ସେମାନଙ୍କ ଭାଗ୍ୟରେ ସାମାନ୍ୟ ଖୁସି ମଧ ଲେଖା ନଥିଲା। ରାତିରେ ଖାଇ ପିଇ ଶୋଇଲା ବେଳେ ମିଳୁଥିବା ଆନନ୍ଦ ବିଳାସ ବ୍ୟସନରେ ତିଆରି ହୋଇଥିବା ଅଟ୍ଟାଳିକା ଭିତରେ ଆରାମ କରୁଥିବା ବଡ଼ ବଡିଆ ଲୋକମାନଙ୍କ ଭାଗ୍ୟରେ ତାହା ଯେମିତି ସବୁ ପହଞ୍ଚି ଯାଇଥିଲା।

ଜେନାପୁର, ଯାଜପୁର ମୋ -୯୧୭୮୩୧୩୬୪୪

## ଚୋପଡ଼

ଆଦ୍ୟାଶା ମହାପାତ୍ର

ଲୋକେ କହନ୍ତି କରିମ୍ ଖାଁର ଚୋପଡ଼ ଚାଳିବାର ଧାରା ଅଲଗା। ଯେମିତି ସେ ଏକ ସୂତ୍ର ବାହାର କରିଛି ଜଟିଳ ଅଙ୍କକୁ ସରଳ ଉପାୟରେ ସମାଧାନ କରିବାକୁ ! ସେ ଯେତେ ଶୀଘ୍ର ଖାସି କାଟି ଗରାଖଙ୍କ ବରାଦ ଅନୁସାରେ ମାଂସ ଥଳିରେ ଭରି କାମ ଛିଣ୍ଡାଏ ଆଉ କେହି ପାରିବେ ନାହିଁ,ଏଇ ସହରରେ। କରିମ୍ ଖାଁ ହଠାତ୍ ଅସୁସ୍ଥ ହୋଇ ପଡିଲା। ବାପା ଅନ୍ତେ କେମିତି ସଂସାର ଚାଲିବ, ତା'ର ରୂପରେଖ ଭିତରେ ଭିତରେ କଳ୍ପନା କରି ଚାଲିଥିଲେ କରିମ୍ ଖାଁର ଦୁଇ ପୁଅ। ଏ ବିଷୟ ନେଇ ଦିନେ ସାମ୍ନା ସାମ୍ନି ହେଲେ ଦୁଇ ଭାଇ। -'ବାପା ଖାସି ମାଂସ ବିକ୍ରି ବ୍ୟବସାୟ ଆରମ୍ଭ କରିଥିଲେ। ସେଥିରେ ମୋର ବି ଭାଗ ରହିବ।' କହିଲା ବଡଭାଇ ସମିମ । -' ନା ନା ତା କେମିତି ହେବ ? ବାପାଙ୍କୁ ଏଇ କାମରେ ମୁଁ ସାହାଯ୍ୟ ସହଯୋଗ କରୁଥିଲି। ତୁ ତ ଏ ବ୍ୟବସାୟରେ ଲାଭ ନାହିଁ କହି ରଦ୍ଦି ମାଲ୍ ବ୍ୟବସାୟ ଆରମ୍ଭ କଲୁ। ପୁଣି ଏ ବ୍ୟବସାୟରେ କାହିଁକି ମୁଣ୍ଡ ପୁରଉଛୁ ?' ଯୁକ୍ତି ବାଢିଲା ସାନଭାଇ ତମିମ୍।-' ସେଥିରେ ତୋର କ'ଣ ଅଛି ? ତୁ ଅନ୍ୟ ବ୍ୟବସାୟ କରୁନୁ ? ଏଇଟା ଆମର କୌଳିକ ବୃତ୍ତି। ମୁଁ ଛାଡିବି କାହିଁକି ? ନିଜ ସପକ୍ଷରେ କହିଲା ବଡଭାଇ । -'ତା ହେଲେ ତୁ ମୋତେ ସେ ରଦ୍ଦି ମାଲ୍ ବ୍ୟବସାୟ କରିବାକୁ ଦେ।' କହିଲା ତମିମ୍। -' ସେଇଟା ମୁଁ ଆରମ୍ଭ କରିଛି। ମୋ ପୁଅ ଆଗକୁ ସେ ବ୍ୟବସାୟ ଚଳାଇବ। ତୁ ସେଥିରେ ମୁଣ୍ଡ ଖେଳାନା।' ଜବାବ ଦେଲା ବଡଭାଇ। -'ସେ ରଦ୍ଦି ମାଲ୍ ବ୍ୟବସାୟ ପାଇଁ ତୋତେ ମୂଳଧନ ବାପା ଦେଇଥିଲେ। ମୋର ବି ସେଥିରେ ଭାଗ ଅଛି।' ପୁଣି ଯୁକ୍ତି ବାଢିଲା ସାନଭାଇ।- 'ସେମିତି କହିଲେ ପରିସ୍ଥିତି ଭଲ ହେବନି କହୁଛି।' ଧମକ ଦେଲା ବଡଭାଇ। ଦୁଇ ଭାଇଙ୍କୁ ଭିତରେ ଭିତରେ ଉସକଉଥିଲେ ସେମାନଙ୍କ ବନ୍ଧୁ ବାନ୍ଧବ, ସ୍ତ୍ରୀ ପିଲାମାନେ। ଦୁଇ ଭାଇ ନିଜ ନିଜ ଜିଦ୍ ରେ ଅଟଳ ଥିଲେ। ବାପା-ମା'ଙ୍କ କଥା ହେୟଜ୍ଞାନ କଲେ ଦୁହେଁ। ଦୁହିଙ୍କ ଭିତରେ ହିଂସା କୁହୁଳୁଥିଲା। ସେଦିନ ସାନଭାଇ ବ୍ୟବସାୟ ଜାଗାରେ ପହଞ୍ଚିଲା ବେଳକୁ ବଡଭାଇ ଆରମ୍ଭ କରି ଦେଇଥିଲା ବ୍ୟବସାୟ। ସାନଭାଇ ଫେରି ଆସିଲା ରାଗ ତମତମ ହୋଇ। ପରଦିନ ସକାଳକୁ ବଡଭାଇ ପରିବାରର ସମସ୍ତଙ୍କର ମୃତ ଶରୀର ରକ୍ତାକ୍ତ ହୋଇ ପଡ଼ି ରହିଥିଲା ଘରେ। ସେମାନେ ସମସ୍ତେ ଶୋଇଥିବା ଅବସ୍ଥାରେ ସାନଭାଇ ଚୋପଡ଼ ଚଳେଇ ମାରିଛି ବୋଲି ପୋଲିସ ଅନୁସନ୍ଧାନରୁ ଜଣାପଡିଲା। ସେସବୁ ପ୍ରତ୍ୟକ୍ଷ ହେଲା ପରେ ହଠାତ୍ ହୃଦଘାତରେ ଚାଲିଗଲା ମାଆ। ସାନଭାଇ ଧରା ପଡିଲା ପୋଲିସ ହାତରେ ଏବଂ ମାନ୍ୟବର ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହେଲା। ଏବେ କରିମ୍ ଖାଁ ଥୁଣ୍ଟା ଗଛଟିଏ ପରି ରାସ୍ତା କଡରେ ପଡିରହି କାହାର ଦୟା ଉପରେ ନିର୍ଭର କରି ଜୀବନ ଜୀଉଁଛି। ଜୀବନରେ ଯେତେଥର ଚୋପଡ଼ ଚଳେଇ ଖାସି ମାରିଥିଲା, ତା ଠୁଁ କେତେ ଅଧିକ ଥର ଚୋପଡ଼ର ଆଘାତ ତା ମନ ଓ ହୃଦୟକୁ ଆଘାତ କରୁଥିଲା...!!!

ନୂଆପଡା, କଟକ

## ମହାରାଜା

ସାଇ ଅର୍ପିତା ମିଶ୍ର



ଜ୍ୟେଷ୍ଠର ମାରାତ୍ମକ ଖରାରେ ଝାଲେରି ଦିଆ ମନୋହରୀ ପାଟ ଅନନ୍ତର ତ୍ୱଚାକୁ ଜଳାଇ ପକାଉଥାଏ। ଥାକ ଥାକ ସୁନାପାଣି ଚଢା ହାରଗୁଡ଼ିକ ତା ବେକକୁ କେଞ୍ଚି ପକାଉଥାନ୍ତି । ଧଳାଲେପ ଦିଆ ତା ଅଠାଳିଆ ମୁହଁରୁ ଧାର ଧାର ହୋଇ ଝାଳ ମଧ ବୋହିଯାଉଥାଏ । ନାଟକ ମଝିରେ ସଂଳାପ ବାଢିଲା ବେଳେ ସେଇ ଲୁଣିଆ ଝାଳ ହିଁ ଶୁଖିଯାଉଥିବା ତଣ୍ଟିର ଏକମାତ୍ର ସାହାରା । ସଂଳାପ ସରିଲା । ଯବନିକା ପଡିଲା । ଯବନିକା ପଛରେ ଚରିତ୍ରଗୁଡ଼ିକର ଗୋଟିଏ ଅଲଗା ଦୁନିଆ । ସେଦୁନିଆରେ କେତେବେଳେ ଚରିତ୍ରର ଗାମ୍ଭୀର୍ଯ୍ୟତାର ମିମାଂସା ହୁଏ ତ ପୁଣି କେତେବେଳେ ଅଟ୍ଟହାସ୍ୟ । ଗୁଡ଼ାଏ ଅଭିଯୋଗ ଓ ଅବସୋସ୍ ଭରା ସ୍ୱର ଏକା ସାଙ୍ଗରେ ଗୁଞ୍ଜି ଉଠୁଥାଏ । ସେ କୋଳାହଳରୁ କିଏ ଗୋଟିଏ ଚିତ୍କାର କରି କହିଲା 'ଓହୋଃ କି ଗରମ, ଆଉ ତା ଉପରକୁ ଏଇ ଜରିଦିଆ ପାଟ ଲାଗୁଚି ଯେମିତି ମଶାଣି ନିଆଁର ତାତି।' ଜଣାନାହିଁ ସେ ସ୍ୱର କାହାର, କିନ୍ତୁ ସେ ସ୍ୱରରେ ଉଚ୍ଚାରଣ ଥିବା ଧିକ୍କାର ତାକୁ ଠେଲିଦେଲା ସେ ମାଂସପୋଡ଼ା ଗନ୍ଧ ଆଉ ବିକଳ ଚିତ୍କାରଭରା ପୁରୁଣା ଦିନଗୁଡ଼ିକୁ । ସେହିଦିନ ସବୁ ଯାହଠୁ ନିସ୍ତାର ପାଇବାର ମାଧ୍ୟମ ଥିଲା ଏ ରଙ୍ଗମଞ୍ଚ । ସତେଅବା ଏହି ଏଗାରଦିନ ଥିଲା ତା ପାଇଁ ଅଜ୍ଞାତବାସ ଆଉ ସେ କଂସ ବେଶଧାରୀ ଜୀବନର ବେଡ଼ିରେ ବନ୍ଧା ଗୋଟିଏ ଦାସ । ଅନନ୍ତର ଚରିତ୍ର ଆଉ ତା ବାସ୍ତବିକ ଜୀବନର କରାଳ ବାସ୍ତବିକତାର ବ୍ୟତିକ୍ରମ ଦେଖି ଲାଗୁଥାଏ ସତେ ଅବା ତା ଭାଗ୍ୟ ତାକୁ କଟାକ୍ଷ କରୁଥିଲା । ରଙ୍ଗମଞ୍ଚ ଅତିକ୍ରମ କରିଲେ ଯେଉଁ ଜୀବନ ତା'ର ଥିଲା ସେ ତାହାକୁ ନା ଘୃଣା କରିପାରୁଥିଲା ନା ପୁନର୍ବାର ଆପଣାଇ ପାରୁଥିଲା । ଏତିକି ଭାବୁ ଭାବୁ ବାଣ ଆଉ ଦୀପର ରୋମଦ୍ଦମ ତା ଦୃଷ୍ଟି ଆକର୍ଷଣ କରିନେଲା । ଭୁଲିଗଲା କ୍ଷଣିକ ପାଇଁ ସବୁକିଛି । ସେହି ମୁହୂର୍ତ୍ତରେ ଲୀନ ହେବାକୁ ସେ ଠିକ୍ ମଣିଥିଲା । ରାତ୍ରୀବାସ ପାଇଁ ନିର୍ଦ୍ଦିଷ୍ଟ ଜାଗାରେ ପହଁଚି ଧୁଆଧୋଇ ହେଲା ବିଛଣା ପାରି ଶୋଇଗଲା । ଝରକା ବାଟୁ ଦେଖା ଯାଉଥିବା ଦୃଶ୍ୟକୁ ଏକଟକ ଚାହିଁ ରହିଥାଏ । ଜହ୍ନର ଆଲୁଅ ଜୀରା ନଦୀର ପାଣିରେ ପଡ଼ି ଏକ ଚାରୁମତି ଲଳନାର ଆକାର ସୃଷ୍ଟିକରୁଥାଏ । 'ଇଏ କଣ ସେଇ ନିଦ ମାଉସୀ ? ହେଲେ ଇଏ କାହିଁକି ମଣିଷକୁ ଚିରନିଦ୍ରାରେ ଟାଣିନିଏ ନାହିଁ ଅଥଚ ପରଦିନର ସୂର୍ଯ୍ୟ ଦେଖିବାକୁ ଏକ ସୁଯୋଗ ଦେଇଯାଏ ? 'ମନର ଅଦାଲତରେ ସ୍ୱୟଂ ହିଁ ମୁଦାଲା, ସାକ୍ଷୀ ସାଜି ଏହି ପ୍ରଶ୍ନର ଶୁଣାଣି କରୁ କରୁ କେବେ ଯେ ସେ ଶୋଇଗଲା ତାହା ସେ ଜାଣିପାରିଲା ନାହିଁ ।

ମୁନିମ୍ ପଣ୍ଡାର ଦ୍ୱିତୀୟ ବିବାହରୁ ଜାତ ଦୁଇ ସନ୍ତାନ ମଧ୍ୟରୁ ସବୁଠୁ ସାନ ଥିଲା ଅନନ୍ତ । ବୟସରେ ସବୁଠୁ କଅଁଳ ହେଲେ ହେଁ ତା ଭାଗ୍ୟ ଅକାଳରେ ଛଡ଼ାଇ ନେଇଥିଲା ତା କୋମଳ ଶୈଶବକୁ । ସେ ଗାଁରେ ଜନ୍ମରୁ ନୁହେଁ କର୍ମରୁ ଜାତିର ପରିଚୟ ମିଳୁଥାଏ । କହିବାକୁ କଲେ ନିଜ ନିଜ ଜନ୍ମଭୂମିରୁ ନିଷ୍କ୍ରାନ୍ତ ଲୋକମାନେ ପେଟ ପୋଷିବା ଆଶାରେ ବୃତ୍ତି ଖୋଜି ସେଇଠି ଆଶ୍ରୟ ନେଇଥିଲେ ଆଉ କାଳକ୍ରମେ ତାହା ରୂପ ନେଇନେଲା ଏକ ଛୋଟ ବସ୍ତିର। ସେ ଗାଁରେ ଧନୀ ଗରିବର ସୀମାରେଖା ବେଶ ସ୍ପଷ୍ଟ ଭାବରେ ଦୃଶ୍ୟମାନ । ସତେବା ବଞ୍ଚିରହିବା ପାଇଁ ଥିବା ପାରସ୍ପରିକ ପ୍ରତିଯୋଗିତା ମଣିଷତାକୁ ଉଭାନ କରିଦେଇଥିଲା । ସେ ଯାହା ହେଉ ମୁନିମ୍-କୁ ଦେଖିବାର ସୁଯୋଗ ଅନନ୍ତ ପାଇନାହିଁ । ସେ କାଳେ ଯେଉଁ କାରଖାନାରେ କାମ କରୁଥିଲା ତା ବିଷାକ୍ତ ପବନ ଶୁଙ୍ଘି ଫୁସଫୁସ ରୋଗରେ ମରିଗଲା । ପ୍ରଥମ ସ୍ତ୍ରୀର ଅକାଳ ବିୟୋଗ ତାକୁ ବାଟବଣା କରିଦେଇଥିଲା । ଜୁଆରେ ଅଳ୍ପସ୍ୱଳ୍ପ ବାପସମ୍ପତ୍ତିକୁ ବାଜିରେ ଲଗାଇ କାରଖାନାରେ ମୂଲ ଲାଗିବା ଛଡ଼ା ଅନ୍ୟକୌଣସି ଉପାୟ ନଥିଲା ବୋଲି ତା ମା' ଜାଇଠୁ ସେ ଶୁଣିଥିଲା । ଏବେ ଉଭୟ ଛୁଆଙ୍କ ଭରଣପୋଷଣ ଭାରା ଜାଇ ଉପରେ । ଯା ତା' ଘରେ ବାସନ ମାଜି ସେଥିରୁ ଯେତିକି ଅର୍ଜନ କରେ ସେଥିରେ ପିଲା ଦୁହିଙ୍କର ସ୍କୁଲପଢା ଖାଲି ଅଣ୍ଟିଯାଏ । ବୁଡ଼ିଯାଉଥିବା ସୂର୍ଯ୍ୟରେ ମୁଠେ ପଖାଳ ହିଁ ତାଙ୍କର ସାହାରା । ଯେନତେନ ସମୟ ବିତିଗଲା । ପାଣିରେ ସଂତେଇ ହେଇ ହେଇ ଜାଇକୁ ଟିବି ଧରିଲା ଏଣେ ପିଠିଆ ରୁକ୍ମିର ବିବାହ ବୟସ ପାଖେଇ ଆସୁଥାଏ । ସମ୍ପତ୍ତି ବୋଇଲେ ରସ ବାସନ ଆଉ ହଳେ ସୁନା କାନଫୁଲ । ହେଲେ ଏତକ ବନ୍ଧା ଦେଲେ ସେ ଘରର ଅସ୍ତିତ୍ୱ କ'ଣ ରହିବ ଆଉ ସେତକ ବନ୍ଧା ପକେଇ ସେ କ'ଣ ଅବା ପାଇବେ ? ଅନନ୍ତ ଏ ସବୁକୁ ଦେଖି କହିପାରୁନଥାଏ କିମ୍ବା ସହି ପାରୁନଥାଏ। ପାକଳ ବୟସ ଅତିକ୍ରମ କରି ଯେବେ କୈଶୋରର ଅଗ୍ନି ତା ଆତ୍ମାକୁ ଛୁଇଁଲା ତା ଘରର ଦାରିଦ୍ର୍ୟତା ତା ପାଇଁ ଅପମାନ ଠାରୁ ବେଶୀ ଅସଫଳତା ବୋଲି ବୋଧ ହେଲା । ସାଙ୍ଗସାଥିଙ୍କ ସହ ମିଶି କିଛି ଦିନ ମୂଲ ମଜୁରୀ କଲା ହେଲେ ଜୁଆ ଗଂଜେଇର ଆସର ତାକୁ ଜମିଲା ନାହିଁ । ଦିନେ ବୁଢା ଦିପହରେ କାକୁସ୍ଥ ରଡ଼ି ଶୁଣି ଧାଇଁଆସିଲା ଦାଣ୍ଡକୁ। ସାହୁଘର ବୁଢ଼ୀ ଚାଲିଗଲା । ସାହି ପଡିଶା ସଭିଙ୍କ ଆଖିରେ ଶୋକ ଭାବନା ସ୍ପଷ୍ଟ, ହେଲେ ସେ ଭିଡ଼ରୁ ସରୁ ଗଳିଦେଇ ବାହାରି ଆସିଲା ଗୋଟିଏ ବୁଢା । ହାତରେ ବିଡ଼ାଏ ନୋଟ । ଆଶ୍ଚର୍ଯ୍ୟ ହେଲା ଅନ୍ତୁ । 'ମଉସା ବୟସ ଦେଖୁଚି ସିନା ହେଲେ କ'ଣ ଏଇ ଦୁଃଖ ମାହୋଲରେ ପକେଟ ମାରିବା ଭଲ ? 'ଏତକ ଶୁଣି ଠୋ' କିନି ହସିଦେଲା ବୁଢା । ତା ହସ ଶୁଣି ସବୁ ତା ଆଡ଼େ ଚାହିଁଲେ । ତା ଗୁଟକାଲେପା ଦାନ୍ତ ଦେଖି ଅନନ୍ତର ହାଡ଼ ଜଳୁଥାଏ । ହସ ଜାକି ତାକୁ ଟାଣି ଆଣି କହିଲା 'ଯେ ମୋର ଜୀବନଯାକର ଆୟ । ଏ ସାହୁବୁଢା ଦେଲା ତା ବୁଢ଼ୀ ଶବକୁ ନେଇ ମଶାଣିରେ ଜାଳିବାକୁ । ଆଉ ମୁଁ ଚୋର ନୁହେଁ, ମଲା ଅଲୋଡ଼ା ମଣିଷର ଶେଷ ବେଳର ସାଥିଟିଏ । ମୋ ଶେଷ ସାଥି ସିନା ଚାଲିଗଲା କିନ୍ତୁ ମୁଁ ଅଲୋଡ଼ା ମଣିଷର ସବୁଠାରୁ ଲୋଡ଼ା ସାଥିଟିଏ। ମୁଁ ଶବବୁହା ସାହୁ ବୁଢା । ' କିଛି ବୁଝା ପଡ଼ିଲା ନାହିଁ ମାତ୍ର ଅନନ୍ତକୁ ରୋଜଗାରର ପନ୍ଥା ମିଳିଗଲା । ପ୍ରସ୍ତାବିତ ଆଖିରେ ଚାହିଁ କହିଲା ' ମଉସା ତୁମେ ଥକି ଯାଉଥିବ, ନୂଆ ଶବବୁହା ସାଥି ଗୋଟିଏ ଖୋଜୁନା ! କହିବ ଯଦି ମୁଁ ସାଥି ହେବି।' ବାସ୍ ଏଥରକ ଗୋଟେ ନୂଆ ଜୀବନର ନୂଆ ଅଧ୍ୟାୟରେ ପାଦ ଦେଲା ଅନନ୍ତ । ଏ ଅଧ୍ୟାୟରେ ଜଡ଼ିତ ପ୍ରତ୍ୟେକ ଚରିତ୍ର ତାକୁ ଗୋଟିଏ ଶିକ୍ଷା ଦେଇଯା'ନ୍ତି ଯେ ମୃତବତ୍ ମର୍ତ୍ତ୍ୟରେ ଜୀବନର ବାଜି ଲଗାଇ ପ୍ରତ୍ୟେକ ମୁହୂର୍ତ୍ତ ଏ ମର ଶରୀର ଲୀନ ଥାଏ ଗୋଟିଏ ଅସରନ୍ତି ଦୌଡ଼ରେ । ସେ ଦୌଡରେ ଥକି ଯାଉଥିବା ହାଡ ମାଂସର ସାହାରା ହେଉଛି ଆଶାର ଲଉଡ଼ି । ସେ ଆଶା ଯାହା ତାକୁ ସାହସ ଦିଏ ସେ ଦୌଡ଼ରେ ଅନବରତ ଧାଇଁ ରହିବାକୁ । ହେଲେ ସେ ବାଛିନେଇଥିବା ବେଉସା ତାକୁ ଅନେକ ଅପ୍ରତ୍ୟାଶୀତ ଭାବନାର ଶିକାର ହେବାକୁ ବାଧ କରୁଥିଲା । ଭାବନା ଥିଲା ଦୁଃସ୍ଥ ବିୟୋଗର, ପ୍ରତ୍ୟାଶିତ ଓ ଅପେକ୍ଷିତ ମୃତ୍ୟୁର କିମ୍ବା ମୃତ୍ୟୁ ଯାହାର ପଛରେ ରହିଥାଏ କେବଳ ନୈରାଶ ଓ ବିଫଳତା, କେବେ ଗର୍ଭର ତ କେବେ ଗର୍ଭଧାରିଣୀର । କୁହାଯାଏ ମରଶରୀରର ଭାବ ନଥାଏ । କିନ୍ତୁ ଅନନ୍ତ ନିଜକୁ ମୃତ ବ୍ୟକ୍ତିର ମିତ ବୋଲାଇ ଏ ସିଦ୍ଧାନ୍ତକୁ ପ୍ରତ୍ୟାଖାନ କରେ ।

'ବୃଦ୍ଧକାଳେ ତୁ ମୋହର ଏକଇ ନନ୍ଦନ, ହୃଦତାପ ବିନାଶନେ ତୁ ହରିଚନ୍ଦନ ।' ଅଭିଧାନେ ତାଳ ପକାଇ ସବୁଦିନ ଭଳି ଆଜି ବି ବିଦ୍ୟାଳୟମୁଖା ଯାଉଥାନ୍ତି । ପୌଷର ଶୀତଳ ପବନ ଦେଇଯାଉଥିବା ଅଳସକୁ ଦୂର କରିବାକୁ ଉତ୍ତମ ଅଭିଧାନଙ୍କ ଉପସ୍ଥିତି ହିଁ ଯଥେଷ୍ଟ । ପାଠ ପଢାଇବା ଠାରୁ ବେଶୀ ତାକୁ ହୃଦୟଙ୍ଗମ କରାଇବାକୁ ସେ ଭଲପାନ୍ତି । ନାନା ଭଙ୍ଗୀ ଅଭିବ୍ୟକ୍ତି ଦେଇ ସାହିତ୍ୟ ପଢାନ୍ତି ସେ, ତେଣୁ ବିଦ୍ୟାଳୟ ଛାଡ଼ିବାର ଅନେକ ବର୍ଷ ପରେ ମଧ ତାଙ୍କୁ ଭୁଲିବା କଷ୍ଟକର। ହେଲେ ରବିବାର ଦିନ ସାରଙ୍କୁ ସ୍କୁଲ ଯିବାର ଦେଖି ଆଶ୍ଚର୍ଯ୍ୟର ସହ ଅନନ୍ତ ପଚାରିଲା ' ଅଭିଧାନେ ! ଆଜି ପା' ଛୁଟି ? 'ଅଭିଧାନ ଚଷମା ଫାଙ୍କରୁ ଚାହିଁ ଦେଇ କହିଲେ' ଏଥର ଧନୁଯାତ୍ରାର କଳାକାର ଚୟନ ସମିତିର ସଦସ୍ୟ ମୁଁ । ଏତକ କହି ଚାଲିଯା'ନ୍ତେ ପୁଣି ବୁଲିପଡ଼ି କହିଲେ 'ଭାଗ ନଉନୁ ବିଦ୍ୟାଳୟରେ ତ ଦେହଖରାପର ନାଟକ ଖୁବ ସୁନ୍ଦର କରୁଥିଲୁ ।' ସେ ପ୍ରସ୍ତାବରେ ଯେ କେତେ ଥଟ୍ଟା ଥିଲା ତାହାକୁ ସେ ଜାଣିପାରୁଥିଲା । ହେଲେ କିଛି ନକହି ଧାରଟେ ହସ ହସି ଦେଇ ଅଭିଧାନଙ୍କ ପଛରେ ଚାଲିଲା । ବିଦ୍ୟାଳୟରେ ଅଭିଧାନ ଗୋଟିଏ କୋଣରେ ବସାଇଦେଲେ । ଜଣକ ପରେ ଜଣେ ନାଟକ ପରିବେଷଣ କରି ସମିତିକୁ ନିରାଶ କରିଚାଲିଥା'ନ୍ତି । ଶେଷରେ ଉତ୍ତମ ମାଷ୍ଟ୍ରେ ଅନ୍ତୁକୁ ଚାହିଁ ହସିଦେଇ ପଚାରନ୍ତି ' ସୁଯୋଗ ସମୟ ନେଇ କରିବୁ ? ହେଲେ ମଲାଶବ ବୋହୁଥିବା ଲୋକଠୁ ଜୀବନ୍ତ ଅଭିନୟ ଆଶା କରିବାଟା ଭୁଲ । ଏତେ ବାଟେ ନିରାଶ ହୋଇଛୁ ଯଦି ଆଉ ଗୋଟିଏ ବିଫଳ ପ୍ରୟାସ ଦେଖିନେବା । 'ଅନ୍ତୁ ସଂଳାପ କହିଲା " ମୁଁ ଶବର ଏ ଗଡ଼ ଉପରେ ନିଜକୁ ନରଈଶ ସିଂଘାରୀ ବୋଲାଉଥିବା କଂସ, ଅତଏବ ମୁଁ, ପୁନର୍ଜନ୍ମିତା ଅଦିତିର ପ୍ରତ୍ୟେକ ଗର୍ଭଜାତ ଅଦୈତ୍ୟକୁ ମାରି ମୋର ଅସ୍ତିତ୍ୱ ଅହଂକାରକୁ ବଜାୟ ରଖିବି ! 'ସମିତିରେ ଛାଇଗଲା ଗୋଟିଏ ଅସହଜ ପୂର୍ଣ୍ଣ ନିସ୍ତବ୍ଧତା। କଂସର ଭବ୍ୟ ଉପସ୍ଥିତି ପାଇଁ ରଙ୍ଗମଞ୍ଚ ପ୍ରସ୍ତୁତ ହେଲା। ଆରମ୍ଭ ହେଲା ଏଗାର ଦିନର କୃଷ୍ଣଲୀଳା ।

'ମୁଁ ଶୁଣିଚି ଅତୃପ୍ତ ଆତ୍ମା ପାକଳ ଦେହ ଖୋଜେ । ଏଇଟା ହାତରୁ ଯେମିତି ନ କାଢୁ ।' ଏତକ କହି ଜାଇ ଗୋଟିଏ କଳା ସୁତା ବାନ୍ଧିଦେଲା ତା ହାତରେ । ଏ ସବୁ ତାକୁ ଅନ୍ଧବିଶ୍ୱାସ ଭଳି ଲାଗୁଥାଏ । ମୁକ୍ତିରଥ ଧରି ଚାଲିଲା ଜିଲ୍ଲା ହାସପାତାଳ ଆଡ଼କୁ । ହଠାତ ଗାଡ଼ି ଆଗରେ ଲାଗିଥିବା ସେ ଦର୍ପଣରେ ଗୋଟିଏ ନାରୀ ଦେଖାଗଲା। ସେହି ନାରୀ ଯାହା ଶବକୁ ସେ ଦାହ କରିବାକୁ ନେଇଯାଉଥିଲା। 'ଡର ଲାଗୁ ନାହିଁ ?' ଗୋଟିଏ ଆଶ୍ଚର୍ଯ୍ୟ ଭରା ପ୍ରଶ୍ନ ସହ ସେ ପ୍ରତିବିମ୍ବ ଆଡକୁ ଚାହିଁ ରହିଲା । ଅନନ୍ତର ଅକଳ ଗୁଡୁମ ହୋଇଗଲା । କିଛି କୁହନ୍ତା ପୁଣି ସେପଟୁ ଶବ୍ଦ ଆସେ 'ଅନନ୍ତ ଶବ୍ଦର ଅର୍ଥ ଯାହାର ଅନ୍ତ ନାହିଁ କିମ୍ବା ସୀମା ନାହିଁ । ହେଲେ ଏହା କ'ଣ ସତ । ଏହି ମରଣଶୀଳ ମର୍ତ୍ତ୍ୟରେ ଏଭଳି ଶବ୍ଦର ଅସ୍ତିତ୍ୱ ହି ଏକ ଅଟ୍ଟହାସ୍ୟ । ଯେ ଦେହ ଧରିଛି ସେ ମୃତ୍ୟୁ ଭୋଗ କରିଛି । ମୁଁ ତା'ର ସ୍ୱୟଂ ସାକ୍ଷୀ । ଆଶା ଥିଲା ଅଭିନେତ୍ରୀଟିଏ ହେବି, ରଙ୍ଗମଞ୍ଚର ଆଲୋକ ସବୁ ମୋରି ଆଡ଼େ କେନ୍ଦ୍ରିତ ରହିବ । ବାଃ ବାଃ, ତାଳି ଶୁଣି ଅଭିମାନ କରିବି । ହେଲେ ସେ ସେ ସ୍ୱପ୍ନ ମୋର... ।' ଏତକ ଶୁଣୁ ଶୁଣୁ ହଠାତ ଅନନ୍ତ କାନ୍ଧରେ ସେ ନାରୀ ନିଜ ମୁଣ୍ଡକୁ ଆଶ୍ରୟ ଦେଲା । ଅନନ୍ତ ଶବ୍ଦଶୂନ୍ୟ ହୋଇଗଲା । ଚିତ୍କାର କରିବାକୁ ଚାହିଁ ମଧ ସେ ଅସଫଳ ହେଉଥାଏ । ଏପରିକି ହାତଗୋଡ ମଧ ହଲେଇ ପାରୁନଥାଏ ।' ମୋ ସ୍ୱପ୍ନ ସିନା ଅଧୁରା ରହିଗଲା, ହେଲେ ତୁମେ କେଡେ ଭାଗ୍ୟବାନ, ସେ ସ୍ୱପ୍ନରେ ବଞ୍ଚିବାର ସୁଯୋଗ ପାଇଛ । ରଙ୍ଗମଞ୍ଚ ଉପରେ ମହାରାଜ ବୋଲାଉଛ ।' ଏତକ ଶୁଣୁଶୁଣୁ ତା ହାତ ଅନନ୍ତ ନିଜ ବେକ ଉପରେ ଅନୁଭବ କଲା । ତା ଶ୍ୱାସରୋଧ ହେବାକୁ ଲାଗିଲା । ସାହାଯ୍ୟ ପାଇଁ ଚତୁର୍ପାର୍ଶ୍ୱରେ ଅନାଉଥାଏ ଅଥଚ କେହି ନାହିଁ । ତା ମୁକ୍ତିରଥ ଘୋର ଅନ୍ଧକାର ଭିତରେ ଚାଲିଯାଉଥାଏ।

ଠିକ ସେତିକି ବେଳେ ତା ମୁହଁରେ କେହି ଜଣେ ଥଣ୍ଡାପାଣି ଛିଞ୍ଚିଦେଲା । ଅନ୍ତୁର ଆଖି ଖୋଲିଲା। ସେପଟୁ କେହି ଗୋଟିଏ କହିଲା 'ପୁଣି ବୋଧେ ମଦବାଲା କଂସର ନିଦ୍ରାପକ୍ଷାଘାତ ହେଲା ।' ହେଲେ ଅନନ୍ତର ମନରେ ଗୋଟିଏ ପ୍ରଶ୍ନ 'ସ୍ୱପ୍ନରେ ଥିବା ନାରୀ କ'ଣ ନିଦମାଉସୀ ନା ଶବବାହାକ ସାଥିରେ ଚାଲିଆସିଥିବା ଜଣେ ଅତୃପ୍ତ ନାରୀର ଆତ୍ମା ଯିଏ କଂସ ଦରବାରରେ ନ୍ୟାୟ ମାଗୁଛି ?


ଯୁକ୍ତ ତିନି କଳା, ରାଜଧାନୀ ମହାବିଦ୍ୟାଳୟ
ଭୁବନେଶ୍ୱର
ମୋ-୮୨୮୦୩୧୧୦୦୦

# ଆଜି ଆଇପିଏଲ୍‌ର ଉଦ୍‌ଘାଟନୀ ସମାରୋହ ଧମାକା ଦେଖାଇବେ ବଲିଉଡ୍ ତାରକା




**ନୂଆଦିଲ୍ଲୀ**

ଟାଟା ଆଇପିଏଲ ୨୦୨୪ର ଉଦ୍‌ଘାଟନୀ ସମାରୋହରେ ଅକ୍ଷୟ କୁମାର, ଟାଇଗର ଶ୍ରଫ, ଏଆର ରେହମାନ ଏବଂ ସୋନୁ ନିଗମ ଦେଖାଇବେ ଧମାକା। ଆଇପିଏଲ ତରଫରୁ ଏହି ତାରକାଙ୍କ ଫଟୋ ଜାରି କରାଯାଇଛି। ଚେନ୍ନାଇର ଚିଦାମ୍ବରମ ଷ୍ଟାଡ଼ିୟମରେ ଶୁକ୍ରବାର ଏହି ବଲିଉଡ୍ ତାରକାମାନେ ଧମାଲ କରିବେ।

ଆଇପିଏଲର ପ୍ରଥମ ମ୍ୟାଚ୍ ରାତି ୮ଟାରେ ଖେଳାଯିବ। ଆଇପିଏଲ ଉଦ୍‌ଘାଟନୀ ସମାରୋହ ସନ୍ଧ୍ୟା ୬ଟାରୁ ଆରମ୍ଭ ହେବ। ଏହି ଉଦ୍‌ଘାଟନୀ ସମାରୋହରେ ଟାଇଗର ଶ୍ରଫ ନିଜର ଡ୍ୟାନ୍ସ କୌଶଳ ଦେଖାଇବାକୁ ଯାଉଛନ୍ତି। ଏହା ସହ ଅକ୍ଷୟ କୁମାର ମଧ୍ୟ ଏଠାରେ ଅଭିନୟ କରିବେ ଟାଇଗର ଏବଂ ଅକ୍ଷୟ କୁମାରଙ୍କ ସହ ବଲିଉଡ୍‌ର ୨ ଜଣ ଜଣାଶୁଣା କଣ୍ଠଶିଳ୍ପୀ ମଧ୍ୟ ଏଠାରେ କଣ୍ଠଦାନ କରିବେ। ଏହି ଗାୟକମାନଙ୍କ ମଧ୍ୟରେ ଏଆର ରେହମାନ ଏବଂ ସୋନୁ ନିଗମଙ୍କୁ ଦେଖିବାକୁ ମିଳିବ।

ପ୍ରଥମେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ ଚେନ୍ନାଇ ସୁପର କିଙ୍ଗସ ମଧ୍ୟରେ ପ୍ରଥମ ମ୍ୟାଚ୍ ଦେଖିବାକୁ ମିଳିବ। ୫୬ ଦିନ ଧରି ଚାଲିବାକୁ ଥିବା ଏହି କ୍ରିକେଟ ମହୋତ୍ସବ ମେ' ୨୬ରେ ଫାଇନାଲ ମ୍ୟାଚ୍ ସହ ଶେଷ ହେବ। ସାରା ଦେଶର କ୍ରିକେଟପ୍ରେମୀମାନେ ଏହି ଲିଗ୍‌କୁ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ଚଳିତ ବର୍ଷ ମଧ୍ୟ ପ୍ରଶଂସକମାନେ ଏଥିପାଇଁ ଉତ୍ସାହିତ ଅଛନ୍ତି।

# ସିଏସ୍‌କେର ଅଧିନାୟକ ପଦ ଛାଡ଼ିଲେ ଧୋନି



**ନୂଆଦିଲ୍ଲୀ**

ଚେନ୍ନାଇ ସୁପର କିଙ୍ଗସ (ସିଏସ୍‌କେ)ର ଅଧିନାୟକ ପଦ ଛାଡ଼ିଛନ୍ତି ମହେନ୍ଦ୍ର ସିଂହ ଧୋନି। ସେ ଅଧିନାୟକ ଦାୟିତ୍ୱ ଋତୁରାଜ ଗାଏକ୍ୱାଡ୍‌ଙ୍କୁ ହସ୍ତାନ୍ତର କରିଛନ୍ତି। ସିଏସ୍‌କେ ପକ୍ଷରୁ ଏକ ବିବୃତ୍ତି ଜାରି କରି ଏହି ସୂଚନା ଦିଆଯାଇଛି।

ସିଏସ୍‌କେ ପକ୍ଷରୁ କୁହାଯାଇଛି, ୨୦୧୯ରୁ ଋତୁରାଜ ଚେନ୍ନାଇ ସୁପର କିଙ୍ଗସର ଅବିଚ୍ଛେଦ ଅଙ୍ଗ ହୋଇ ରହିଛନ୍ତି। ଏହି ସମୟ ମଧ୍ୟରେ ସେ ଆଇପିଏଲ୍‌ରେ ୫୨ଟି ମ୍ୟାଚ୍ ଖେଳିଛନ୍ତି।

ସିଏସ୍‌କେ ଧୋନିଙ୍କ ନେତୃତ୍ୱରେ ୫ ଥର ଆଇପିଏଲ ଟାଇଟଲ ଜିତିଛି। ୨୦୨୩ ଆଇପିଏଲ ମଧ୍ୟ ଜିତିଥିଲା। ସିଏସ୍‌କେ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଗୁଜରାଟ ଟାଇଟନ୍‌ସକୁ ହରାଇଥିଲା। ଦଳର ଏହି ବିଜୟ ପରେ ଧୋନି ସ୍ପଷ୍ଟ କରିଥିଲେ ଯେ ସେ ୨୦୨୪ ଆଇପିଏଲ ଖେଳିବେ। ତା'ସହିତ ଆଇପିଏଲ୍‌ରୁ ତାଙ୍କ ଅବସର ନେଇ ହେଉଥିବା ଆଲୋଚନାର ମଧ୍ୟ ଅବସାନ ଘଟାଇଥିଲେ।

୨୦୨୦ ଅଗଷ୍ଟ ୧୫ ତାରିଖରେ ଧୋନି ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ତାଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ୨୦୦୭ ଟି-୨୦ ବିଶ୍ୱକପ, ୨୦୧୧ ଦିନିକିଆ ବିଶ୍ୱକପ ଓ ୨୦୧୩ ଚାମ୍ପିୟନ୍ସ ଟ୍ରଫି ଜିତିଥିଲା।

ଧୋନି ୨୫୦ଟି ଆଇପିଏଲ ମ୍ୟାଚ୍ ଖେଳିଛନ୍ତି। ଏଥିରୁ ସେ ୩୮.୭୯ ହାରରେ ୫,୦୮୨ ରନ ସଂଗ୍ରହ କରିଛନ୍ତି। ତା' ମଧ୍ୟରେ ୨୪ଟି ଅର୍ଦ୍ଧଶତକ ରହିଛି। ଡିଫେଣ୍ଡିଂ ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗସ ୨୦୨୪ରେ ବି ଟାଇଟଲ ବଜାୟ ରଖିବାକୁ ନିଜକୁ ପ୍ରସ୍ତୁତ କରିଥିବା ବେଳେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ବିପକ୍ଷରେ ଚେପକରେ ଖେଳିବ ଉଦ୍‌ଘାଟନୀ ମ୍ୟାଚ୍। ଏହି ମ୍ୟାଚ୍‌ରେ ସମସ୍ତଙ୍କ ଦୃଷ୍ଟି ରହିବ ଋତୁରାଜଙ୍କ ଉପରେ। କାରଣ ସେ ସିଏସ୍‌କେର ଅଧିନାୟକ ଦାୟିତ୍ୱ ନେଇଛନ୍ତି।

୨୦୨୩ ଆଇପିଏଲ୍‌ରେ ଋତୁରାଜ ଗାଏକ୍ୱାଡ୍ ଭଲ ପ୍ରଦର୍ଶନ କରିଥିଲେ। ସେ ୧୬ଟି ମ୍ୟାଚ୍‌ରୁ ୫୯୦ ରନ କରିଥିଲେ। ତା' ସହିତ ଭବିଷ୍ୟତରେ ଦଳର ନେତୃତ୍ୱ ନେଇ ପାରିବେ ବୋଲି ନିଜ ଦକ୍ଷତା ପ୍ରତିପାଦିତ କରିଥିଲେ।

# କ୍ରିକେଟରୁ ଅବସର ଘୋଷଣା କଲେ ଜାଭେରିଆ ଖାନ୍



**କରାଚୀ**

ପାକିସ୍ତାନ ମହିଳା କ୍ରିକେଟ ଟିମ୍‌ର ପୂର୍ବତନ ଅଧିନାୟକ ତଥା ବରିଷ୍ଠ ବ୍ୟାଟର ଜାଭେରିଆ ଖାନ ଅନ୍ତର୍ଜାତୀୟ କ୍ରିକେଟକୁ ଅଲ୍‌ବିଦା କହିଛନ୍ତି। ୩୫ ବର୍ଷୀୟ ଜାଭେରିଆ ବେଶ୍ ଭାବବିହ୍ୱଳ ବିବୃତ୍ତି ଜାରି କରି ଦୀର୍ଘ ୧୫ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରରେ ବିରାମ ଲାଗିଥିବା କଥା ସମସ୍ତଙ୍କୁ ଜଣାଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରୁ ଜାଭେରିଆ ଅବସର ନେଇଥିଲେ ହେଁ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଖେଳାଯାଉଥିବା ଘରୋଇ ଲିଗ୍ ମ୍ୟାଚ୍ ଖେଳିବେ। ୧୭ଟି ଦିନିକିଆରେ ପାକିସ୍ତାନର ନେତୃତ୍ୱ ନେଇଥିବା ଜାଭେରିଆ ଶେଷଥର ପାଇଁ ୨୦୨୩ ମାର୍ଚ୍ଚରେ ପାକିସ୍ତାନ ପକ୍ଷରୁ କୌଣସି ଟି-୨୦ ମ୍ୟାଚ୍ ଖେଳିଥିଲେ

ସେ କହିଛନ୍ତି ଯେ, ଖୁସି ଓ ଦୁଃଖ ରହିଥିଲା। କିନ୍ତୁ ସର୍ବୋପରି ମହାନ ଗର୍ବ ମୋତେ ୧୫ ବର୍ଷ ଧରି ଆଗକୁ ନେଇଥିଲା। ମୋ କ୍ରିକେଟ ଯାତ୍ରାରେ ଅନେକ ଘାତପ୍ରତିଘାତ ଆସିଥିଲେ ହେଁ ପାକିସ୍ତାନ ଜର୍ସୀ ପରିଧାନ କରିବାର ଅନୁଭୂତି ସବୁଠାରୁ ଉପରେ ରହିଥିଲା। ମୁଁ ଯେଉଁ ଜିନିଷକୁ ଅଧିକ ଭଲ ପାଉଥିଲି, ସେଇଥିରେ ଜୀବନ ବିତାଇବାକୁ ସୁଯୋଗ ପାଇଥିବାରୁ ଭାଗ୍ୟବାନ ମଣୁଛି। ଆଗକୁ ମଧ୍ୟ ଏହା ଜାରି ରଖିବି।

ଜାଭେରିଆ ପାକିସ୍ତାନ ପାଇଁ ୨୨୮ଟି ଦିନିକିଆ ମ୍ୟାଚ୍ ଖେଳି ୪୯୦୩ ରନ କରିଛନ୍ତି। ଏଥିରେ ୨ଟି ଶତକ ଓ ୨୫ଟି ଅର୍ଦ୍ଧଶତକ ରହିଛି। ସେ ଅନ୍ତର୍ଜାତୀୟ କ୍ରିକେଟରେ ୨୮ଟି ୱିକେଟ ମଧ୍ୟ ନେଇଥିଲେ। ପାକିସ୍ତାନ ମହିଳା କ୍ରିକେଟରେ ସର୍ବାଧିକ ଦିନିକିଆ ଓ ଟି-୨୦ ରନ ସ୍କୋର କରିବା ତାଲିକାରେ ଜାଭେରିଆ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବିସ୍‌ମା ମାରୁଫ୍‌ଙ୍କ ବ୍ୟତୀତ ସେ ଏକମାତ୍ର କ୍ରିକେଟର ଯିଏ ଦିନିକିଆ ଓ ଟି-୨୦ରେ ୨ହଜାରରୁ ଅଧିକ ରନ କରିଛନ୍ତି। ଜାଭେରିଆ ୨୦୦୯, ୨୦୧୩, ୨୦୧୭ ଓ ୨୦୨୨ ଦିନିକିଆ ମହିଳା ବିଶ୍ୱକପରେ ପାକିସ୍ତାନକୁ ପ୍ରତିନିଧିତ୍ୱ କରିଥିଲେ। ସେହିପରି ୨୦୦୯, ୨୦୧୦, ୨୦୧୨, ୨୦୧୪, ୨୦୧୬, ୨୦୧୮, ୨୦୨୦ ଓ ୨୦୨୩ ଟି-୨୦ ବିଶ୍ୱକପ ମଧ୍ୟ ସେ ଖେଳିଛନ୍ତି। ୨୦୧୦ ଓ ୨୦୧୪ ଏସିଆ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ପାକିସ୍ତାନ ମହିଳା କ୍ରିକେଟ ଟିମ୍ ସ୍କ୍ୱାଡ୍‌ରେ ଜାଭେରିଆ ରହିଥିଲେ।

# ଓସ୍‌ଜାର ସଭାପତି ହେଲେ ସନ୍ଦୀପ ମିଶ୍ର, ସୁରେଶ ସ୍ୱାଇଁ ସମ୍ପାଦକ




**ଭୁବନେଶ୍ୱର**

ଭାରତୀୟ କ୍ରୀଡ଼ା ସାମ୍ବାଦିକ ସଂଘ (ଏସ୍‌ଜେଏଫଆଇ)ର ଏକମାତ୍ର ଅନୁବନ୍ଧିତ ରାଜ୍ୟ ସଂଘ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସ୍‌ଜା)ର ୧୧ଶ ପ୍ରତିଷ୍ଠା ଦିବସ ଅବସରରେ ଗୁରୁବାର ଏହାର ବାର୍ଷିକ ସାଧାରଣ ପରିଷଦ ବୈଠକ (ଏଜିଏମ୍) ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨୦୨୪-୨୬ ଆର୍ଥିକ ବର୍ଷ ପାଇଁ ଓସ୍‌ଜାର ନୂଆ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ସନ୍ଦୀପ ମିଶ୍ର ସଭାପତି ଭାବେ ପୁନଃ ନିର୍ବାଚିତ ହୋଇଥିବା ବେଳେ ସମ୍ବିତ ମହାପାତ୍ର ନୂଆ କାର୍ଯ୍ୟକାରୀ ସଭାପତି ଏବଂ ସୁରେଶ ସ୍ୱାଇଁ ୩ୟ ଥର ସମ୍ପାଦକ ପଦକୁ ଫେରିଛନ୍ତି।

ସେହିପରି ଦେବାଶିଷ ସୁନ୍ଦରାୟ କୋଷାଧ୍ୟକ୍ଷ ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ଦେବୀ ପ୍ରସନ୍ନ ମହାନ୍ତି, ତପନ କୁମାର ସ୍ୱାଇଁ, ସମୀକ୍ଷା ପଟ୍ଟନାୟକ ଉପସଭାପତି, ହିମାଂଶୁ ପତି ମିଶ୍ର, ସଞ୍ଜୀବ କୁମାର ବିଶ୍ୱାଳ, ଜ୍ଞାନରଞ୍ଜନ ମିଶ୍ର ଯୁଗ୍ମ ସମ୍ପାଦକ ହୋଇଛନ୍ତି। କାର୍ଯ୍ୟକାରୀ କମିଟିକୁ କେ. ରବି, ସନାତନ ପାଣି, ନିରଞ୍ଜନ ରେଡ୍ଡୀ, ଶକ୍ତିପ୍ରସାଦ ନନ୍ଦ, ମନୋରଞ୍ଜନ ଦାଶ, ଦୀପ୍ତିରଞ୍ଜନ ସାମଲ, ବିମଳ କୁମାର ରାଉଳ ନିର୍ବାଚିତ ହୋଇଛନ୍ତି।

ବୈଠକରେ ସଂଘର ୨ ନିୟମିତ କାର୍ଯ୍ୟକ୍ରମ ପୁରସ୍କାର ପ୍ରଦାନ ଉତ୍ସବ ଓ ବିଶ୍ୱ କ୍ରୀଡ଼ା ସାମ୍ବାଦିକତା ଦିବସରେ ସ୍ମରଣିକା ପ୍ରକାଶନକୁ ଜାରି ରଖିବାକୁ ନିଷ୍ପତ୍ତି ହୋଇଥିଲା। ଏକ ଆଞ୍ଚଳିକ କ୍ରୀଡ଼ା ସାମ୍ବାଦିକଙ୍କ କର୍ମଶାଳା ପାଇଁ ମଧ୍ୟ ପ୍ରସ୍ତାବ ଆଗତ ହୋଇଥିଲା। ସେହିପରି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଯୋଜନା ଓ ଆୟବ୍ୟୟ ଅଟକଳ ପ୍ରସ୍ତୁତ କରା ଯାଇଥିଲା।

# ଧାୱନଙ୍କ ବଦଳରେ କ୍ୟାପ୍ଟେନ୍ସ ମିଟ୍‌ରେ ଫଟୋ ଉଠାଇଲେ ଜିତେଶ୍



**ନୂଆଦିଲ୍ଲୀ**

ଶୁକ୍ରବାର ଠାରୁ ଆଇପିଏଲର ୧୭ତମ ସଂସ୍କରଣ ଆରମ୍ଭ ହେଉଛି। ଏହାପୂର୍ବରୁ ୧୦ଟି ଯାକ ଫ୍ରାଞ୍ଚାଇଜ ନିଜ ନିଜର ପ୍ରସ୍ତୁତି ଶେଷ କରିଛନ୍ତି। ଶୁକ୍ରବାର ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେଉଥିବା ବେଳେ ଗୁରୁବାର ୧୦ଟି ଯାକ ଦଳକୁ ନେଇ କ୍ୟାପ୍ଟେନ୍ସ ମିଟ୍ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସବୁ ଦଳର ଅଧିନାୟକ ଏକାଠି ହୋଇ ଆଇପିଏଲ ଟ୍ରଫି ସହ ଫଟୋ ଉଠାଇଛନ୍ତି। କ୍ୟାପ୍ଟେନ୍ସ ମିଟ୍‌ରେ ଦୁଇଟି ଆଶ୍ଚର୍ଯ୍ୟ କଲା ଭଳି ଘଟଣା ଘଟିଛି।

ପ୍ରଥମତଃ ଚେନ୍ନାଇ ସୁପର କିଙ୍ଗସକୁ ମହେନ୍ଦ୍ର ସିଂହ ଧୋନିଙ୍କ ବଦଳରେ ଋତୁରାଜ ଗାଏକ୍ୱାଡ ପ୍ରତିନିଧିତ୍ୱ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ଜଣାପଡ଼ିଥିଲା ଯେ ଧୋନି ଅଧିନାୟକ ପଦ ଛାଡ଼ି ଦେଇଛନ୍ତି। ୨୦୨୪ ଆଇପିଏଲରେ ଋତୁରାଜଙ୍କ ନେତୃତ୍ୱରେ ଚେନ୍ନାଇ ଲଢ଼େଇ କରିବ।

ସେହିପରି ଆଉ ଏକ ଆଶ୍ଚର୍ଯ୍ୟ କରିବା ଭଳି ଘଟଣା ହେଲା ପଞ୍ଜାବ କିଙ୍ଗ୍‌ସ ପକ୍ଷରୁ ଯୁବ ଖେଳାଳି ଜିତେଶ ଶର୍ମା ଫଟୋ ଶୁଟ୍‌କୁ ଆସିଥିଲେ। ପଞ୍ଜାବ କିଙ୍ଗ୍‌ସର ଅଧିନାୟକ ହେଉଛନ୍ତି ଶିଖର ଧାୱନ। କ'ଣ ଧୋନିଙ୍କ ଭଳି ଧାୱନ ମଧ୍ୟ ଅଧିନାୟକ ପଦ ଛାଡ଼ି ଦେଲେ କି ପ୍ରଶ୍ନ ଉଠିବା ଆରମ୍ଭ ହୋଇଥିଲା। ତେବେ ଏହି ଦ୍ୱନ୍ଦ୍ୱ ଭିତରେ ପଞ୍ଜାବ କିଙ୍ଗ୍‌ସ ସବୁ ପ୍ରଶ୍ନର ଉତ୍ତର ଦେଇଛି। ଫ୍ରାଞ୍ଚାଇଜ ନିଶ୍ଚିତ କରିଛି ଯେ ଧାୱନ ହିଁ ୨୦୨୪ରେ ପଞ୍ଜାବ କିଙ୍ଗସର ନେତୃତ୍ୱ ନେବେ। ଜିତେଶ ଶର୍ମା ତାଙ୍କ ଡେପୁଟି ଭାବେ ଦାୟିତ୍ୱ ସମ୍ପାଦନ କରିବେ। କୌଣସି କାରଣ ବଶତଃ ଧାୱନ ଫଟୋ ଶୁଟ୍‌କୁ ଆସି ପାରି ନଥିଲେ। ତେଣୁ ଜିତେଶ ଉପ ଅଧିନାୟକ ଭାବେ ଅନ୍ୟ ଦଳର କ୍ୟାପ୍ଟେନ୍‌ଙ୍କ ସହ ଫଟୋ ଉଠାଇଛନ୍ତି।

ଗତ ଦୁଇଟି ଯାକ ସିଜିନରେ ଜିତେଶ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ସେ ୫୪୩ ରନ କରିଥିଲେ ହେଁ ତାଙ୍କ ଷ୍ଟ୍ରାଇକ୍ ରେଟ୍ ୧୫୯.୨୪ ରହିଛି। ଗତ ସଂସ୍କରଣରେ ସେ କେବଳ ୩୦୯ ରନ କରିଥିଲେ। ବ୍ୟାଟିଂ ଓ ଦମ୍‌ଦାର କିପିଂ ଯୋଗୁ ତାଙ୍କୁ ଭାରତୀୟ ଟିମ୍‌ରେ ମଧ୍ୟ ସୁଯୋଗ ମିଳିଥିଲା। ଏବେ ୨୦୨୪ରେ ସେ ଆହୁରି ଭଲ ପ୍ରଦର୍ଶନ କରି ଭାରତୀୟ ଟିମ୍‌ରେ ନିଜର ସ୍ଥାନ ପକ୍କା କରିବାକୁ ଚେଷ୍ଟା କରିବେ ବୋଲି ସମସ୍ତେ ଆଶା ରଖିଛନ୍ତି। ଚଳିତ ଆଇପିଏଲରେ ପଞ୍ଜାବ କିଙ୍ଗ୍‌ସ ତା'ର ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଭେଟିବ। ଏହି ମ୍ୟାଚ୍‌ଟି ୨୩ ତାରିଖରେ ଖେଳାଯିବ।

# ଏଲ୍‌ଏଲ୍‌ସିସି କପ୍ : ଦମ୍‌ଦାର ବିଜୟ ସହ ସେମିରେ ସହିଦ ସ୍ପୋର୍ଟିଂ




**ଭୁବନେଶ୍ୱର**

ଲାଇଭ ଲିଜେଣ୍ଡ କ୍ରିକେଟ କ୍ଲବ୍ (ଏଲଏଲସିସି) ପକ୍ଷରୁ ଆୟୋଜିତ ଅଣ୍ଡର-୧୪ ଡ୍ୟୁଜ୍ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମି ଫାଇନାଲରେ ପ୍ରବେଶ କରିଛି ସହିଦ ସ୍ପୋର୍ଟିଂ। ତୃତୀୟ କ୍ୱାର୍ଟର ଫାଇନାଲରେ ଦଳ କଟକର ଜୁଭେନାଇଲ୍ କ୍ରିକେଟ ଏକାଡେମୀକୁ ବେଶ୍ ରୋମାଞ୍ଚକର ଢଙ୍ଗରେ ୨ ୱିକେଟରେ ହରାଇ ଦେଇଛି। ଏଥିସହ ଟୁର୍ଣ୍ଣାମେଣ୍ଟର ତୃତୀୟ ଦଳ ଭାବେ ସେମି ଟିକେଟ ହାତେଇଛି। ଏହାପୂର୍ବରୁ ରାମେଶ୍ୱର ଓ ଟାଉନ କ୍ଲବ୍ ସେମିରେ ପ୍ରବେଶ କରିଥିଲେ।

ପ୍ରଥମ ବ୍ୟାଟିଂ କରି ଜୁଭେନାଇଲ ନିର୍ଦ୍ଧାରିତ ୩୦ ଓଭର୍‌ରେ ୪ ୱିକେଟ ହରାଇ ୧୬୬ ରନ କରିଥିଲା। ଦଳ ପକ୍ଷରୁ ପ୍ରଥମେଶ ୩୩ ଓ ଗତ ମ୍ୟାଚର ହିରୋ ଜେମ୍ସ ଲିମା ୩୪ ରନ କରିଥିଲେ। ପ୍ରୀତିଶ ମିଶ୍ର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ୨୫ ରନର ଇନିଂସ ଖେଳିଥିଲେ। ସହିଦ ସ୍ପୋର୍ଟିଂ ପକ୍ଷରୁ ଋତୁରାଜ ମହାନ୍ତି ସର୍ବାଧିକ ୨ଟି ୱିକେଟ, ରଗିଡ ସାହୁ ଓ ଆୟୁଷ ସ୍ୱାଇଁଙ୍କୁ ଗୋଟିଏ ଲେଖାଏଁ ସଫଳତା ମିଳିଥିଲା।

୧୬୭ ରନର ବିଜୟ ଲକ୍ଷ୍ୟ ପାଇଥିବା ସହିଦ ସ୍ପୋର୍ଟିଂ ଭଲ ଆରମ୍ଭ କରିଥିଲା। ଋତୁରାଜ ମହାନ୍ତି (୪୧) ଓ ସୁପ୍ରତୀକ ମିଶ୍ର (୨୫) ଦମ୍‌ଦାର ବ୍ୟାଟିଂ କରିଥିଲେ। ହେଲେ ମଧ୍ୟକ୍ରମରେ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ। ୯୬ ରନରେ ଦଳ ୬ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା। କିନ୍ତୁ ନୀଲେଶ ଏନ ଦାଶ ସ୍ଥିତି ସମ୍ଭାଳି ସବୁ ଦାୟିତ୍ୱ ନିଜ କାନ୍ଧକୁ ନେଇଥିଲେ। ସେ ଶେଷ ଯାଏ ଅପରାଜିତ ୪୫ ରନର ଇନିଂସ ଖେଳି ଦଳକୁ ୫ ବଲ ପୂର୍ବରୁ ବିଜୟ ଭେଟି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ମହେଶ କୁମାର ପଣ୍ଡା ୧୦ ଓ ବିଶ୍ୱ ପି. ସାମନ୍ତରାୟ ୧୨ ରନ କରିଥିଲେ। ଜୁଭେନାଇଲ ପକ୍ଷରୁ ଆୟୁଷ ଦାସ ୩ଟି, ପ୍ରଥମେଶ ୨ଟି, ଏସ ଶର୍ମା ୨ଟି ଓ ଆୟୁଷ୍ମାନ ପଟ୍ଟନାୟକ ଗୋଟିଏ ୱିକେଟ ନେଇଛନ୍ତି।

ସହିଦ ସ୍ପୋର୍ଟିଂ ପାଇଁ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିବା ନୀଲେଶ ଏନ ଦାଶଙ୍କୁ ବିଏମ୍ ହୋମ୍ସର ନାରାୟଣ ବେହେରା ଓ ଧୀରଜ ଦାସ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଛନ୍ତି।

# ଆଇପିଏଲ-୨୦୨୪ : ସବୁଠୁ କମ୍ ପାରିଶ୍ରମିକ ନେଉଛନ୍ତି ଗୁଜରାଟ୍ ଟାଇଟନ୍ସର ଅଧିନାୟକ

**ନୂଆଦିଲ୍ଲୀ**

ଆଇପିଏଲ ଇତିହାସର ସବୁଠୁ ଦାମୀ ଅଧିନାୟକ ହେଉଛନ୍ତି ସନରାଇଜର୍ସ ହାଇଦ୍ରାବାଦର ପ୍ୟାଟ୍ କମିନ୍ସ। ଟିମ୍ ତାଙ୍କୁ ୨୦.୫୦କୋଟିରେ କିଣିଥିଲା। ତାଙ୍କ ତଳକୁ ଅଛନ୍ତି କେଏଲ ରାହୁଲ। ଲକ୍ଷ୍ନୌ ସୁପର ଜିଆଣ୍ଟସର ଅଧିନାୟକ ରାହୁଲଙ୍କୁ ଟିମ୍ ୧୭କୋଟି ପାରିଶ୍ରମିକ ଦେଉଛି। ଦୁର୍ଘଟଣା ପରେ ବିଶ୍ରାମ କରୁଥିବା ଋଷଭ ପନ୍ତ ଏବେ ପୁଣି ଥରେ ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକତ୍ୱ କରିବେ। ଏଥିପାଇଁ ତାଙ୍କୁ ୧୬ କୋଟି ଟଙ୍କା ମିଳିବ। ସେହିଭଳି ଗୁଜରାଟ ଟାଇଟନ୍ସର ହାତ ଛାଡ଼ି ମୁମ୍ବାଇ ଇଣ୍ଡିଆନ୍ସକୁ ଆସିଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଚଳିତ ଆଇପିଏଲ ପାଇଁ ୧୫କୋଟି ଟଙ୍କା ମିଳିବ। ତାଙ୍କ ପଛକୁ ରହିଛନ୍ତି ରାଜସ୍ଥାନ ରୟାଲ୍ସର ଅଧିନାୟକ ସଞ୍ଜୁ ସାମସନ। ସେ ଆଇପିଏଲ ୨୦୨୪ ପାଇଁ ୧୪ କୋଟି ନେଉଥିବା ଜଣାପଡ଼ିଛି। ଏବେ ଆଇପିଏଲ ୨୦୨୪ ପାଇଁ ପୁଣି ଥରେ କୋଲକାତା ନାଇଟ ରାଇଡର୍ସର ଅଧିନାୟକ ହେବେ ଶ୍ରେୟସ ଅୟର। ତାଙ୍କୁ ଏଥିପାଇଁ ୧୨.୨୫କୋଟି ଟଙ୍କା ମିଳିବ। ଅନ୍ୟପକ୍ଷରେ ହାର୍ଦ୍ଦିକ ପାଣ୍ଡ୍ୟା ଗୁଜରାଟ ଟାଇଟନ୍ସ ଛାଡ଼ିବା ପରେ ଏବେ ଏହାର ଅଧିନାୟକତ୍ୱ କରୁଛନ୍ତି ଶୁଭମନ ଗିଲ୍। ଏଥିପାଇଁ ଦଳ ତାଙ୍କୁ ୮କୋଟି ଟଙ୍କା ଦେଉଛି, ଯାହା ଭାରତୀୟ ଅଧିନାୟକଙ୍କୁ ମିଳୁଥିବା ପାରିଶ୍ରମିକଠାରୁ ସବୁଠୁ କମ୍।

# ଆଇପିଏଲରେ ଲାଗୁ ହେବ ନୂଆ ନିୟମ



**କୋଲକାତା**

ଆଇପିଏଲ-୨୦୨୪ ମାର୍ଚ୍ଚ ଶୁକ୍ରବାର ଠାରୁ ଆରମ୍ଭ ହେବାକୁ ଯାଉଛି। ଆଇପିଏଲର ୧୭ତମ ସିଜିନ୍‌ରେ ପ୍ରଥମ ଥର ପାଇଁ ସ୍ୱତନ୍ତ୍ର ନିୟମ ଲାଗୁ ହେବାକୁ ଯାଉଛି। ଏହି ନିୟମ ବୋଲରଙ୍କୁ ସୁହାଇବ। ଫଳରେ ବୋଲର ଇତିହାସ ରଚିବା ସହିତ ସେମାନଙ୍କର ଭାଗ୍ୟ ଚମକିବ ବୋଲି କୁହାଯାଉଛି। ଏହି ନୂଆ ନିୟମ ବିସିସିଆଇ ପକ୍ଷରୁ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ଲାଗୁ କରାଯାଇଥିଲା। ଏବେ ଏହି ନିୟମ ପ୍ରଥମ ଥର ପାଇଁ ଆଇପିଏଲରେ ଲାଗୁ ହେବାକୁ ଯାଉଛି। ସାଧାରଣତଃ ଟି-୨୦ କ୍ରିକେଟରେ ଜଣେ ବୋଲରଙ୍କୁ ଗୋଟିଏ ଓଭରରେ ଦୁଇଟି ବାଉନ୍ସର ବୋଲିଂ କରିବାକୁ ସ୍ୱୀକୃତି ମିଳିଥାଏ। ତେବେ ଦ୍ୱିତୀୟ ବାଉନ୍ସରକୁ ଅମ୍ପାୟାରଙ୍କ ଦ୍ୱାରା ଏକ୍ସଟ୍ରା ଡେଲିଭରି ଭାବେ ଗଣା ଯାଇ ଏକ ରନ ପ୍ରଦାନ କରାଯାଇଥାଏ। କିନ୍ତୁ ଏକଦିବସୀୟ ଏବଂ ଟେଷ୍ଟ କ୍ରିକେଟରେ ଗୋଟିଏ ଓଭରରେ ବୋଲର ଦୁଇଟି ବାଉନ୍ସର ବୋଲିଂ କରିପାରିବେ। ଏବେ ସେହି ଧାରାରେ ଆଇପିଏଲରେ ମଧ୍ୟ ଗୋଟିଏ ଓଭରରେ ବୋଲର ଦୁଇଟି ବାଉନ୍ସର ପକାଇ ପାରିବେ। ଏହାକୁ ସ୍ୱୀକୃତି ପ୍ରଦାନ କରାଯାଇଛି। ଏହି ନୂଆ ବୋଲିଂ ନିୟମ ଦ୍ୱାରା ବୋଲର ସୁବିଧାରେ ରହିବେ। ସେମାନେ ଗୋଟିଏ ଓଭର ପିଛା ଦୁଇଟି ବାଉନ୍ସର ପକାଇବା ସହିତ ରନ ହାରକୁ ରୋକିବାରେ ସଫଳ ହୋଇ ପାରିବେ। ଏହା ସହିତ ୱିକେଟ ନେବାରେ ମଧ୍ୟ ସଫଳ ହୋଇ ପାରିବେ ବୋଲି କ୍ରିକେଟ ବିଶେଷଜ୍ଞ ମତପୋଷଣ କରିଛନ୍ତି।

# ଏଫ.ଏମ୍. ବିଶ୍ୱବିଦ୍ୟାଳୟରେ 'ବଜ୍ରପାତ ବିଜ୍ଞାନ ଓ ନିରାପତ୍ତା ମାପ' ନେଇ ଅନ୍ତର୍ଜାତୀୟ ସମ୍ମିଳନୀ



**ବାଲେଶ୍ୱର, ନ୍ୟୁଜ୍**

ଫକୀର ମୋହନ ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗ ଦ୍ୱାରା ଆୟୋଜିତ ତଥା ଜଳବାୟୁ ରେସିଲିଏ ପର୍ଯ୍ୟବେକ୍ଷଣ-ସିଷ୍ଟମ ପ୍ରମୋସନ କାଉନସିଲ (ସି.ଆର.ଓ. ପି.ସି) ଏବଂ ଟାଟା ଷ୍ଟିଲ ଫାଉଣ୍ଡେସନ ସହଯୋଗରେ ଏକ ତିନିଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ୨୦ ତାରିଖ ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀର ମୁଖ୍ୟ ପ୍ରସଙ୍ଗ ବଜ୍ରପାତ ବିଜ୍ଞାନ ଏବଂ ନିରାପତ୍ତା ମାପ: ମନିଟରିଂ, ମିଟିଗେସନ ଏବଂ ଦକ୍ଷିଣ ଏସିଆରେ ଶେଷ ମାଇଲ ସଂଯୋଗ (ଏଏଲଏସଏଏସଏମ - ୨୦୨୪) ରଖାଯାଇଛି। ଉଦ୍‌ଘାଟନୀ ସମା-ରୋହରେ ନେପାଳ, ଶ୍ରୀଲଙ୍କା, ବାଂଲାଦେଶ, ବ୍ରାଜିଲ, ଇଣ୍ଡୋନେସିଆ, ମିଆଁମାର ଏବଂ ଭାରତରୁ ପ୍ରାୟ ୩୦୦ରୁ ଅଧିକ ଅଂଶଗ୍ରହଣକାରୀ ଏକତ୍ରିତ ହୋଇଛନ୍ତି। ଏହି ସମ୍ମିଳନୀରେ ବିଜୁଳି-ଘଡ଼ଘଡ଼ି ବିପର୍ଯ୍ୟୟ ବିଷୟରେ ସଚେତନତା ସୃଷ୍ଟି କରିବା, ବଜ୍ରପାତ ଜନିତ ମୃତ୍ୟୁକୁ କମ୍ କରିବା ଏବଂ ବିଭିନ୍ନ ଗୋଷ୍ଠୀର ପାଖରେ ସଚେତନତାର ବାର୍ତ୍ତା ପହଞ୍ଚାଇବା ସହିତ ପରିସ୍ଥିତି ବେଳେ ଉପସ୍ଥିତ ବୁଦ୍ଧି ସହ ସଜାଗ ରହିବାକୁ ଅବଗତ କରାଯାଇଛି।

ସମ୍ମିଳନୀର ଅତିଥି ଏବଂ ପ୍ରସଙ୍ଗଗୁଡ଼ିକ ଭୂଗୋଳ ବିଭାଗର ମୁଖ୍ୟ ଡକ୍ଟର ନିହାର ରଂଜନ ରାଉତ ବୁଝାଇଥିଲେ। ସହ-ସଂଯୋଜକ ପ୍ରଫେସର ଡକ୍ଟର ମନୋରଞ୍ଜନ ମିଶ୍ର ଏହି ସମ୍ମିଳନୀର ପ୍ରମୁଖ ଉଦ୍ଦେଶ୍ୟ ଏବଂ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ସମ୍ମିଳନରେ ଅଧ୍ୟକ୍ଷତା କରି ଅଂଶଗ୍ରହଣକାରୀଙ୍କୁ ସମ୍ବୋଧନ କରି କହିଥିଲେ ଯେ, ବଜ୍ରପାତ ଅଭିଶାପ ବୋଲି ଭାବୁଥିବା ଚିନ୍ତାଧାରାରୁ ବାହାରି ଏହାର ବିଜ୍ଞାନକୁ ବୁଝିବା ଏବଂ ପୁରାଣ ସହ ବିଜ୍ଞାନଭିତ୍ତିକ କାରଣକୁ ଗ୍ରହଣ କରିବାର କ୍ରାନ୍ତିକାରୀ ପରିବର୍ତ୍ତନକୁ ସାମ୍ପ୍ରତିକ ସମୟରେ ଚିହ୍ନଟ କରାଯାଇଛି। ଏହାର ସଚେତନତା ପ୍ରଭାବକୁ ଅଧିକାଂଶ ଗୋଷ୍ଠୀମାନଙ୍କ ପାଖରେ ପହଞ୍ଚାଇବାର ଉଦ୍ୟମ କରାଯିବାକୁ ସେ ମତପୋଷଣ କରିଥିଲେ। ଏଥିସହ ଉଦ୍‌ଘାଟନୀ ଅଧିବେଶନରେ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଦକ୍ଷିଣ ଏସୀୟ ଦେଶର ସମ୍ମିଳନୀ ସ୍ମରଣିକା ଏବଂ ବଜ୍ରପାତ ଆଟଲାସ୍ ନାମକ ଦୁଇଟି ପୁସ୍ତକ ଉନ୍ମୋଚନ କରିଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ, ବଜ୍ରପାତ ବିଜ୍ଞାନ ସମ୍ପର୍କିତ ଧାରଣା ଦେବାସହ ଏଥିସହ ଜଡ଼ିତ ବିପଦରୁ ସୁରକ୍ଷା ନେବା ବିଷୟରେ ଅବଗତ କରିଥିଲେ। ସି.ଆର.ଓ.ପି.ସି ର ଚେୟାରମ୍ୟାନ କର୍ଣ୍ଣଲ ସଞ୍ଜୟ ଶ୍ରୀବାସ୍ତବ ବଜ୍ରପାତ ବିଜ୍ଞାନ ଠାରୁ ନାଗରିକ ବିଜ୍ଞାନ ସହ ସଂଯୋଗ ଉପରେ ବିସ୍ତର ବିମର୍ଶ କରିଛନ୍ତି ଏବଂ ବଜ୍ରପାତ ବିପକ୍ଷରେ ସୁରକ୍ଷା ବ୍ୟବସ୍ଥାକୁ ନିଜ ଉଦ୍‌ବୋଧନରେ ସୂଚିତ କରିଛନ୍ତି। ଡକ୍ଟର କେ.ଜେ. ରମେଶ (ପୂର୍ବତନ ଡିଜି, ଆଇଏମଡି, ନୂଆଦିଲ୍ଲୀ) ଏହି ଅଧିବେଶନର ମୁଖ୍ୟ ବକ୍ତାଭାବେ ଯୋଗଦେଇ ବଜ୍ରପାତ ବିଜ୍ଞାନ ଉପରେ ନିଜର ଅଭିଜ୍ଞତା ଓ ପର୍ଯ୍ୟବେକ୍ଷଣ ବାଣ୍ଟିଥିଲେ। ଦେଶର ବହୁ ପ୍ରଭାବିତ ଅଞ୍ଚଳରେ ବଜ୍ରପାତର ପ୍ରଭାବ ହ୍ରାସ କରିବାରେ ବହୁ ବିଶିଷ୍ଟ ବୈଜ୍ଞାନିକ ତଥା ଅନୁସନ୍ଧାନକାରୀଙ୍କ ଅବଦାନକୁ ସେ ପ୍ରଶଂସା କରିଥିଲେ। ଏହି ଅବସରରେ ନେପାଳର ଥ୍ରିଭୁବାନ ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ରୀରାମ ଶର୍ମା, କିପରି ବ୍ୟକ୍ତିଗତ ସ୍ତରରେ ମଧ୍ୟ ବଜ୍ରପାତ ବିଜ୍ଞାନକୁ ସମାଜ ତଥା ଲୋକଲୋଚନକୁ ଆଣିବାରେ ସକ୍ଷମ ହେଇପାରିବା ସେ ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ । ଫକୀର ମୋହନ ବିଶ୍ୱବିଦ୍ୟାଳୟ ଏବଂ ସଲନେଟ ମଧ୍ୟରେ ସହଯୋଗ ପାଇଁ ସେ ଏକ ପ୍ରସ୍ତାବ ମଧ୍ୟ ପ୍ରଦାନ କରିଛନ୍ତି ଟାଟା ଫାଉଣ୍ଡେସନ, ଓଡ଼ିଶା ସିଏସଆର ହେଡ୍, ଅମ୍ବିକା ପ୍ରସାଦ ନନ୍ଦ ତାଙ୍କ ଅଭିଜ୍ଞତାକୁ ନିଜ ଅଭିଭାଷଣରେ ଉଲ୍ଲେଖ କରିଥିଲେ ଏବଂ ସାଇକ୍ଲୋନ, ବଜ୍ରପାତ ଏବଂ ସାପ କାମୁଡ଼ିବା ଭଳି କୌଣସି ପ୍ରକାର ବିପର୍ଯ୍ୟୟରୁ ନିଜକୁ ରକ୍ଷା କରିବା ପାଇଁ ବ୍ୟକ୍ତିବିଶେଷ ଓ ଗୋଷ୍ଠୀଗୁଡ଼ିକ ସଚେତନ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ତଥା ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ବଜ୍ରପାତ ବିଜ୍ଞାନ ଉପରେ ଧାରଣା, ଏହାର କାରଣ ଏବଂ ଏହାଠାରୁ ସୁରକ୍ଷିତ ରହିବାର ସଚେତନତା ଜ୍ଞାନ ଆହରଣ ପ୍ରତି ପଦକ୍ଷେପ ନେବା ଉଚିତ ବୋଲି ଉଲ୍ଲେଖ କରିଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ତ୍ରିପାଠୀ ବଜ୍ରପାତ ବିଜ୍ଞାନରେ ଅବଦାନ ପାଇଁ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଅତିଥିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସମ୍ମିଳନୀର ଆୟୋଜକ ସଂପାଦକ ଡ଼କ୍ଟର ରବି ନାରାୟଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ସମାରୋହକୁ ଭୂଗୋଳ ବିଭାଗର ସହକାରୀ ପ୍ରଫେସର ଡକ୍ଟର ସସ୍ମିତା ରାଉତ ସଂଯୋଜନା କରିଥିଲେ।

# ମୋରମ୍ ଓ ମେଟାଲ୍‌ରେ ମରାମତି ହେଉଛି ପୂର୍ତ୍ତ ବିଭାଗ ରାସ୍ତା



**ଧର୍ମଗଡ଼, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କୁହୁରା ତିନି ଛକ ଠାରୁ ଚାନ୍ଦୋତରା ଯାଉଥିବା ରାସ୍ତା ମୋରମ ଓ ମେଟାଲ ଦ୍ୱାରା ମରାମତି କରାଯାଉଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଖଡ଼ିଆଳଠୁ ଭବାନୀପାଟଣା ମୁଖ୍ୟ ରାସ୍ତାରେ ସଂଯୋଗ ହେଉଛି। ରାସ୍ତାଟି ପୂର୍ବରୁ ଗ୍ରାମ୍ୟ ନିର୍ମାଣ ବିଭାଗ ଜରିଆରେ ଥିଲା। ବର୍ତ୍ତମାନ ପୂର୍ତ୍ତବିଭାଗ ହାତରେ ଅଛି। ପୂର୍ତ୍ତବିଭାଗ ରାସ୍ତା ଗୁଡିକ ମରାମତି କାମରେ ପିଚୁ ବ୍ୟବହୃତ ହୋଇଥିବା ବେଳେ ଏଠାରେ ମୋରମ ଓ ମେଟାଲ ଦ୍ୱାରା ଛୋଟ ଛୋଟ ଖାଲଗୁଡ଼ିକ ପେଚିଂ କରୁଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ବିଶ୍ୱନାଥ ମାଝୀ ଓ ସହକାରୀ ଯନ୍ତ୍ରୀ ଭୁବନେଶ୍ୱର ଶବରଙ୍କୁ ଫୋନ ଯୋଗେ ଯୋଗଯୋଗ ପରେ ରାସ୍ତା ଆମର। କାମ ଆମ ବିଭାଗର ନୁହେଁ ବୋଲି ପ୍ରକାଶ କରିଛନ୍ତି । ଏହି କାମଟି ବିନା ସୂଚନାଫଳକରେ ଚାଲିଛି। ତେବେ ଏହି କାମଟି କେଉଁ ବିଭାଗର ପାଣ୍ଠିରୁ ହେଉଛି ତଦନ୍ତ ସାପେକ୍ଷ ଅଟେ । ପିଚୁ ରାସ୍ତାରେ ମୋରମ ବିଛାଇ ନିମ୍ନ ମାନର କାମ କରି ସମସ୍ତ ଟଙ୍କା ହରିଲୁଟ୍ କରୁଥିବା ଲୋକେ କହୁଛନ୍ତି । ଜିଲ୍ଲା ପ୍ରଶାସନ ଏହି ନିମ୍ନମାନ କାମ ଉପରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।





ଭୁବନେଶ୍ୱର : ଫରେଷ୍ଟପାର୍କ ମର୍ଣ୍ଣିଂୱାକର୍ସ ଆସୋସିଏସନ ପକ୍ଷରୁ ପ୍ରକାଶିତ ବାର୍ଷିକ ପତ୍ରିକା 'ସବୁଜ ସକାଳ'କୁ ଉନ୍ମୋଚନ କରୁଛନ୍ତି ବରିଷ୍ଠ ପ୍ରଶାସନିକ ଅଧିକାରୀ ବିଷ୍ଣୁପଦ ସେଠୀ ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

# ବିଜେଡିର ଚାଲିଛି ସଂସଦୀୟ କ୍ଷେତ୍ର ସମୀକ୍ଷା : ବ୍ରହ୍ମପୁର ଓ ଆସିକା ସମୀକ୍ଷା ଶେଷ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନବୀନ ନିବାସରେ ଗୁରୁବାର ପ୍ରଥମେ ବ୍ରହ୍ମପୁର ଓ ଆସ୍କା ଲୋକସଭା କ୍ଷେତ୍ରର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ତଥା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ। ବ୍ରହ୍ମପୁର ଲୋକସଭା କ୍ଷେତ୍ର ନେଇ ବିଜେଡିର ସମୀକ୍ଷା ଶେଷ ହେବାପରେ ଗଜପତି ଜିଲ୍ଲା ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀ ନାୟକ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ବ୍ରହ୍ମପୁର ଲୋକସଭା କ୍ଷେତ୍ର ଅଧିନରେ ଥିବା ସମସ୍ତ ବିଧାନସଭା ଆସନ ନେଇ ଆଲୋଚନା ହୋଇଛି। ସବୁ ନିର୍ବାଚନମଣ୍ଡଳୀରେ କିଭଳି ବିଜୟ ହେବ ସେନେଇ ଆଲୋଚନା କରାଯାଇଛି। ସବୁ ଆସନରେ ୨୦୨୪ ନିର୍ବାଚନ ଜିତିବା ପାଇଁ ମିଳିମିଶି କାମ କରିବାକୁ ପରାମର୍ଶ ଦିଆଯାଇଛି।

ସେହିପରି ଆସିକା ଲୋକସଭା କ୍ଷେତ୍ର ସମୀକ୍ଷା ଶେଷ ହେବାପରେ ପ୍ରତିକ୍ରିୟା ରଖିଛନ୍ତି କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ। ବୈଠକରେ ସାଂଗଠନିକ ସ୍ଥିତି ନେଇ ଆଲୋଚନା ହୋଇଛି। ଲୋକସଭା ଓ ସମସ୍ତ ବିଧାନସଭାରେ କିଭଳି ଭାବେ ସଂଗଠନ ସୁଦୃଢ ହେବ, ସେ ଦିଗରେ ବି ଆଲୋଚନା କରାଯାଇଛି ବୋଲି କହିଛନ୍ତି ଲତିକା ପ୍ରଧାନ।

ଏହି ଅବସରରେ ବୈଠକରେ ଉପସ୍ଥିତ ଥିଲେ ବ୍ରହ୍ମପୁର ସାଂସଦଙ୍କ ସହ ଲୋକସଭା କ୍ଷେତ୍ରରେ ଆସୁଥିବା ସମସ୍ତ ବିଧାନସଭା ଆସନର ବିଧାୟକ, ବରିଷ୍ଠ ନେତା ଓ ପର୍ଯ୍ୟବେକ୍ଷକ। ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ, ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ, ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ପର୍ଯ୍ୟବେକ୍ଷକ ମାନସ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ଏମାନଙ୍କ ସହ ଗଞ୍ଜାମ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରଦୀପ ଅମାତ, ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ସାଂସଦ ସସ୍ମିତ ପାତ୍ର, ଛତ୍ରପୁର ବିଧାୟକ ସୁବାସ ବେହେରା, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଚିକିଟି ବିଧାୟିକା ଉଷା ଦେବୀ, ଆସ୍କା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଖଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ସୋରଡ଼ା ବିଧାୟକ ପୂର୍ଣ୍ଣ ସ୍ୱାଇଁ, ବିଜେଡି ଗଞ୍ଜାମ ଜିଲ୍ଲା ସଭାପତି ରମେଶ ଚ୍ୟାଉପଟ୍ଟନାୟକ, ବିଜେଡି ନେତା ସୁବାସ ମହାରଣା, ବିପ୍ଳବ ପାତ୍ର, ନାରାୟଣ ଜେନା, ପୂର୍ବତନ ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ ଉପସ୍ଥିତ ଥିଲେ। ତେବେ ୪ଟି ଲୋକସଭା କ୍ଷେତ୍ରର ସମୀକ୍ଷା କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ସକାଳେ ବ୍ରହ୍ମପୁର ଓ ଆସିକା ଲୋକସଭା ଆସନ ସମୀକ୍ଷା ପରେ ଅପରାହ୍ଣରେ ଭୁବନେଶ୍ୱର ଓ କନ୍ଧମାଳ ଲୋକସଭା କ୍ଷେତ୍ରର ସମୀକ୍ଷା କରିବେ ସୁପ୍ରିମୋ ନବୀନ ପଟ୍ଟନାୟକ।

# ହୋଟେଲ୍‌ରୁ ବିପୁଳ ପରିମାଣର ମଦ, ନଗଦ ଟଙ୍କା ଓ ଗାଡ଼ି ଜବତ : ୧୦ ଗିରଫ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଶ୍ୱସ୍ତ ସୂଚନା ଆଧାରରେ ବାଲେଶ୍ୱର ଜିଲ୍ଲା ଅବକାରୀ ଅଧିକାରୀମାନେ ବାଲେଶ୍ୱର ଜିଲ୍ଲା ବସ୍ତା ସ୍ଥିତ ଏକ ହୋଟେଲରେ ଅଚାନକ ଚଢ଼ଉ କରି ହୋଟେଲ ଭିତରେ ଥିବା ୧୫୦୦ ଲିଟର ବେଆଇନ ମଦ ଓ ନଗଦ ୮,୦୦,୦୦୦ ଟଙ୍କା ଜବତ କରିଛନ୍ତି। ଏହି ଘଟଣାରେ ବିଭିନ୍ନ ଗ୍ରାମକୁ ବେଆଇନ ମଦ ପରିବହନ ପାଇଁ ବ୍ୟବହୃତ ହେଉଥିବା ୫ଟି ମୋଟରସାଇକେଲ ଓ ୩ଟି ସ୍କୁଟିକୁ ମଧ୍ୟ ଜବତ କରାଯାଇଛି। ଜବତ ସାମଗ୍ରୀର ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ। ବେଆଇନ ମଦ କାରବାରରେ ସମ୍ପୃକ୍ତ ରାକେଶ ବେହେରା, ନିତାଇ ଦାସ, ରାଜେଶ ରଞ୍ଜନ ଜେନା, ଧୀରେନ୍ଦ୍ର ବେହେରା, ଅନିଲ ଦାସ, ପ୍ରତାପ ଚନ୍ଦ୍ର ନାୟକ, କାର୍ତ୍ତିକ ରାଉତ, ନବକାନ୍ତ ବେହେରା, ବୁଦ୍ଧିରାମ ଟୁଡୁ ଓ ଲକ୍ଷ୍ମଣ ମୁର୍ମୁ ନାମକ ୧୦ ଜଣଙ୍କୁ ଗିରଫ କରାଯାଇଛି। ସାମ୍ପ୍ରତିକ ସମୟରେ ଏହି ଚଢ଼ଉ ସବୁଠାରୁ ସଫଳ ଚଢ଼ାଉ ବୋଲି ବିବେଚନା କରାଯାଏ। ଏହି ଚଢ଼ାଉ ଟିମର ନେତୃତ୍ୱ ନେଉଥିଲେ ନବନିଯୁକ୍ତ ଅବକାରୀ ଉପଅଧୀକ୍ଷକ ସି.ଏଚ୍ ତିରୁପତି। ଏହି ଚଢ଼ାଉରେ ଅବକାରୀ, ମୋବାଇଲ ୟୁନିଟ୍‌ର ଇନ୍‌ସପେକ୍ଟର ସଞ୍ଜିତ ବାର୍ଲା, ସଦର ଅବକାରୀ ନିରୀକ୍ଷକ ଦୀପ୍ତିମୟୀ ସାହୁ ଓ ଅନ୍ୟ ଅବକାରୀ କର୍ମଚାରୀମାନେ ସାମିଲ ହୋଇଥିଲେ।

ବାଲେଶ୍ୱର ଜିଲ୍ଲା ମୋବାଇଲ ୟୁନିଟ୍‌ର ପିଆର ନଂ ୪୧୭/୨୦୨୩-୨୪ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ହୋଟେଲ ଚଳାଉଥିବା ମୁଖ୍ୟ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଟିମ୍ ସେମାନଙ୍କୁ ଗିରଫ କରିବାକୁ ଉଦ୍ୟମ ଚଳାଇଛି। ଏହି ସଂଗଠିତ ବେଆଇନ ମଦ କାରବାର ଓ ବିତରଣରେ ଆହୁରି ଅନେକ ବ୍ୟକ୍ତି ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଏହି ବେଆଇନ ମଦ କାରବାରରେ କୌଣସି ଲାଇସେନ୍‌ଧାରୀ ସମ୍ପୃକ୍ତ ଅଛନ୍ତି କି ନାହିଁ ତାହା ମଧ୍ୟ ଅନୁସନ୍ଧାନ କରାଯାଉଛି। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟରେ ଅବକାରୀ ଚଢ଼ଉକୁ ଜୋରଦାର କରାଯାଇଛି ଏବଂ ରାଜ୍ୟରେ ବେଆଇନ ମଦ ମାଫିଆଙ୍କ ନେଟୱାର୍କକୁ ପର୍ଦ୍ଦାଫାସ କରିବା ପାଇଁ ଚଢ଼ଉ ଜାରି ରହିବ ବୋଲି ଅବକାରୀ କମିଶନର ନରସିଂହ ଭୋଳ କହିଛନ୍ତି। ବେଆଇନ ମଦ କାରବାରରେ ଲାଇସେନ୍‌ଧାରୀଙ୍କ ସମ୍ପୃକ୍ତି ଜଣାପଡିବାପରେ ଖୋର୍ଦ୍ଧାର ଗୋଟିଏ ଲାଇସେନ୍‌ପ୍ରାପ୍ତ ବାର୍ ଆଣ୍ଡ ରେଷ୍ଟୁରାଣ୍ଟ, ଗୋଟିଏ ଓଏସ୍ (ମହୁଆ ମଦ) ଦୋକାନ, ଦୁଇଟି ଦେଶୀ ମଦ ଦୋକାନକୁ ସିଲ୍ କରାଯାଇଛି। ଆଗାମୀ ଦିନରେ ମଦ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଜାରି ରହିବ।

# ଓଡ଼ିଶା ବିଧାନସଭାରେ ଜାତୀୟ ଇ-ବିଧାନ ଆପ୍ଲିକେସନ୍ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ବିଧାନ ସଭାରେ ଜାତୀୟ ଇ-ବିଧାନ ଆପ୍ଲିକେସନ୍ (ନେଭା)ର ଅଗ୍ରଗତି ଏବଂ କାର୍ଯ୍ୟକାରିତାର ସ୍ଥିତି ସମୀକ୍ଷା କରିବାକୁ ଶ୍ରୀ ରାଜୀବ ରାଠୀ, ଉପ ମହାନିର୍ଦ୍ଦେଶକ ତଥା ରାଜ୍ୟ ସଂଯୋଜକ, ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର, ନୂଆଦିଲ୍ଲୀଙ୍କ ଦିନିକିଆ ଗସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି। ଶ୍ରୀ ରାଠି ବିଧାନ ସଭାରେ ପହଞ୍ଚିବା ପରେ ଓଡ଼ିଶା ବିଧାନସଭାର ସଚିବ ଶ୍ରୀ ଦାଶରଥୀ ଶତପଥୀ (ଭା. ପ୍ର.ସେ) ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଶ୍ରୀ ରାଠୀ ଓଡ଼ିଶା ବିଧାନସଭାର ଡିଜିଟାଲ ହାଉସ, ନେଭା ସେଲ ଏବଂ ନେଭା ସେବା କେନ୍ଦ୍ର ପରିଦର୍ଶନ କରିଥିଲେ ଓ କାର୍ଯ୍ୟର ଅଗ୍ରଗତି ବୁଲି ଦେଖି ଥିଲେ। ଏତେ କମ୍ ଦିନ ମଧ୍ୟରେ ସଭା ଗୃହରେ ଆଇ-ପଡ୍ ସ୍ଥାପନ ଓ ନେଟୱାର୍କିଂ କାମ ସାରି ଥିବା ଦେଖି ଶ୍ରୀ ରାଠୀ ଅତ୍ୟନ୍ତ ଖୁସି ପ୍ରକାଶ କଲେ



ଏବଂ ଏବେ ଗୃହ କାର୍ଯ୍ୟ ବନ୍ଦ ଥିବାରୁ ସମସ୍ତ ପରୀକ୍ଷଣ କାମ ଏହି ସମୟ ଅବଧି ମଧ୍ୟରେ ସାରିବାକୁ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ନେଭା ସେବା କେନ୍ଦ୍ର ଠାରେ ପ୍ରକଳ୍ପର ସ୍ଥିତି ଓ ଅଗ୍ରଗତି ସମୀକ୍ଷା ବୈଠକ ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡ଼. ଅଶୋକ କୁମାର ହୋତା, ଡିଡିଜି ତଥା ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ, ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଓଡ଼ିଶା, ଶ୍ରୀ ସତୀଶ କୁମାର ମେଶ୍ରା, ଯୁଗ୍ମ ସଚିବ, ଓଡ଼ିଶା ବିଧାନସଭା, ଶ୍ରୀ ଶିବ ପ୍ରସାଦ ଦାଶ, ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ, ଶ୍ରୀ ଅଶୋକ ରାଉତ, ଯୁଗ୍ମ ନିର୍ଦ୍ଦେଶକ (ଆଇଟି), ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର ଏବଂ ନେଭା ପ୍ରକଳ୍ପର ବୈଷୟିକ ମାନବ ସମ୍ବଳ ତଥା ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମୀକ୍ଷା ବୈଠକରେ ଶ୍ରୀ ଅଶୋକ ରାଉତ୍, ଯୁଗ୍ମ ନିର୍ଦ୍ଦେଶକ (ଆଇଟି) ପାୱାର ପଏଣ୍ଟ ଉପସ୍ଥାପନା ମାଧ୍ୟମରେ ଓଡ଼ିଶା ବିଧାନସଭାରେ ନେସନାଲ ଇ-ବିଧାନ ଆପ୍ଲିକେସନର ସ୍ଥିତି, ଅଗ୍ରଗତି ଓ କାର୍ଯ୍ୟ କାରିତା ସମ୍ପର୍କରେ ଏକ ସଂକ୍ଷିପ୍ତ ଉପସ୍ଥାପନା ଦେଇଥିଲେ। ପରିଶେଷରେ ଶ୍ରୀ ରାଠୀ ଓଡ଼ିଶା ବିଧାନସଭାର ସଫଳତା ପାଇଁ ଗଭୀର ସନ୍ତୋଷ ବ୍ୟକ୍ତ କରିଥିଲେ।

## ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ-୨୦୨୪ ପାଳିତ

# 'ପ୍ରଗତି ଓ ପ୍ରକୃତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ' : ଅତିରିକ୍ତ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରକୃତି ଯେତିକି ସମ୍ପଦ ଓଡ଼ିଶାକୁ ଦେଇଛି ସେତିକି ସମ୍ପଦ ଦେଶର ଅନ୍ୟ କୌଣସି ରାଜ୍ୟକୁ ପ୍ରଦାନ କରିନାହିଁ। ତେଣୁ ଓଡ଼ିଶାରେ ଜନ୍ମନେଇ ଆମେମାନେ ଭାଗ୍ୟବାନ। ପ୍ରକୃତି ଓ ପରିବେଶର ସୁରକ୍ଷା ଓ ସମୃଦ୍ଧି ପାଇଁ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୃଷ୍ଟି ଓ ସୁରକ୍ଷା ଅପରିହାର୍ଯ୍ୟ। ଆମେ ଯଦି ଏଗୁଡ଼ିକର ସୁରକ୍ଷା କରିବା ନାହିଁ ତା'ହେଲେ ଭବିଷ୍ୟତ ପିଢ଼ି ଆମକୁ କ୍ଷମା ଦେବେ ନାହିଁ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ଉଲ୍ଲେଖ କରିଛନ୍ତି। ଆଜି ସ୍ଥାନୀୟ ଜୟଦେବ ଭବନଠାରେ ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ରୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ପ୍ରଗତି ଓ ପ୍ରକୃତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱର୍। ଉଭୟଙ୍କ ମଧ୍ୟରେ ସଠିକ୍ ସନ୍ତୁଳନ ରକ୍ଷା କରି ଆମକୁ ଆଗକୁ ଅଗ୍ରସର ହେବାକୁ ପଡ଼ିବ। ଏହି ଗୁରୁଦାୟିତ୍ୱକୁ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ବୈଷୟିକ ଜ୍ଞାନକୌଶଳର ବ୍ୟବହାରପୂର୍ବକ ସଠିକ୍ ଭାବେ ନିର୍ବାହ କରିବା ଉଚିତ। ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ବିବରଣୀ-୨୦୨୧ ଆକଳନ ଅନୁଯାୟୀ ଗତ ଦୁଇ ମୂଲ୍ୟାଙ୍କନ ବର୍ଷରେ ଅର୍ଥାତ୍ ୨୦୧୯ରୁ ୨୦୨୧ ପର୍ଯ୍ୟନ୍ତ ଉଭୟ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ ଏବଂ ବୃକ୍ଷ ଆଚ୍ଛାଦିତ ଅଞ୍ଚଳରେ ୮୯୩ ବର୍ଗ କିଲୋମିଟର ଅଭିବୃଦ୍ଧି ଘଟିଛି। ଜଙ୍ଗଲ ଅଭିବୃଦ୍ଧି ଦ୍ୱାରା ବର୍ଷା ଅଧିକ ହେବା ସହ ଭୂପୃଷ୍ଠ ପାନୀୟ ଜଳ ଓ ପ୍ରଦୂଷଣ ସମସ୍ୟା ହ୍ରାସ ପାଇଥାଏ। ତେଣୁ ଆମକୁ ବୃକ୍ଷରୋପଣକୁ ଆହୁରି ବ୍ୟାପକ କରିବାକୁ ପଡ଼ିବ। ଏଥି ପାଇଁ ସମସ୍ତଙ୍କର ସହଯୋଗ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ କାମନା କରିଛନ୍ତି। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନ ବାହିନୀ ମୁଖ୍ୟ ଶ୍ରୀ ଦେବୀଦତ୍ତ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚଳିତ ବିଶ୍ୱ ବନ ଦିବସ ପାଳନର ବିଷୟବସ୍ତୁ 'ଜଙ୍ଗଲ ଓ ଅଭିନବୀକରଣ' ଉପରେ ଆଲୋକପାତ କରିଥିଲେ। ଜଙ୍ଗଲକୁ ପଲିଥିନ୍‌ମୁକ୍ତ କରିବା ପାଇଁ ବିଭାଗ ଅନେକ ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି। ଆଗାମୀ ଦିନରେ ଏହାକୁ ଅଧିକ ବ୍ୟାପକ କରାଯିବ। ଅଭିନବୀକରଣ ଅଧିନରେ ଡ୍ରୋନ୍ ମାଧ୍ୟମରେ ହାତୀଙ୍କ ଗଣନା, ନନ୍ଦନକାନନକୁ ବିଶ୍ୱସ୍ତରୀୟ ପ୍ରାଣୀ ଉଦ୍ୟାନରେ ରୂପାନ୍ତରୀକରଣ ଆଦି ଅନେକ ପଦକ୍ଷେପ ବିଭାଗ ଗ୍ରହଣ କରିଛି ବୋଲି ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଶ୍ରୀ ସୁଶାନ୍ତ ନନ୍ଦ ଅନ୍ୟତମ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ପ୍ରାକୃତିକ ସନ୍ତୁଳନ ବଜାୟ ରଖିବା ପାଇଁ ବନ୍ୟପ୍ରାଣୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଆଗାମୀ ଦିନରେ ରାଜ୍ୟରେ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗକୁ ଆହୁରି ବ୍ୟାପକ କରାଯିବ। ତା'ସହ ଜଙ୍ଗଲ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ସମୃଦ୍ଧି ପାଇଁ ସେ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି। ଏହି ଅବସରରେ ଉଲ୍ଲେଖନୀୟ ସେବା ପାଇଁ ଫରେଷ୍ଟ ଗାର୍ଡ, ଫରେଷ୍ଟର ଏବଂ ଫରେଷ୍ଟ ରେଞ୍ଜର ପଦବୀର ୪୦ ଜଣ ବନ କ୍ଷେତ୍ର କର୍ମଚାରୀ/ଅଧିକାରୀଙ୍କୁ ବିଶ୍ୱ ବନ ଦିବସ ପୁରସ୍କାର-୨୦୨୪ ପ୍ରଦାନ କରାଯାଇଥିଲା। ତା'ସହ ବିଭାଗର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମକୁ ସଂକଳନ କରି 'ଓଡ଼ିଶା ବନ ବିଭାଗ-୨୦୨୪ର ହାଇଲାଇଟ୍' ଶୀର୍ଷକ ପୁସ୍ତକ ଉନ୍ମୋଚିତ ହୋଇଥିଲା। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ସୁରକ୍ଷା ଓ ଚିରସ୍ଥାୟୀ ପରିଚାଳନା) ଶ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଧନ୍ୟବାଦ ପ୍ରଦାନ ଅବସରରେ କହିଲେ ଯେ ଜଙ୍ଗଲ ଆଉ ସ୍ଥାନୀୟ ସମ୍ବଳ ହୋଇ ରହିନାହିଁ। ବର୍ତ୍ତମାନ ଏହା ବିଶ୍ୱର ସମ୍ବଳ ଭାବରେ ପରିଗଣିତ ହେଉଛି। ପ୍ରକୃତି ରହିଲେ ଆମେ ରହିବା ବୋଲି ସେ ପ୍ରକାଶ କରିଛନ୍ତି। ଅଧ୍ୟାପକ ଶ୍ରୀ ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭାଗ ପକ୍ଷରୁ ଜୟଦେବ ଭବନଠାରେ ଓଡ଼ିଶାର ବନ୍ୟଜନ୍ତୁ, ନନ୍ଦନକାନନ, ଇକୋ-ଟୁରିଜିମ୍, ଔଷଧୀୟ ବୃକ୍ଷ, ବିଭାଗୀୟ କାର୍ଯ୍ୟକ୍ରମ ଉପରେ ପର୍ଯ୍ୟବେଶିତ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଛି।

# ପାହାଡ ଚଢ଼ି ପାରୁନି ବିକାଶ: ସିନ୍ଧିଗୁଡ଼ାରେ ଉତ୍କଟ ଜଳ ସମସ୍ୟା

**ମାଲକାନଗିରି, ନ୍ୟୁଜ ବ୍ୟୁରୋ**

ମାଲକାନଗିରି ଜିଲ୍ଲାର ବଣ୍ଡାଘାଟିରେ ଆଜି ବି ସରକାରଙ୍କର ମୌଳିକ ସୁବିଧା ପହଞ୍ଚି ପାରି ନାହିଁ। ଏହି ବଣ୍ଡାଘାଟିରେ ଆଦିମ ଜନଜାତି ବଣ୍ଡା ସଂପ୍ରଦାର ଲୋକେ ବସବାସ କରୁଛନ୍ତି। ଏମାନଙ୍କର ଉନ୍ନତି ଏବଂ ବିକାଶ ପାଇଁ ରାଜ୍ୟ ସରକାର କୋଟି କୋଟି ଟଂକା ଖର୍ଚ୍ଚ କରିଚାଲିଛନ୍ତି। ଏପରିକି ଏମାନଙ୍କର ଆର୍ଥିକ ସ୍ଥିତି ସୁଦୃଢ କରିବା ପାଇଁ ବଣ୍ଡା ଉନ୍ନୟନ ସଂସ୍ଥା ମଧ୍ୟ ସରକାର ଖୋଲିଛନ୍ତି। କିନ୍ତୁ ବଣ୍ଡାଘାଟିର ବିକାଶର ଚିତ୍ର ଆଜି ପର୍ଯ୍ୟନ୍ତ ବଦଳିଲା ନାହିଁ, ଯାହାର ସଦ୍ୟତମ ଉଦାହରଣ ହେଉଛି ଏହି ଘାଟିରେ ରହିଥିବା ଦୁଇଟି ପଞ୍ଚାୟତ ମଧ୍ୟରୁ ଅଣ୍ଡ୍ରାହାଲ ପଞ୍ଚାୟତର ସିନ୍ଧିଗୁଡା ଗ୍ରାମ। ପାହାଡ ଉପରେ ରହିଥିବା ସିନ୍ଧିଗୁଡା ଗ୍ରାମରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି।

ସମସ୍ତେ ବଣ୍ଡା ସଂପ୍ରଦାୟର ଲୋକେ। ପାହାଡ ଉପରେ ଚାଷବାସ କରିବା ସହ ଜଂଗଲ ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ। ଜଂଗଲଜାତ ଦ୍ରବ୍ୟ ସଂଗ୍ରହ କରି ନିକଟସ୍ଥ ହାଟମାନଙ୍କରେ ସେଗୁଡିକ ବିକ୍ରି କରି ନିଜର ଦୈନନ୍ଦିନ ସାମଗ୍ରୀ ଘରକୁ ନିଅନ୍ତି। ଆଜି ଲୋକେ ସରକାରଙ୍କ ସମସ୍ତ ସୁବିଧା ପାଇ ପାରୁନାହାନ୍ତି। ସବୁଠାରୁ ବଡ ଦୁଃଖ ହେଲା ଏହି ଗ୍ରାମରେ ରହିଥିବା ଜଳ ସଂକଟ। ଗ୍ରାମର ମହିଳାମାନେ ପାହାଡ ଉପରେ ପ୍ରାୟ ଦୁଇ କିଲୋମିଟର ପାଦରେ ଚାଲି ଚାଲି ଚୁଆରୁ ପାଣି ସଂଗ୍ରହ କରି ନିଜର ଗୁଜରାଣ ମେଣ୍ଟାଉଛନ୍ତି। ପ୍ରଶାସନ ସବୁ ଜାଣି ଅଜଣା ପାଲଟିଛି। ଗ୍ରାମବାସୀ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଉନ୍ନୟନ ସଂସ୍ଥା ପର୍ଯ୍ୟନ୍ତ ପାଣି ପାଇଁ ଗୁହାରି କରି ଥକିଗଲେ। ଶେଷରେ ଚୁଆ ପାଣି ଉପରେ ନିର୍ଭର କରି ଚଳୁଛନ୍ତି।

ବର୍ଷାଦିନ ହେଲେ ପାଣି ମିଳିବା କଷ୍ଟସାଧ ବୋଲି ବଣ୍ଡା ମହିଳାମାନେ କହନ୍ତି। କେବଳ ପାଣି ହିଁ ପହଞ୍ଚି ନାହିଁ। ଏହାବ୍ୟତୀତ ରାସ୍ତା ନାହିଁ, ସ୍କୁଲ ନାହିଁ। ଅଙ୍ଗନବାଡି ନାହିଁ। ଲୋକେ



ଅତି ଦୟନୀୟ ଭାବେ ବଞ୍ଚି ରହିଛନ୍ତି। ସରକାର ଏମାନଙ୍କ ପାଇଁ ଏତେ ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ ଏହି ଟଂକା କୁଆଡେ ଯାଉଛି ତାହାର ତଦନ୍ତ କରୁନାହାନ୍ତି। ଜୀବନଜୀବିକା ନଥିବାରୁ ବଣ୍ଡା ପୁରୁଷମାନେ ଦିନ ତମାମ ଜଂଗଲ ଭିତରେ ବିଭିନ୍ନ ଜଂଗଲଜାତ ଦ୍ରବ୍ୟ ଖୋଜିଥାନ୍ତି। ଆଜି ବି ଲୋକେ ଅଦଳ ବଦଳ ପ୍ରଥା ଉପରେ ବିଶ୍ୱାସ କରନ୍ତି। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ବାଧ ହୋଇ ଏମାନେ ନିଜ ପାଖରେ ଯାହା ଥାଏ ତାହା ଦେଇ ନିଜର ଅତ୍ୟାବଶକୀୟ ଜିନିଷ ମାଗିଥାନ୍ତି। ବଣ୍ଡାକୁ ନେଇ ରାଜ୍ୟ ସରକାରଙ୍କର ଦରଦ ରହିଥିଲେ ମଧ୍ୟ ସେମାନେ ଆଜି ବି ମୁଖ୍ୟସ୍ରୋତରେ ସାମିଲ ହୋଇପାରୁନାହାନ୍ତି। କାଁ ଭାଁ ପିଲା ପାଠ ପଢି ଆଗକୁ ବଢିଛନ୍ତି ସତ। କିନ୍ତୁ ବହୁ ପିଲା ଅପାଠୁଆ ହୋଇ ଘରେ ପରିବାରକୁ ସହଯୋଗ କରୁଥିବା ଦେଖିବାକୁ ମିଳେ। ବଣ୍ଡାଘାଟିର ଏହି ଗ୍ରାମ ଉପରେ ସରକାର ଓ ପ୍ରଶାସନର ନଜର ପଡିଲେ ଲୋକେ ଉପକୃତ ହୋଇପାରନ୍ତେ ବୋଲି କୁହାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅରୁଣାଚଳ...

ଆମେ ଦୃଢ଼ ବିରୋଧ କରୁଛୁ। ଚଳିତ ସପ୍ତାହ ପ୍ରାରମ୍ଭରେ ଚୀନ ପ୍ରତିରକ୍ଷା ମନ୍ତ୍ରଣାଳୟର ମୁଖପାତ୍ର ବରିଷ୍ଠ କର୍ଣ୍ଣେଲ ଜାଙ୍ଗ ଜିଓଗାଙ୍ଗ କହିଥିଲେ ଯେ ସିଜିଆଙ୍ଗର ଦକ୍ଷିଣ ଭାଗ (ଚୀନ ତିବ୍ବତକୁ ଦେଇଥିବା ନାମ) ଚୀନର ଅଞ୍ଚଳର ଏକ ଅନ୍ତର୍ନିହିତ ଅଂଶ। ଅରୁଣାଚଳ ପ୍ରଦେଶକୁ ଦକ୍ଷିଣ ତିବ୍ବତ ବୋଲି ଦାବି କରୁଥିବା ଚୀନ ଭାରତୀୟ ନେତାଙ୍କ ଏହି ରାଜ୍ୟ ଗସ୍ତକୁ ବିରୋଧ କରିଆସୁଛି, ଯାହାକୁ ବେଜିଂ ଏହି ଅଞ୍ଚଳର ନାମ ଜାଙ୍ଗନାନ ନାମରେ ନାମିତ କରିଛି। ଚୀନର ଏହି ବୟାନକୁ ଦୃଢ ଭାବେ ବିରୋଧ କରିଥିଲା ଭାରତ।

### ମାର୍ଚ୍ଚ ଶେଷ...

ରହିବ। ପଶ୍ଚିମା ଝଡ଼ ପ୍ରଭାବରେ ଯେଉଁ ତାପମାତ୍ରା(ଦିନ) ୧୦ରୁ ୧୭ ଡିଗ୍ରୀ ପର୍ଯ୍ୟନ୍ତ କମିଥିଲା, ତାହା ବୃଦ୍ଧି ହେବାର ରହିଛି। ଆଗାମୀ ଦୁଇ ଦିନରେ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ୮ରୁ ୧୦ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିପାରେ। ପରବର୍ତ୍ତୀ ସମୟରେ ମଧ୍ୟ ତାପମାତ୍ରା ବୃଦ୍ଧି ଘଟିପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

### କେନ୍ଦ୍ର ସରକାରଙ୍କୁ ...

ସରକାର ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଥିଲେ। ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ଜାରି କରିଥିବା ଗେଜେଟ ବିଜ୍ଞପ୍ତିରେ ସୂଚନା ପ୍ରଯୁକ୍ତି ବିଦ୍ୟା (ମଧ୍ୟସ୍ଥି ନିର୍ଦ୍ଦେଶାବଳୀ ଏବଂ ଡିଜିଟାଲ ମିଡିଆ ନୈତିକତା କୋଡ୍) ନିୟମ, ୨୦୨୧ର ନିୟମ ୩ର ଉପ-ଧାରା (ଭି)ର ଉପଧାରା (୧)ର ବ୍ୟବସ୍ଥା ଅଧୀନରେ ପିଆଇବି ଏଫସିୟୁକୁ ନେଇ ସୂଚନା ଦିଆଯାଇଥିଲା। ପିଆଇବି ଅଧୀନରେ ଫ୍ୟାକ୍ଟ ଚେକ ୟୁନିଟ ନଭେମ୍ବର ୨୦୧୯ରେ ପ୍ରତିଷ୍ଠା କରାଯାଇଥିଲା, ଯାହାର ଉଦ୍ଦେଶ୍ୟ ଥିଲା ମିଥ୍ୟା ଖବର ଏବଂ ଭୁଲ ସୂଚନା ସୃଷ୍ଟିକାରୀ ଏବଂ ପ୍ରସାରକଙ୍କ ବିରୋଧରେ ଏକ ପ୍ରତିରୋଧକ ବ୍ୟବସ୍ଥା ଭାବରେ କାର୍ଯ୍ୟ କରିବ। ଏହା ଲୋକମାନଙ୍କୁ ଭାରତ ସରକାରଙ୍କ ସମ୍ବନ୍ଧରେ ସନ୍ଦେହଜନକ ଏବଂ ଆପତ୍ତିଜନକ ସୂଚନା ରିପୋର୍ଟ କରିବା ପାଇଁ ଏକ ସହଜ ବ୍ୟବସ୍ଥା ମଧ୍ୟ ପ୍ରଦାନ କରିଥାଏ।

### ହୋଲି ପୂର୍ବରୁ ...

ସୂଚନା ପ୍ରଦାନ କରାଯାଇଛି। ନୂଆ ଦର ଲାଗୁ ହେବା ଦ୍ୱାରା ସଦୁରା ଠାରୁ ଶ୍ରୀନଗର ଯାତ୍ରା ପାଇଁ ଭଡ଼ା ଏବେ ୧୫ ଟଙ୍କା ହେବ। ପୂର୍ବରୁ ଏହା ୩୫ ଟଙ୍କା ଥିଲା ବୋଲି ନର୍ଥ ରେଲବାଇ ପକ୍ଷରୁ କୁହାଯାଇଛି। ଏହା ଦ୍ୱାରା ଜମ୍ମୁ-କଶ୍ମୀର ଯାତ୍ରା କରୁଥିବା ଯାତ୍ରୀ ବିଶେଷ ଉପକୃତ ହେବେ। ଏହା ସହିତ ଜମ୍ମୁ-କଶ୍ମୀରରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି କୁହାଯାଉଛି।

### ସେକ୍ସ ଲାଇଫକୁ ...

ଏହା ଜଣାପଡିଛି। ଏହି ୮୧ ପୁରୁଷଙ୍କ ବୟସ ୨୦ରୁ ୫୪ ବର୍ଷ ମଧ୍ୟରେ ଥିଲା। ଝାଙ୍ଗନାନ ହସ୍ପିଟାଲକୁ ଏଥିରେ ହୁବେଇ କ୍ଲିନିକାଲ ରିସର୍ଚ୍ଚ ସେଣ୍ଟର ଫର ପ୍ରିନେଟର ଡାଇଗ୍ନୋସିସ ଆଣ୍ଡ ବାର୍ଥ ହେଲ୍‌ଥର ବୈଜ୍ଞାନିକ ସାହାଯ୍ୟ କରିଥିଲେ। ଝାଙ୍ଗନାନ ହସ୍ପିଟାଲର ଡାକ୍ତରଙ୍କୁ ନେଇ ଗଠିତ ଟିମ ଅନୁସାରେ ରୋଗୀଙ୍କ ଶରୀରରେ ଟେଷ୍ଟୋଷ୍ଟେରାନ ଓ ଲ୍ୟୁଟିନାଇସିଂ ହରମୋନର ଅନୁପାତ ବିଗୁଡିଛି ଯଦି ଟି/ଏଲ୍‌ଏଚ୍ ଅନୁପାତ ବିଗିଡେ ତେବେ ପୁରୁଷଙ୍କ ଅଣ୍ଡକୋଷ ଠିକ ଭାବେ କାମ କରିନଥାଏ। ସେଥିରେ ବିର୍ଯ୍ୟ ତିଆରି ହେବା କମିଯାଏ କିମ୍ବା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଏ। ଏହା ସହ ସେକ୍ସ ହରମୋନରେ ମଧ୍ୟ ହ୍ରାସ ଦେଖିବାକୁ ମିଳିଥାଏ। ଯେଉଁ ପୁରୁଷଙ୍କ ଅଧ୍ୟୟନ କରାଯାଇଥିଲା ସେମାନଙ୍କ ଠାରେ ଟି/ଏଲ୍‌ଏଚ୍ ଅନୁପାତ ୦.୭୪ ଥିଲା ଅର୍ଥାତ ସାମନ୍ୟ ସ୍ତରଠାରୁ କମ ଯାହାକି ବହୁତ ଚିନ୍ତାଜନକ।

### ହ୍ୱାଟ୍ସଆପ୍‌ରେ...

କମିଶନଙ୍କୁ ନିଜ ଜବାବରେ କହିଛି ଯେ, ଆଚରଣ ବିଧି ଲାଗୁ ହେବା ପୂର୍ବରୁ ଏହି ବାର୍ତ୍ତା ପଠାଯାଇଥିଲା। କିନ୍ତୁ ସିଷ୍ଟମ ଏବଂ ନେଟୱାର୍କ ସମସ୍ୟା ଯୋଗୁଁ କିଛି ଲୋକଙ୍କ ପାଖରେ ଏହା ବିଳମ୍ବରେ ପହଞ୍ଚିଥିଲା।

### ୯୫ ବିଧାୟକ...

ରିପୋର୍ଟରୁ ଜଣାପଡିଛି ସମ୍ପତ୍ତି ଓ ଧନୀ ତାଲିକାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗରେ ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମ୍ପତ୍ତିର ମୂଲ୍ୟ ୬୩ କୋଟି ଟଙ୍କା ଦର୍ଶାଯାଇଛି। ସେହିପରି ଦ୍ୱିତୀୟ ଧନି ତାଲିକାରେ ଝାରସୁଗୁଡା ବିଧାୟିକା ଦୀପାଳି ଦାସ ନାମ ରହିଛି। ସେହିପରି ରିପୋର୍ଟରେ ବିଜେଡ଼ି ବିଧାୟକଙ୍କ ନାମରେ ଅଧିକ ଋଣ ନେଇଥିବା ରହିଛି। ସର୍ବାଧିକ ଋଣ କରିଥିବା ବିଧାୟକଙ୍କ ତାଲିକାରେ ବିଜେଡ଼ିର ଆଠ ଜଣ ରହିଛନ୍ତି। ଏହି ତାଲିକାରେ ବିଜେଡ଼ି ବିଧାୟିକା ଦୀପାଳି ଦାସଙ୍କ ନାମ ଉପରେ ରହିଛି। ତାଙ୍କର ନାମରେ ସର୍ବାଧିକ ୧୯ କୋଟି ୮୯ ଲକ୍ଷ ଟଙ୍କାର ଋଣ ରହିଥିବା ଜଣାପଡିଛି। ସେହିପରି ବିଜେଡ଼ି ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ନାମରେ ୭ କୋଟି ୭୪ ଲକ୍ଷ ୫୯ ହଜାରେ ୮୩୭ ଟଙ୍କାର ଋଣ ରହିଛି। ବିଜେଡ଼ି ବିଧାୟକ ବିକ୍ରମ ପଣ୍ଡା, ସୁଶାନ୍ତ ରାଉତ, ବିଷ୍ଣୁପଦ ରାଉତରାୟ, ସୁଧୀର କୁମାର ସାମଲ, ରୋହିତ ପୂଜାରୀ ପ୍ରଣବ ବଳବନ୍ତ ରାୟ ଓ ବିଜେପି ବିଧାୟକ ମୋହନ ଚରଣ ମାଝୀଙ୍କ ନାମ ଶ୍ରେଷ୍ଠ ୧୦ଜଣ ଋଣୀ ତାଲିକାରେ ରହିଥିବା ରିପୋର୍ଟରେ କୁହାଯାଇଛି।

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2023-24/107 ତା.15.03.2024ରିଖ

**କ୍ରମ ସଂ.01:** ଟେଣ୍ଡର ନଂ.03241984, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ବଗି ସେଣ୍ଟର ପିଭଟ ଟପ୍ (Pivot top), ପରିମାଣ : 439 ଗୋଟି।
**କ୍ରମ ସଂ.02:** ଟେଣ୍ଡର ନଂ.03241001, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : କପଲର ରଡ୍, ପରିମାଣ : 4767ଗୋଟି।
**କ୍ରମ ସଂ.03:** ଟେଣ୍ଡର ନଂ.02241133, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : IOH ମେଣ୍ଟେନାନ୍ସ ସିଡ୍ୟୁଲ ସବ୍ କିଟ୍, ପରିମାଣ : T.S. ଅନୁସାରେ।
**କ୍ରମ ସଂ.04:** ଟେଣ୍ଡର ନଂ.07243194, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ପେଣ୍ଟ୍ ଆଲୁମିନିୟମ୍, ପରିମାଣ : T.S. ଅନୁସାରେ।
**କ୍ରମ ସଂ.05:** ଟେଣ୍ଡର ନଂ.05245032A, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଅଣ୍ଡର ଗ୍ରାଉଣ୍ଡ ଟେଲିକମ୍ PIJF କେବୁଲ, ପରିମାଣ : T.S. ଅନୁସାରେ।
**କ୍ରମ ସଂ.06:** ଟେଣ୍ଡର ନଂ.05245144, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଇଲେକ୍ଟ୍ରିକ୍ ପଏଣ୍ଟ ମେସିନର ଯୋଗାଣ, ପରିମାଣ : 165 ସେଟ୍।
**କ୍ରମ ସଂ.07:** ଟେଣ୍ଡର ନଂ.03243792, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଲାଟେରାଲ ବମ୍ପ୍ ଷ୍ଟପ୍, ପରିମାଣ : 2160 ଗୋଟି।
**କ୍ରମ ସଂ.08:** ଟେଣ୍ଡର ନଂ.04244067, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଏମରଜେନ୍ସି ଲାଇଟିଙ୍ଗ୍ ସିଷ୍ଟମ୍, ପରିମାଣ : 1036 ଗୋଟି।
**କ୍ରମ ସଂ.09:** ଟେଣ୍ଡର ନଂ.03241932, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ଶାଙ୍କ୍ ୱିୟର ପ୍ଲେଟ୍, ପରିମାଣ : T.S. ଅନୁସାରେ।
**କ୍ରମ ସଂ.10:** ଟେଣ୍ଡର ନଂ.05245137, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : ମିନି SMPS ବେସ୍‌ଡ ସମନ୍ୱିତ ବିଦ୍ୟୁତ୍ ଯୋଗାଣ ପ୍ରଣାଳୀ, ପରିମାଣ : T.S. ଅନୁସାରେ।

ଟେଣ୍ଡର ଖୋଲାଯିବା ତାରିଖ : କ୍ରମ ସଂ.1, 5, 7 ଏବଂ 10 ପାଇଁ ତା.10.04.2024ରିଖ, କ୍ରମ ସଂ.2 ଏବଂ 9 ପାଇଁ ତା.22.04.2024ରିଖ, କ୍ରମ ସଂ.3 ଏବଂ 6 ପାଇଁ ତା.15.04.2024ରିଖ, କ୍ରମ ସଂ.04 ପାଇଁ ତା.11.04.2024ରିଖ ଏବଂ କ୍ରମ ସଂ.08 ପାଇଁ ତା.08.04.2024ରିଖ।

ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମଡ଼ି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବ୍‌ସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର
PR-1190/O/23-24

# ଟିପିଏନଓଡିଏଲ କେନ୍ଦୁଝର ପକ୍ଷରୁ ଉପଭୋକ୍ତା ସମ୍ବର୍ଦ୍ଧନା

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**

ଟିପିଏନଓଡିଏଲ କେନ୍ଦୁଝର ଡିଭିଜନ ପକ୍ଷରୁ ଏକ ବିଦ୍ୟୁତ ଉପଭୋକ୍ତା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଡିଭିଜନ ସଭାପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର, ବାଂଶପାଳ, ତୁରୁମୁଙ୍ଗା ଆଦି ଅଞ୍ଚଳର ଏକୋଇଶି ଜଣ ଉପଭୋକ୍ତାଙ୍କୁ ଆଣ୍ଡ୍ରୋଏଡ଼ ମୋବାଇଲ ଫୋନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉପଭୋକ୍ତା ଗଣ ନିୟମିତ ଭାବେ ବିଦ୍ୟୁତ ବିଲ୍ ଡିଜିଟାଲ ପେମେଣ୍ଟ ମାଧ୍ୟମରେ ପୈଠ କରି ରିହାତି ପାଇବା ସହିତ ଅନ୍ୟ ଉପଭୋକ୍ତାଙ୍କ ପାଇଁ ପ୍ରେରଣାଦାୟୀ ହୋଇ ପାରିଛନ୍ତି। ସହସ୍ରାଧିକ ଡିଜିଟାଲ ପେମେଣ୍ଟ ଗ୍ରାହକମାନଙ୍କ ମଧ୍ୟରୁ ଏକ ଲଟେରୀ ମାଧ୍ୟମରେ ପ୍ରଥମ ପର୍ଯ୍ୟାୟରେ ଏକୋଇଶି ଜଣଙ୍କୁ ମନୋନୀତ କରାଯାଇଥିଲା। ଆଗାମୀ ପର୍ଯ୍ୟାୟରେ ପୁଣି ନୂତନ ଉପଭୋକ୍ତା ମନୋନୀତ ହୋଇ ସମ୍ବର୍ଦ୍ଧିତ ହେବେ। ଏ ଅବସରରେ ସୁପରିଟେଣ୍ଡିଂ ଇଞ୍ଜିନିଅର କେନ୍ଦୁଝର ସର୍କଲ ଇଂ ରଶ୍ମୀକାନ୍ତ ବେହେରା, ଏଜିଏମ ବାଲେଶ୍ୱର କର୍ପୋରେଟ କାର୍ଯ୍ୟାଳୟ ଇଂ ସଂଜୀବ କୁମାର ଜେନା, କେନ୍ଦୁଝର ବିଦ୍ୟୁତ ଡିଭିଜନ କାର୍ଯ୍ୟନିର୍ବାହୀ ଇଂ ମୀନକେତନ ସାମଲ, ଏସଡ଼ିଓ (୧)କେନ୍ଦୁଝର ଇଂ ଜିତେନ୍ଦ୍ର ବେହେରା, ଏସଡ଼ିଓ ଇଲେକ୍ଟ୍ରିକଲ ତୁରୁମୁଙ୍ଗା ଇଂ ଜନ୍ମେଜୟ ବେହେରା, ଏସଡ଼ିଓ ଇଲେକ୍ଟ୍ରିକଲ ନଂ୨କେନ୍ଦୁଝର ଇଂ ସନ୍ତୋଷ କୁମାର ପରିଡା, ବିଦ୍ୟୁତ ଗ୍ରାହକ ମାନେ ସଚେତନ ହୋଇ ଉତ୍ତମମାନର ସେବା ପାଇବାର ହକଦାର ହେବା ଉଚିତବୋଲି ମତ ପ୍ରକାଶ କରିଥିଲେ। ଗ୍ରାହକସେବା ସମ୍ପର୍କ ଅଧିକାରିଣୀ ସୁଶ୍ରୀ ମାସୁମା ନାଜ, ଗ୍ରାହକ ସେବା ଆଡମିନ ସୁଶ୍ରୀ ଲୋପାମୁଦ୍ରା ଲେଙ୍କା ଉପସ୍ଥିତ ରହି ସମ୍ବର୍ଦ୍ଧନା ଉତ୍ସବ ପରିଚାଳନା କରିଥିଲେ।

# ଝାରପଡ଼ା ଜେଲରୁ ସ୍ଥାନାନ୍ତର ହେବେ ଚକରା ଓ ଶମ୍ଭୁ

**ଭୁବନେଶ୍ୱର, ୨ ନ୍ୟୁଜ ବ୍ୟୁରୋ**

ଝାରପଡା ଜେଲ ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତ ଚକରା ଓ ଶମ୍ଭୁକୁ ଅନ୍ୟ ଜେଲକୁ ସ୍ଥାନାନ୍ତର କରିବାକୁ ଯୋଜନା ହୋଇଛି। ଏଥିପାଇଁ କୋର୍ଟଙ୍କ ଅନୁମତି ମଗାଯାଇଛି। ମୋଟ ୨୦ ଜଣଙ୍କୁ ସ୍ଥାନାନ୍ତର ପାଇଁ କୋର୍ଟର ଅନୁମତି ମଗାଯାଇଛି। ଏ ନେଇ ସୂଚନା ଦେଇଛନ୍ତି ଜେଲ ଡିଜି ଏ.ଏମ. ପ୍ରସାଦ। ଗଣ୍ଡଗୋଳ ଘଟଣାରେ ବିଚାର ବିଭାଗୀୟ ତଦନ୍ତ ରିପୋର୍ଟ ହସ୍ତଗତ ହୋଇଛି। ଡିଆଇଜି ଅନସୂୟା ଜେନା ଓ ସିନିୟର ସୁପରିଟେଣ୍ଡେଣ୍ଟ ଡିଏନ ବାରିକ ଜେଲକୁ ଯାଇ ତଦନ୍ତ କରିଛନ୍ତି। ଗୃହ ବିଭାଗକୁ ଏ ସମ୍ପର୍କିତ ରିପୋର୍ଟ ପଠାଯାଇଛି। ଜେଲ କର୍ତ୍ତୃପକ୍ଷଙ୍କ ବିଭାଗୀୟ ତ୍ରୁଟି ଧରାପଡିଥିବା କହିଛନ୍ତି ଡିଜି। ବୁଧବାର ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ ହୋଇଥିଲା। କମିଶନରେଟ ପୋଲିସ ପକ୍ଷରୁ ଜେଲରେ ଚଢ଼ଉ ହୋଇଥିଲା। ୩ ଦିନ ତଳେ ଚକରା ଓ ଶମ୍ଭୁ ଗୋଷ୍ଠୀ ଭିତରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ ଲକ୍ଷ୍ମୀସାଗର ଥାନାରେ ଏତଲା ମଧ୍ୟ ହୋଇଛି। ସେପଟେ ନିର୍ବାଚନକୁ ଦୃଷ୍ଟିରେ ରଖି ସାରା ରାଜ୍ୟରେ ଜେଲ ସୁରକ୍ଷା ଉପରେ ଧ୍ୟାନ ଦିଆଯାଇଛି। ଜେଲକୁ କିଭଳି ନିଶାଦ୍ରବ୍ୟ ଚାଲାଣ ନହେବ ସେ ନେଇ ତାଗିଦ କରାଯାଇଛି।

ଭୁବନେଶ୍ୱର
୨୨ ମାର୍ଚ୍ଚ
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24









ଭୁବନେଶ୍ୱର : ସହିଦନଗର ଶ୍ରୀ ଶ୍ରୀ ବିଷ୍ଣୁମନ୍ଦିରରୁ ନଗର ପରିକ୍ରମାରେ ବାହାରିଥିବା ଠାକୁରଙ୍କ ଦୋଳ ବିମାନକୁ 'ସମ୍ବାଦ କଳିକା' କାର୍ଯ୍ୟାଳୟ ସମ୍ମୁଖରେ ପୂଜାର୍ଚ୍ଚନା କରାଯାଉଛି। (ଫଟୋ : ସମ୍ବାଦ କଳିକା)

# ଶୃଙ୍ଖଳିତ ହେବ ଜଗା ଦର୍ଶନ : ଭକ୍ତଙ୍କ ପାଇଁ ହେବ ଭୂତଳ ରାସ୍ତା

**ପୁରୀ, ୨୧/୦୩ ନ୍ୟୁଜ ବ୍ୟୁରୋ**

ଶୃଙ୍ଖଳିତ ହେବ ଭକ୍ତଙ୍କ ଦର୍ଶନ। ଭକ୍ତଙ୍କ ସୁବିଧା ସହ ସ୍ଥାନୀୟ ବାସିନ୍ଦାଙ୍କ ଆତଯାତ ପାଇଁ ପୁରୀ ବଡଦାଣ୍ଡରେ ଦୁଇଟି ଭୂତଳ ରାସ୍ତା ବା ଅଣ୍ଡର ପାସ୍ ପାଇଁ ପରିଚାଳନା କମିଟିରେ ଆସିଛି ପ୍ରସ୍ତାବ। ଗୋଟିଏ ଶ୍ରୀକୃଷ୍ଣ ସିନେମା ଛକରୁ ଦୋଳବେଦୀ କୋଣ ଆଉ ଏକ ଦୋଳବେଦୀ କୋଣରୁ ବଡଛତା ମଠ ପର୍ଯ୍ୟନ୍ତ ଭୂତଳ ରାସ୍ତା ନିର୍ମାଣ ପ୍ରସ୍ତାବ ଥିବା ବେଳେ କିଭଳି ଭାବେ ଏହା ସାକାର ହେବ ତାକୁ ନେଇ ଉଠିଛି ପ୍ରଶ୍ନ। ଭକ୍ତଙ୍କ ଯାତାୟାତ ସୁବିଧା ପାଇଁ ନିର୍ମାଣ ହେବ କି ଭୂତଳ ରାସ୍ତା? ବଡ଼ଦାଣ୍ଡରେ ନିର୍ମାଣ ହେବ କି ୨ଟି ଭୂତଳ ରାସ୍ତା? କିଛି ଏଭଳି ପ୍ରସ୍ତାବ ସାମ୍ନାକୁ ଆସିବା ପରେ ଦେଖାଦେଇଛି ମିଶ୍ରିତ ପ୍ରତିକ୍ରିୟା। ଦୋଳବେଦୀ କୋଣ ଛକରେ ଚେକ୍‌ଗେଟ ବ୍ୟବସ୍ଥା କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନ



କାର୍ଯ୍ୟାଳୟରୁ ଭକ୍ତମାନେ ଶ୍ରୀମନ୍ଦିର ଆଡକୁ ଯିବା ସମୟରେ ଚେକ୍‌ଗେଟ୍ ବନ୍ଦ କରାଯାଉଛି। ଯାହାଫଳରେ ସେହି ସମୟରେ ଶ୍ରୀମନ୍ଦିରର ଉତ୍ତରଦ୍ୱାର ପଟୁ ଫେରୁଥିବା ଭକ୍ତ ହୁଅନ୍ତୁ ବା ସ୍ଥାନୀୟ ବାସିନ୍ଦା ଦୀର୍ଘ ସମୟ ଧରି ଅଟକି ରୁହନ୍ତି। ଏହି ସମସ୍ୟା ନେଇ ଏଠାରେ ୨ଟି ସ୍ଥାନରେ ଭୂତଳ ରାସ୍ତାର ପ୍ରସ୍ତାବ ଆସିଥିବା ସୂଚନା ଦେଇଛନ୍ତି ପରିଚାଳନା କମିଟି ସଦସ୍ୟ। ସେପଟେ ରାସ୍ତା ପାଇଁ ଖୋଳା ଗଲେ ଶ୍ରୀମନ୍ଦିର ପାଇଁ ବିପଦ ହୋଇପାରେ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ଭକ୍ତ। ସେପଟେ ବଡଦାଣ୍ଡରେ ଭୂତଳ ରାସ୍ତା ନିର୍ମାଣକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବରିଷ୍ଠ ସେବାୟତ। ବଡଦାଣ୍ଡରେ ବିଭିନ୍ନ ସମୟରେ ନୀତିକାନ୍ତି ସହ ରଥଯାତ୍ରା ହେଉଥିବାରୁ ଏଠାରେ ନକରି ଅନ୍ୟ ପଟେ କରାଯାଉ ବୋଲି ଦାବି ହୋଇଛି। ସେପଟେ ଶ୍ରୀମନ୍ଦିରର ଉନ୍ନୟନ ପ୍ରଶାସକ କହିଛନ୍ତି, ଆଗକୁ ଏହା ଉପରେ ଆଲୋଚନା କରାଯିବ। ସେପଟେ ଏଏସଆଇ ସୁପରିନଟେଣ୍ଡିଂ ଆରକ୍ୟୁଲୋଜିଷ୍ଟ କହିଛନ୍ତି, ପ୍ରସ୍ତାବ ଫାଇନାଲ୍ ହୋଇ ନାହିଁ।

# ଲକ୍ଷ୍ମୀ ବସ୍ ସୁବିଧା ମିଳୁଛି କି ନାହିଁ ତଦାରଖ କରିବ ଏନଫୋର୍ସ ଟିମ୍

**ଭୁବନେଶ୍ୱର, ୨୧/୦୩ ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ସଫଳତାର ସହ ଗଡ଼ି ଚାଲିଛି ଲକ୍ଷ୍ମୀ ବସ୍। ଲୋକଙ୍କ ସୁବିଧା ପାଇଁ ଆଉ ପାଦେ ଆଗେଇଲା ରାଜ୍ୟ ସଡ଼କ ପରିବହନ ବିଭାଗ। ଗଠନ ହେଲା ଏନଫୋର୍ସ ଟିମ୍। ୫୮ଟି ସବଡିଭିଜନରେ ମୁତୟନ ହେବ ଏହି ଟିମ୍। ଜଣେ ଆସିଷ୍ଟାଣ୍ଟ ମ୍ୟାନେଜରଙ୍କ ନେତୃତ୍ୱରେ ୨ରୁ ୪ ଜଣ ଆରଏଟି କାମ କରିବେ। ଲକ୍ଷ୍ମୀ ଯୋଜନାରେ ଦିଆଯାଉଥିବା ସୁବିଧା ଯାତ୍ରୀ ପାଉଛନ୍ତି ନା ନାହିଁ ତାହାର ତଦାରଖ କରିବ ଏହି



ଟିମ୍। କିଛି ଜାଗାରେ ଲକ୍ଷ୍ମୀ ଯୋଜନାର ସୁବିଧା ଲୋକେ ପାଉ ନଥିବା ଅଭିଯୋଗ ଆସିବା ପରେ ଏହି ଟିମ୍ ଗଠନ କରାଯାଇଛି। ସବ ଡିଭିଜନକୁ ଯାତାୟାତ କରୁଥିବା ଗାଡିଗୁଡିକର ପରିଚୟପତ୍ର ଯାଞ୍ଚ କରିବ ଏହି ଟିମ୍। ଯାତ୍ରୀ ବସ୍‌ରେ ଟଙ୍କା ଦେବା ପରେ ଟିକେଟ୍ ପାଉଛନ୍ତି ନା ନାହିଁ ଯାଞ୍ଚ ହେବ। ଗାଡି ସଫା ସୁତରା, ଗାଡିରେ ଇନ୍ଧନ ଅଛି ନା ନାହିଁ, ଯାତ୍ରୀ କୌଣସି ଅଘଟଣର ଶିକାର ନହେବ, ପକେଟ ମାର, ମହିଳାଙ୍କ ଲାଗି ସିଟ୍ ସଂରକ୍ଷଣ, ବୟସ୍କ ଯାତ୍ରୀଙ୍କୁ ସମ୍ମାନ ସହ କଲେଜ ଛାତ୍ରଛାତ୍ରୀ ଓ ମହିଳାଙ୍କ ଉପଯୁକ୍ତ ଟିକେଟ୍ କଟାଯାଉଛି ନା ନାହିଁ ଏହାର ତଦାରଖ କରିବ ଟିମ୍। ସମସ୍ତ ବସ୍‌ରେ ଏଟିଏମ୍ ମେସିନ ରହିଛି। ଯାତ୍ରୀ ଟିକେଟ ଦର ବିନାଦ୍ୱିଧାରେ ଦେଇପାରିବେ। କେଉଁ ରୁଟ୍‌ରେ କେତେ ଯାତ୍ରୀ ଯାଉଛନ୍ତି ତାହା ଜଣାପଡିବ। ଏହାଦ୍ୱାରା କୌଣସି ଅନିୟମିତତା ହେଲେ ଜଣାପଡିବ। ଯାତ୍ରୀ ସେବାରେ ସ୍ୱଚ୍ଛତା ଆସି ପାରିବ। ବୟସ୍କ ଓ ମହିଳା ଯାତ୍ରା କରୁଥିବାବେଳେ କୌଣସି ଅସୁବିଧାର ସମ୍ମୁଖିନ ହେଲେ ଏହି ବିଷୟରେ ଜଣାଇ ପାରିବେ। ବସ୍‌ରେ ପାଣି ମିଳୁଛି ନା ନାହିଁ, ଯାତାୟାତ ବେଳେ ବସ୍ ପକ୍ଷରୁ ଯଦି ସହଯୋଗ କରାଯାଉ ନଥିବ, ଡ୍ରାଇଭର ମୋବାଇଲରେ କଥା ହୋଇ ଗାଡି ଚଳାଉଥିଲେ ଭିଡ଼ିଓ କରି ସୋସିଆଲ ମିଡିଆ କିମ୍ବା ଏକ୍ସରେ ଟ୍ୟାଗ କରି ଜଣାଇ ପାରିବେ। ଯାହା ଫଳରେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏ ସବୁର ତଦାରଖ କରିବା ପାଇଁ ଏନଫୋର୍ସ ଟିମ୍ ଚଢ଼ଉ କରି ଯାଞ୍ଚ କରିବେ। ଆଗାମୀ ଦିନରେ ଲକ୍ଷ୍ମୀ ବସ୍‌ରେ ସ୍ମାର୍ଟ କାର୍ଡର ବ୍ୟବସ୍ଥା କରିବାକୁ ଯୋଜନା କରିଛି ଓଏସ୍ଆରଟିସି।

# ସରିଲା ଯୁକ୍ତ ଦୁଇ ପରୀକ୍ଷା: ମେ ୧୫ ମଧ୍ୟରେ ପ୍ରକାଶ ପାଇବ ରେଜଲ୍ଟ

**ଭୁବନେଶ୍ୱର, ୨୧/୦୩ ନ୍ୟୁଜ ବ୍ୟୁରୋ**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ପରିଚାଳିତ +୨ ପରୀକ୍ଷା ଶେଷ ହୋଇଛି। ପରୀକ୍ଷାରେ ସମୁଦାୟ ୬୪୯ ଜଣ ଛାତ୍ରଛାତ୍ରୀ କପି କରି ଧରାପଡ଼ିଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଶୁକ୍ରବାର ଠାରୁ ପରୀକ୍ଷା ଖାତା ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେବ ଓ ଦୁଇଟି ପର୍ଯ୍ୟାୟରେ ଖାତାଦେଖା ହେବ। ପ୍ରଥମ ପର୍ଯ୍ୟାୟରେ ମାର୍ଚ୍ଚ ୨୨ତାରିଖରୁ ଏପ୍ରିଲ ୨ତାରିଖ ପର୍ଯ୍ୟନ୍ତ ପ୍ରାୟ ୬୫୦୦ ଶିକ୍ଷକ ଶିକ୍ଷୟତ୍ରୀ ଖାତା ଦେଖିବାକୁ ନିୟୋଜିତ ହୋଇଛନ୍ତି। ସେହିପରି ଏପ୍ରିଲ ୪ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୪ହଜାର ଶିକ୍ଷକ ଶିକ୍ଷୟତ୍ରୀ ଖାତାଦେଖା କାର୍ଯ୍ୟରେ ନିୟୋଜିତ ହେବେ। ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ଖାତାଦେଖା ହେବ। କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଖାତା ଅନ୍‌ଲାଇନରେ ଓ ଧନ୍ଦାମୂଳକ ଶିକ୍ଷାର ମୂଲ୍ୟାୟନ ଅଫ୍‌ଲାଇନରେ ହେବ। ନିର୍ଦ୍ଧାରିତ ସମୟ ସୁଦ୍ଧା ମୂଲ୍ୟାୟନ ପ୍ରକ୍ରିୟା ସାରି ମେ ୧୫ ତାରିଖ ମଧ୍ୟରେ ଫଳ ପ୍ରକାଶ କରିବାକୁ ପରିଷଦ ଲକ୍ଷ୍ୟ ରଖିଛି। ଚଳିତ ବର୍ଷ ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ପରୀକ୍ଷା ନିୟନ୍ତ୍ରକ ଅଶୋକ କୁମାର ନାୟକ ପ୍ରକାଶ କରିଛନ୍ତି।

ଚଳିତବର୍ଷ ୩ ଲକ୍ଷ ୮୬ ହଜାର ୨୫୦ ଜଣ ପରୀକ୍ଷାର୍ଥୀ ଯୁକ୍ତ ୨ ପରୀକ୍ଷା ଦେଇଛନ୍ତି। ଏମାନଙ୍କ ମଧ୍ୟରେ ୩ ଲକ୍ଷ ୬୦ ହଜାର ୧୯୮ ଜଣ ରେଗୁଲାର ଏବଂ ୨୬ ହଜାର ୫୨ ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ଅଛନ୍ତି। କଳା ବିଭାଗରେ ୨ ଲକ୍ଷ ୩୭ ହଜାର ୭୫୦ଜଣ ପରୀକ୍ଷାର୍ଥୀ ଥିବାବେଳେ ବିଜ୍ଞାନରେ ୧ ଲକ୍ଷ ୧୬ ହଜାର ୬୨୦, ବାଣିଜ୍ୟରେ ୨୬ ହଜାର ୮୯ ଜଣ ଓ ଧନ୍ଦାମୂଳକରେ ୫ହଜାର ୭୯୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ମୋଟ ଛାତ୍ରଙ୍କ ମଧ୍ୟରୁ ୧ ଲକ୍ଷ ୯୯ ହଜାର ୩୬୧ଜଣ ଛାତ୍ରୀ ଥିବାବେଳେ ଛାତ୍ରଙ୍କ ସଂଖ୍ୟା ୧ ଲକ୍ଷ ୮୬ ହଜାର ୮୮୯ ରହିଛି। ପଦାର୍ଥ ବିଜ୍ଞାନ ପରୀକ୍ଷା ପ୍ରଶ୍ନପତ୍ରରେ ସିଲାବସ୍ ବାହାରୁ ପ୍ରଶ୍ନପତ୍ର ଆସିଥିବା ନେଇ ଛାତ୍ରଛାତ୍ରୀମାନେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଯାଞ୍ଚ କରି ବିକଳ୍ପ ଅଭାବ ଥିବା ପରିଷଦ ଜାଣିବାକୁ ପାଇଥିଲା। ଯେଉଁ ଛାତ୍ରଛାତ୍ରୀମାନେ ସେହି ପ୍ରଶ୍ନକୁ ଲେଖିଥିବେ ବା ଲେଖିବାର ପ୍ରୟାସ କରିଥିବେ ସେମାନଙ୍କୁ ଗ୍ରେସ୍ ମାର୍କ ପ୍ରଦାନ କରାଯିବ। ଛାତ୍ରଛାତ୍ରୀଙ୍କୁ ସର୍ବାଧିକ ୧୯ ମାର୍କ ଗ୍ରେସ୍ ଦିଆଯିବ ବୋଲି ପରୀକ୍ଷା ନିୟନ୍ତ୍ରକ ଅଶୋକ କୁମାର ନାୟକ ପ୍ରକାଶ କରିଛନ୍ତି। ହେଲେ ପ୍ରଶ୍ନପତ୍ର ସିଲାବସ୍ ବାହାରୁ ଆସିଥିବାରୁ ଅଯଥା ସମୟ ଅପଚୟ ନ କରିବା ପାଇଁ ବହୁ ପରୀକ୍ଷାର୍ଥୀ ଉତ୍ତର ଲେଖିନାହାନ୍ତି। ତେଣୁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଗ୍ରେସ୍ ଦେବାପାଇଁ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକମାନେ ଦାବି କରୁଛନ୍ତି।

# ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଗୁରୁତର

## ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୧/୦୩ ନ୍ୟୁଜ ବ୍ୟୁରୋ**



ବିଗୁଡୁଛି ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ସ୍ୱାସ୍ଥ୍ୟାବସ୍ଥା। ହୃଦ୍‌ଘାତର ଶିକାର ହେବା ପରେ ତାଙ୍କୁ ରାଜଧାନୀର ଏକ ପ୍ରାଇଭେଟ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଗଲା ୧୮ ତାରିଖରୁ ଏକ ଘରୋଇ ହସ୍ପିଟାଲରେ ତାଙ୍କୁ ଆଡମିଟ୍ କରାଯାଇଛି। ଏସମ୍ପର୍କରେ ତାଙ୍କ ଝିଅ ପ୍ରୀତିନନ୍ଦା ରାଉତରାୟ ଓ ପୁଅ ସମ୍ବିତ ରାଉତରାୟ ସୂଚନା ଦେଇଛନ୍ତି। ତେବେ ବରିଷ୍ଠ ରାଜନେତା ଦାମୋଦର ରାଉତଙ୍କ ଆଶୁ ଆରୋଗ୍ୟ ସହ ଦୀର୍ଘ ଜୀବନ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିଜେଡିର ଜଣେ ଆଗଧାଡିର ନେତା ଡ.ଦାମୋଦର ରାଉତ। ବରିଷ୍ଠ ରାଜନେତା ଦାମୋଦର ରାଉତଙ୍କ ଉପରୁ ଜାନୁଆରୀ ୧ରେ ନିଲମ୍ବନ ଉଠାଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହାକୁ ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯେଉଁଥିରେ ବିଜେଡି ସୁପ୍ରିମୋଙ୍କ ଦସ୍ତଖତ ଥିବା ଦେଖିବାକୁ ମିଳିଥିଲା। ସୂଚନା ମୁତାବକ ୨୦୧୮ରେ ବିଜେଡିରୁ ନିଲମ୍ବନ ହୋଇଥିଲେ ଦାମୋଦର। ବ୍ରାହ୍ମଣ ବିବାଦକୁ ନେଇ ହରାଇଥିଲେ ମନ୍ତ୍ରୀପଦ। ୨୦୧୯ରେ ବିଜେପିରୁ ଟିକେଟ ପାଇ ଲଢି ନିର୍ବାଚନ ହାରିଥିଲେ। ଗତ କିଛିଦିନ ଧରି ଅସୁସ୍ଥତା କାରଣରୁ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ ଦାମୋଦର ରାଉତ। ରାଜନୀତିରୁ ମଧ୍ୟ ଏକଦମ ଦୂରେଇ ଯାଇଥିଲେ ଦାମୋଦର।


ସମ୍ପାଦକୀୟ
ପୃଷ୍ଠା–୪
ଗାଁରେ ବଢ଼ାବାମ୍ ଚାପ ଅଧିକ
ଉତ୍କଳ ଦୀପିକା
୧୮୬୬ରେ ପ୍ରକାଶିତ
ଓଡ଼ିଶାର ସର୍ବପୁରାତନ ସମାଚାରପତ୍ର
RNI Regd. No. : ODIODI/2016/67976
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Email : utkaldeepika2016@gmail.com
Vol-7 • Issue-48 • 20th-26th March 2024 • Bhubaneswar
ରାଜନୈତିକ ଦଳର ଫୋକସ୍‌ରେ ସୁରତ
## ଆସିଲା ଭୋଟ୍, ମନେପଡ଼ିଲେ ପ୍ରବାସୀ


## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

**ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।**

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ପୁଲିସ-ମାଓବାଦୀ ଗୁଳି ବିନିମୟ: ୨ ମାଓବାଦୀ ନିହତ

**ମାଲକାନଗିରି, ୨୧/୦୩ ନ୍ୟୁଜ ବ୍ୟୁରୋ**

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ଦାନ୍ତେୱାଡାରେ ପୁଲିସ-ମାଓବାଦୀ ଗୁଳି ବିନିମୟରେ ଜଣେ ୫ ଲକ୍ଷ ଇନାମି ମହିଳା ମାଓବାଦୀ ଓ ଜଣେ ୧ ଲକ୍ଷ ଇନାମି ପୁରୁଷ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ଦାନ୍ତେୱାଡା ଜିଲ୍ଲାର କିରନ୍ଦୁଲ ଅଞ୍ଚଳରେ ମାଓ ଦମନ ନିମନ୍ତେ ପୁଲିସ ପକ୍ଷରୁ ତଲାସି ଅଭିଯାନ ଜାରି ରହିଥିବା ବେଳେ ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ମାଓବାଦୀ ମାନେ ପୁଲିସକୁ ଦେଖି ଗୁଳି ଚାଳନା କରିଥିଲେ। ଏହାର ପାଲଟା ଜବାବ ଦେଇ ପୁଲିସ ବାହିନୀ ମଧ୍ୟ ଗୁଳି ଚାଳନା କରିଥିବା ବେଳେ କିଛି ସମୟ ମଧ୍ୟରେ ପୁଲିସ ସାମ୍ନା କରି ନପାରି ମାଓବାଦୀ ମାନେ ଜଙ୍ଗଲ ମଧ୍ୟରେ ଲୁଚି ପଳାଇଥିଲେ। ତେବେ ଏହାପରେ ପୁଲିସ ବାହିନୀ ଅଞ୍ଚଳରେ ତଲାସି କରିବା ବେଳେ ଜଣେ ମହିଳା ଓ ଜଣେ ପୁରୁଷ ମାଓବାଦୀର ମର ଶରୀରକୁ ଉଦ୍ଧାର କରିବା ସହ କିଛି ମାଓ ସାମଗ୍ରୀ ମଧ୍ୟ ଜବତ କରିଥିଲେ। ମୃତ ମହିଳା ମାଓବାଦୀ ଉପରେ ୫ ଲକ୍ଷ ଇନାମ ରହିଥିବା ବେଳେ ପୁରୁଷ ମାଓବାଦୀ ଉପରେ ୧ଲକ୍ଷର ଇନାମ ରହିଥିବା ସୂଚନା ମିଳିଛି। ଗୁରୁବାର ସନ୍ଧ୍ୟାରେ ଏହି ଗୁଳି ବିନିମୟ ହୋଇଥିବା ବେଳେ ବର୍ତ୍ତମାନ ମଧ୍ୟ ସେହି ଅଞ୍ଚଳରେ ପୁଲିସ ପକ୍ଷରୁ ତଲାସି ଅଭିଯାନ ଜାରି ଥିବାରୁ ସମ୍ପୂର୍ଣ୍ଣ ତଥ୍ୟ ମିଳିନଥିବା ବେଳେ ଯବାନମାନେ ଫେରିବା ପରେ ସମସ୍ତ ତଥ୍ୟ ହସ୍ତଗତ ହେବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଭିଜିଲାନ୍ସ ଜାଲରେ ପଶୁ ଅଧିକାରୀ, ପ୍ରଧାନଶିକ୍ଷକ ଓ ବିଇଓ

**କଟକ, ୨୧/୦୩ ନ୍ୟୁଜ ବ୍ୟୁରୋ**

ଲାଞ୍ଚ ନେଉଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନରୁ ଜଣେ ମହିଳା ଅଧିକାରୀ, ପ୍ରଧାନ ଶିକ୍ଷକ ଏବଂ ବିଇଓଙ୍କୁ ଗିରଫ କରିଛି ଭିଜିଲାନ୍ସ। କୁକୁଡ଼ା ଫାର୍ମର ସବ୍‌ସିଡି ବିଲ୍ ପାସ୍ କରିଦେବାକୁ କହି ୫ ହଜାର ଟଙ୍କା ଲାଞ୍ଚ ନେଇ ଗୁରୁବାର ଦିନ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ପଶୁ ଅଧିକାରୀ ଡ. ସୁସ୍ମିତା ସେଠୀ। ସୂଚନା ଅନୁସାରେ ଶ୍ରୀମତୀ ସେଠୀ ଜଣେ ଅଭିଯୋଗକାରୀଙ୍କ କୁକୁଡ଼ା ଫାର୍ମର ଭେରିଫିକେସନ୍ ରିପୋର୍ଟ ଦେବା ପାଇଁ ୫୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଅଭିଯୋଗକାରୀ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକାରୀଙ୍କ ଠାରୁ ଶ୍ରୀମତୀ ସେଠୀ ୫୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗର ଅଧିକାରୀମାନେ ଅତର୍କିତ ଚଢ଼ଉ କରିଥିଲେ। ଶ୍ରୀମତୀ ସେଠୀ ଭିଜିଲାନ୍ସ ବିଭାଗର ଅଧିକାରୀମାନଙ୍କୁ ୫୦୦୦ ଟଙ୍କା ନେଇ ସଠିକ୍ ଉତ୍ତର ଦେଇପାରି ନଥିଲେ। ଏନେଇ ରାଉରକେଲା ଭିଜିଲାନ୍ସ ଡିଭିଜନ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ସେହିପରି ଅନୁରୂପ ଅଭିଯୋଗ କ୍ରମେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ହାଇସ୍କୁଲ ପ୍ରଧାନଶିକ୍ଷକ। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ମକରଗୁଡା ତ୍ରିଶକ୍ତି ହାଇସ୍କୁଲର ପ୍ରଧାନଶିକ୍ଷକ ଦ୍ରୋଣାଚାର୍ଯ୍ୟ ତାଣ୍ଡିଙ୍କୁ ଧରିଛି ଭିଜିଲାନ୍ସ ଟିମ୍। ନୂଆ ସ୍କୁଲ୍ କୋଠା ନିର୍ମାଣ କାମର ବିଲ୍ କରି ଦେବା ପାଇଁ ପ୍ରଧାନଶିକ୍ଷକ ଦ୍ରୋଣାଚାର୍ଯ୍ୟ ତାଣ୍ଡି ଠିକାଦାର ଜୟରାମ ସାହୁଙ୍କଠାରୁ ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଥିଲେ। ପରେ ଭିଜିଲାନ୍ସ ପକ୍ଷରୁ ପ୍ରଧାନଶିକ୍ଷକଙ୍କ ସ୍କୁଲ ଅଫିସ ଓ ଘରେ ଏକକାଳୀନ ଚଢ଼ଉ ହୋଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଏହି ଚଢ଼ଉ ହୋଇଛି। ସେହିପରି ନ୍ୟାସନାଲ ପେନସନ୍ ସ୍କିମରୁ ୨୦ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗରେ ଦାରିଙ୍ଗବାଡ଼ି ବିଇଓ ରସାନନ୍ଦ କରଙ୍କୁ ଉଠାଇ ନେଇଛି ଭିଜିଲାନ୍ସ। ପେନସନ ସ୍କିମରୁ ୨୦ ଲକ୍ଷ ଟଙ୍କା ନିଜ ଆକାଉଣ୍ଟକୁ ନେଇ ସେୟାର ମାର୍କେଟରେ ବିନିଯୋଗ କରିଥିଲେ ରସାନନ୍ଦ। ଗତ ଜାନୁଆରୀ ମାସରୁ ଦୁଇଟି ପର୍ଯ୍ୟାୟରେ ୧୦ ଲକ୍ଷ ଟଙ୍କା ଲେଖାଏଁ ନିଜ ଆକାଉଣ୍ଟକୁ ନେଇ ତାହାକୁ ସେୟାର ମାର୍କେଟରେ ଲଗାଇଥିଲେ। ସରକାରୀ ଅର୍ଥର ଅପବ୍ୟବହାର ଓ ହଡ଼ପ ଅଭିଯୋଗରେ ରସାନନ୍ଦଙ୍କ ଉପରେ ଗତ ମାସେ ଧରି ନଜର ରଖିଥିଲା ଭିଜିଲାନ୍ସ। ପ୍ରମାଣ ମିଳିବା ପରେ ତାଙ୍କୁ ଗିରଫ କରିବା ସହ ତଦନ୍ତ ଜାରି ରଖିଛି। ଏ ନେଇ ଏମାନଙ୍କ ବିରୋଦ୍ଧରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ଭିଜିଲାନ୍ସ।

# '୧୦ ବର୍ଷ ମୋଦି ସରକାରରେ ଟେଲିକମ ସେକ୍ଟରରେ ବୈପ୍ଳବିକ ପରିବର୍ତ୍ତନ ଆସିଛି'

**ଭୁବନେଶ୍ୱର, ୨୧/୦୩ ନ୍ୟୁଜ ବ୍ୟୁରୋ**

ଟେଲିକମ ସେକ୍ଟରରେ ୧୦ ବର୍ଷ ମୋଦି ସରକାରରେ ବୈପ୍ଳବିକ ପରିବର୍ତ୍ତନ ଆସିଛି। ଦେଶରେ ଡିଜିଟାଲ କ୍ରାନ୍ତି ଆଣିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରତି ପଞ୍ଚାୟତରେ ବ୍ୟାଙ୍କ ଖୋଲିଛି। ଠେଲା ଗାଡ଼ି ବ୍ୟବସାୟୀ ଡିଜିଟାଲ କ୍ରାନ୍ତିର ବ୍ରାଣ୍ଡ ଆମ୍ବସଡର ପାଲଟିଛନ୍ତି। ଭାରତରେ ଏବେ ସର୍ବନିମ୍ନ ମୂଲ୍ୟରେ ଇଣ୍ଟରନେଟ ଡାଟା ମିଳୁଛି। ଭାରତରେ ୭୫ ହଜାର ଷ୍ଟାର୍ଟ ଅପ୍ ଏବେ କାର୍ଯ୍ୟକ୍ଷମ ହୋଇପାରିଛି। ଯୁବକ ମାନେ ଏବେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମାନଙ୍କୁ ରୋଜଗାର ଯୋଗାଇ ପାରୁଛନ୍ତି। ନମୋ ଡ୍ରୋନ ଦିଦି ଯୋଜନାରେ ମହିଳାମାନେ କୃଷି କ୍ଷେତ୍ରରେ ଡ୍ରୋନ ବ୍ୟବହାର କରିପାରୁଛନ୍ତି। ସି - ଭିଜିଲ ଆପ ମାଧ୍ୟମରେ ନିର୍ବାଚନ ପରିଚାଳନା ନେଇ ନିଜର ମତ ରଖିପାରିବେ ସାଧାରଣ ଭୋଟର। ଉପାନ୍ତ ତଥା ଆଦିବାସୀ ଗାଁରେ ମୋବାଇଲ ଟାୱାର




ବସାଇଛନ୍ତି ମୋଦି ସରକାର ବୋଲି ବିଜେପିର ପ୍ରେସମିଟ୍‌ରେ ଏପରି କହିଛନ୍ତି ବିଧାୟକ ସୂର୍ଯ୍ୟବଂଶୀ ସୂରଜ। ୧୦ ବର୍ଷର ମୋଦି ଶାସନରେ ଶିଖରରେ ପହଞ୍ଚିଛି ବିକାଶ। ଧିରେ ଧିରେ ବିକାଶର ସିଡ଼ି ଚଢ଼ି ଚାଲିଛି ଭାରତ। ଆଦିବାସୀଙ୍କ ଅସ୍ମିତା, ଅସ୍ତିତ୍ୱ ଓ ବିକାଶ ପାଇଁ ନିରନ୍ତର ଉଦ୍ୟମ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଡିଜିଟାଲକ୍ରାନ୍ତିରୁ ନାରୀ ସଶକ୍ତିକରଣ ପର୍ଯ୍ୟନ୍ତ ସବୁ ବର୍ଗଙ୍କୁ ମିଳୁଛି ପ୍ରାଥମିକତା। ଯେଉଁଥିପାଇଁ ଦେଶ ଉନ୍ନତି ପଥରେ ଗତି କରୁଛି ବୋଲି କହିଛନ୍ତି ସୂର୍ଯ୍ୟବଂଶୀ। ନିର୍ବାଚନ ପ୍ରସ୍ତୁତି ଚଳାଇଛି ବିଜେପି। ରୁଟିନ ବୈଠକ ମଧ୍ୟ ହେଉଛି। ନିର୍ବାଚନ କମିଟି ଠାରୁ ଆରମ୍ଭ କରି କୋର କମିଟି ବୈଠକ ମାଧ୍ୟମରେ ଦଳ ବିସ୍ତୃତ ଭାବେ ଆଲୋଚନା କରୁଛି। ବିଭିନ୍ନ ସ୍ତରରେ ସମୀକ୍ଷା କରାଯାଉଛି। ଆଗାମୀ ନିର୍ବାଚନ ପାଇଁ ବିଜେପି ସଂପୂର୍ଣ୍ଣ ପ୍ରସ୍ତୁତ ଅଛି। ମେଣ୍ଟ ପ୍ରସଙ୍ଗରେ ଉତ୍ତର ଦେଇ ପାରିବିନି ବୋଲି କହିଲେ ସୂର୍ଯ୍ୟବଂଶୀ ସୂରଜ। ଶୀର୍ଷ ନେତୃତ୍ୱମାନେ ଏହାର ଉତ୍ତର ପୂର୍ବରୁ ଦେଇ ସାରିଛନ୍ତି ବୋଲି ସେ କହିଛନ୍ତି।

## ହୋଲି ପରେ କଂଗ୍ରେସର ପ୍ରାର୍ଥୀ ଘୋଷଣା

# ଏଆଇସିସି ପକ୍ଷରୁ ଓଡ଼ିଶା ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା

**ନୂଆଦିଲ୍ଲୀ. ୨୧/୦୩**

ଓଡ଼ିଶାରେ ବିଜେଡି-ବିଜେପି ସାମ୍ଭବ୍ୟ ମେଣ୍ଟ ଚର୍ଚ୍ଚା ଭିତରେ ଗୁରୁବାର ଅଖିଳ ଭାରତୀୟ କଂଗ୍ରେସ କମିଟି(ଏଆଇସିସି)ର ସାଧାରଣ ସଂପାଦକ କେ.ସି. ବେଣୁଗୋପାଳ ରାଜ୍ୟର ଲୋକସଭା ଓ ବିଧାନସଭା ନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଶ୍ରୀ ବେଣୁଗୋପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ସମୀକ୍ଷା ବୈଠକରେ ରାଜ୍ୟ ପିସିସି ସଭାପତି ଶରତ ପଟ୍ଟନାୟକ, ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ କୁମାର, ୩ଜଣ ବରିଷ୍ଠ ପର୍ଯ୍ୟବେକ୍ଷକ ମିନାକ୍ଷୀ ନଟରାଜନ, ହରକ ସିଂହ ରାୱତ ଓ ପରଗତ ସିଂହ, ଦୁଇଜଣ ସଚିବ ଖ୍ରୀଷ୍ଟଫର ତିଲକ ଓ ମହମ୍ମଦ ସାହାନୱାଜ ଚୌଧୁରୀ ଉପସ୍ଥିତ ଥିଲେ। ଏଆଇସିସି ମୁଖ୍ୟାଳୟରେ ହୋଇଥିବା ସମୀକ୍ଷା ବୈଠକରେ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଚୟନ ପ୍ରକ୍ରିୟା, ନିର୍ବାଚନ ପ୍ରଚାର, ସଂଗଠନ କାର୍ଯ୍ୟକ୍ରମ ତଥା ଦଳୀୟ ସ୍ଥିତି ସଂପର୍କରେ ନେତାମାନେ ଶ୍ରୀ ବେଣୁଗୋପାଳଙ୍କୁ



ଅବଗତ କରାଇଥିଲେ। ଉଭୟ ଲୋକସଭା ଓ ବିଧାନସଭାରେ ନିର୍ବାଚନ ଲଢ଼ିବା ପାଇଁ 'ପ୍ରଗମନ' ଆପରେ ଆବେଦନ କରିଥିବା ପ୍ରାର୍ଥୀ ଓ ଦୁଇଟି ସ୍କ୍ରିନିଂ କମିଟି ବୈଠକର ହୋଇଥିବା ଆଲୋଚନା ସଂପର୍କରେ ସୂଚନା ଦେଇଥିଲେ। ହୋଲି ପରେ ପ୍ରାର୍ଥୀ ଚୟନ ପ୍ରକ୍ରିୟାକୁ ଚୂଡ଼ାନ୍ତ କରିବା ପାଇଁ ପୁଣିଥରେ ସ୍କ୍ରିନିଂ କମିଟି ବୈଠକ ବସିବ। ଲୋକସଭାର ୨୧ଟି ଓ ବିଧାନସଭାର ୧୪୭ ଆସନରେ ପ୍ରାର୍ଥୀ ଚୟନ ପରିପ୍ରେକ୍ଷୀରେ ସର୍ଭେ ରିପୋର୍ଟ ପ୍ରସଙ୍ଗକୁ ମଧ୍ୟ ନେତାମାନେ ଶ୍ରୀ ବେଣୁଗୋପଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଓଡ଼ିଶାରେ ଲୋକସଭା ଓ ବିଧାନସଭା ପ୍ରଚାର କାର୍ଯ୍ୟକ୍ରମର ରୂପରେଖ କ'ଣ ରହିବ, କେଉଁ କେନ୍ଦ୍ରୀୟ ନେତାମାନେ ଓଡ଼ିଶାକୁ ନିର୍ବାଚନ ପ୍ରଚାର ପାଇଁ ଯିବେ, ତାରକା ପ୍ରଚାର ତାଲିକାରେ କାହାକୁ ସାମିଲ କରାଯିବ ଭଳି ପ୍ରସଙ୍ଗରେ ମଧ୍ୟ ବୈଠକରେ ମାନସ ମନ୍ଥନ ହୋଇଥିଲା। ବୈଠକରେ କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼ଗେ, କଂଗ୍ରେସର ପୂର୍ବତନ ସଭାପତି ସୋନିଆ ଗାନ୍ଧୀ, ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ସାଧାରଣ ସଂପାଦକ ପ୍ରିୟଙ୍କା ଗାନ୍ଧୀ, କଂଗ୍ରେସ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ଅନ୍ୟ ଚର୍ଚ୍ଚିତ ନେତାଙ୍କୁ ଓଡ଼ିଶାକୁ ନିର୍ବାଚନ ପ୍ରଚାର ସମୟରେ ଗସ୍ତ ପାଇଁ ରାଜ୍ୟର ନେତୃବୃନ୍ଦ ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ନିକଟରେ ଏଆଇସିସି ଦ୍ୱାରା ନିର୍ବାଚନ ପାଇଁ ନିଯୁକ୍ତ ହୋଇଥିବା ୩ଜଣ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ରିପୋର୍ଟ ପ୍ରଦାନ କରାଯାଇଥିଲା। ଆଗାମୀ ନିର୍ବାଚନରେ ବିଜୟ ସମ୍ଭାବନା ରହିଥିବା ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦେବା ପାଇଁ ପର୍ଯ୍ୟବେକ୍ଷକ ରିପୋର୍ଟରେ ଗୁରୁତ୍ୱ ଦେଇଥିବା ସୂଚନା ମିଳିଛି। କଂଗ୍ରେସ ଦ୍ୱାରା ପ୍ରକାଶ କରାଯାଇଥିବା ଇସ୍ତାହାର ସଂପର୍କରେ ମଧ୍ୟ ସୂଚିତ କରାଯାଇଥିଲା। ରାଜ୍ୟରେ ନିର୍ବାଚନ ପ୍ରସ୍ତୁତି ସହିତ ପ୍ରଚାର ଅଭିଯାନକୁ ଜୋରଦାର କରିବା ପାଇଁ ଶ୍ରୀ ବେଣୁଗୋପାଳ ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି। ଦଳର ପ୍ରତ୍ୟେକ କର୍ମୀଙ୍କୁ ଲୋକଙ୍କ ନିକଟତର ହେବା ତଥା କଂଗ୍ରେସର ସମସ୍ତ କାର୍ଯ୍ୟକ୍ରମକୁ ଘରେ ଘରେ ପହଞ୍ଚାଇବା ପାଇଁ ଗୁରୁତ୍ୱ ଦେବାକୁ କୁହାଯାଇଛି।

## କମିଶନରେଟ ପୋଲିସ

# ଟାର୍ଗେଟରେ ନିଶାଡ଼ି ଡ୍ରାଇଭର

**ଭୁବନେଶ୍ୱର, ୨୧/୦୩ ନ୍ୟୁଜ ବ୍ୟୁରୋ**

କମିଶନରେଟ ପୋଲିସ ଟାର୍ଗେଟରେ ନିଶାଡ଼ି ଡ୍ରାଇଭର। ରାଜଧାନୀର ବିଭିନ୍ନ ସ୍ଥାନରେ ଜୋରଦାର ହୋଇଛି ଚେକିଂ। ରସୁଲଗଡ଼, ବମିଖାଲ, ଲକ୍ଷ୍ମୀସାଗର, ରାଜମହଲ, ଡେଲ୍ଟା ଛକ, ଆପୋଲୋ ହସ୍ପିଟାଲ ଓ କିଟ୍ ଛକରେ ଚେକିଂ ଓ ବ୍ଲକିଂକୁ ବ୍ୟାପକ କରାଯାଇଛି। ବୁଧବାର ସେଫ୍ ସିଟି ଡ୍ରାଇଭ ଅଧୀନରେ ୧୨ଟି ସେକ୍ସନ ଫୋର୍ସ ମୁତୟନ ହୋଇ ଚେକିଂ କରିଥିଲେ। ନିଶାପାନ କରି ଗାଡ଼ିଚଳାଉଥିବା ଡ୍ରାଇଭରଙ୍କ ବିରୋଧରେ ଆଗକୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ। ମଦ ପିଇ ଗାଡି ଚଳାଉଥିଲେ ମୋଟା ଅଙ୍କର ଜରିମାନା ସହ ଗାଡ଼ିଗୁଡିକୁ ସିଜ କରାଯିବ। ଆଗକୁ ମଧ୍ୟ ଏଭଳି ଚେକିଂ ଚାଲିବ ବୋଲି ଡିସିପି କହିଛନ୍ତି।

